ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ

Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909

QR Code Scan for Play NTv(24X7) Channel on Your Mobile Phone

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in

YouTube

NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 28 ♦ CUTTACK ♦ WEEKLY ♦ 13 TO 19 - JULY 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା - ୨୮ ♦ କଟକ ♦ ସାପ୍ତାହିକ ♦ ୧୩ ରୁ ୧୯- ଜୁଲାଇ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

## ପ୍ରଥମ ଦିନରୁ ୫୭% ସାମଗ୍ରୀ ଶୁଳ୍କମୁକ୍ତ

# ମୋଦୀଙ୍କ ଗସ୍ତ ପୂର୍ବରୁ ଭାରତକୁ ବଡ଼ ପ୍ରସ୍ତାବ ଦେଲା ନ୍ୟୁଜିଲାଣ୍ଡ



**ୱେଲିଂଟନ (ଏଜେନ୍ସି) :** ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନା ଏବଂ ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ମଧ୍ୟରେ, ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଖବର ଆସିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନ୍ୟୁଜିଲାଣ୍ଡ ଗସ୍ତ ପୂର୍ବରୁ, ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଭାରତ ସହିତ ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତିନାମା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଥିଲେ । ସେ କହିଛନ୍ତି ଯେ, ଚୁକ୍ତିନାମା କାର୍ଯ୍ୟକାରୀ ହେବା ପରେ, ନ୍ୟୁଜିଲାଣ୍ଡରୁ ଭାରତକୁ ପଠାଯାଉଥିବା ୫୭% ସାମଗ୍ରୀ ପ୍ରଥମ ଦିନରୁ ଶୁଳ୍କମୁକ୍ତ ହେବ । ଏହାକୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କରେ ଏକ ପ୍ରମୁଖ ପଦକ୍ଷେପ ଭାବରେ ବିବେଚନା କରାଯାଉଛି । ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ, ଲକ୍ସନ କହିଛନ୍ତି, ଭାରତ ସହ ଚୁକ୍ତି କରି ନ୍ୟୁଜିଲାଣ୍ଡ ବାଣିଜ୍ୟ ବୃଦ୍ଧି କରିବାକୁ ପ୍ରସ୍ତୁତ । ପ୍ରଧାନମନ୍ତ୍ରୀ ଲକ୍ସନଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ୧୦ ରୁ ୧୧ ଜୁଲାଇ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡକୁ ଦୁଇ ଦିନିଆ ଗସ୍ତ ପୂର୍ବରୁ ଏହି ଘୋଷଣା କରାଯାଇଛି । ପ୍ରାୟ ଚାରି ଦଶନ୍ଧି ମଧ୍ୟରେ ଏହି ଯାତ୍ରା ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ପ୍ରଥମ ଗସ୍ତ ହେବ । ଅକଲାଣ୍ଡରେ ରହଣି ସମୟରେ, ମୋଦୀ ତାଙ୍କର ଅଷ୍ଟ୍ରେଲୀୟ ପ୍ରତିପକ୍ଷ ଲକ୍ସନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ଏବଂ ଦୁଇ ଦେଶ ମଧ୍ୟରେ ସମ୍ପର୍କର ସମ୍ପୂର୍ଣ୍ଣ ସମୀକ୍ଷା କରିବେ । ଏହା ସହିତ ପ୍ରମୁଖ ବ୍ୟବସାୟ ଏବଂ କ୍ରୀଡା ବ୍ୟକ୍ତିତ୍ୱଙ୍କ ସହ ଆଲୋଚନା କରିବେ ଏବଂ ଭାରତୀୟ ପ୍ରବାସୀମାନଙ୍କର ଏକ ବିଶାଳ ସମାବେଶକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ଏକ ସରକାରୀ ବିଜ୍ଞପ୍ତି ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତକ୍ରମରେ ବାଣିଜ୍ୟ, ବାଣିଜ୍ୟ ଏବଂ ପ୍ରତିରକ୍ଷା ସମେତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦିଆଯିବ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ଯେ, ଦ୍ୱିପାକ୍ଷିକ ସମ୍ପର୍କ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ଗତି ହାସଲ କରିଛି ।

## 'ହର୍ମୁଜ୍' ବନ୍ଦ ହେଲେ ବି ଭାରତ ପ୍ରସ୍ତୁତ !

# ୪୧ ଦେଶର ତେଲ, ୭୪ ଦିନର ବ୍ୟାକଅପର ଅଛି ମାଷ୍ଟରପ୍ଲାନ୍



**ନୂଆଦିଲ୍ଲୀ (ଏଜେନ୍ସି) :** ଆମେରିକା-ଇରାନ ମଧ୍ୟରେ ପୁଣି ବଳ କଷାକଷି । ଚିନ୍ତାରେ ବିଶ୍ୱ ବଜାର । ଯଦି ଏହି ବିବାଦ ଯୁଦ୍ଧରେ ପରିଣତ ହୁଏ ଏବଂ ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳ ବନ୍ଦ ହୋଇଯାଏ, ତେବେ ଭାରତରେ ପେଟ୍ରୋଲ, ଡିଜେଲ ଓ ଖଟଏ ଅଭାବ ହେବ କି ? ଭାରତ ଏବେ ମଧ୍ୟ ହର୍ମୁଜ୍ ଉପରେ ନିର୍ଭରଶୀଳ କି ନା କରିସାରିଛି ମାଷ୍ଟରପ୍ଲାନ୍ ? ହର୍ମୁଜ୍ ପ୍ରଣାଳୀ ବିଶ୍ୱର ସବୁଠାରୁ ବ୍ୟସ୍ତ ତୈଳ ପରିବହନ ସମୁଦ୍ରପଥ ମଧ୍ୟରୁ ଗୋଟିଏ । ପାରସ୍ୟ ଉପସାଗରରୁ ବାହାରୁଥିବା ବହୁ ପରିମାଣର ଅଶୋଧିତ ତୈଳ ଏହି ପଥ ଦେଇ ବିଶ୍ୱ ବଜାରକୁ ପହଞ୍ଚେ । ଏହି ମାର୍ଗ ବନ୍ଦ ହେଲେ ବିଶ୍ୱ ତୈଳ ଯୋଗାଣ ଓ ଦର ଉପରେ ପ୍ରଭାବ ପଡ଼ିପାରେ । ଯଦି ଆମ୍ଭେ ପ୍ରଶ୍ନକରିବା ଭାରତ ଏବେବି ହର୍ମୁଜ୍ ଉପରେ ନିର୍ଭରଶୀଳ କି ? ଏହାର ଉତ୍ତର ମିଳିବ ଯଦି ବର୍ତ୍ତମାନର ପରିସ୍ଥିତିକୁ ଦେଖିବା ତାହେଲେ ନା । ଯୁଦ୍ଧ ପରେ ବଦଳୁଥିବା ପରିସ୍ଥିତି ଦେଖି ଭାରତ ତାହାର ଏନର୍ଜି ରଣନୀତିରେ ବଡ଼ ପରିବର୍ତ୍ତନ କରିଛି । ସରକାରଙ୍କ ଅନୁଯାୟୀ ବର୍ତ୍ତମାନ ପ୍ରାୟ ୭୦% ଅଶୋଧିତ ତୈଳ ବିକଳ୍ପ ମାର୍ଗ ଦେଇ ଆସୁଛି । ଯାହାଫଳରେ କି ହର୍ମୁଜ୍ ଉପରେ ନିର୍ଭରଶୀଳତା ଅନେକମାତ୍ରାରେ କମିଛି । ଏବେ ଭାରତ ୪୧ଟି ଦେଶରୁ ତେଲ କିଣୁଛି । ପୂର୍ବରୁ ଭାରତ ମୁଖ୍ୟତଃ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଓଡ଼ିଶାରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ

# ଗଭୀର ସମୁଦ୍ର ମାଛଧରା ମିଶନ ମତ୍ସ୍ୟଜୀବୀଙ୍କ ଭାଗ୍ୟ ବଦଳାଇବ : ଧର୍ମେନ୍ଦ୍ର ପ୍ରଧାନ




**ଭୁବନେଶ୍ୱର (ଏନ୍.ଏମ୍.) :** 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ' ଦ୍ୱାରା ବ୍ଲୁ-ଇକୋନୋମି ମାଧ୍ୟମରେ ରାଜ୍ୟର ଗ୍ରାମୀଣ ଅର୍ଥନୀତି ସମୃଦ୍ଧ ହେବ ଏବଂ ହଜାର ହଜାର ମତ୍ସ୍ୟଜୀବୀ ପରିବାର ପାଇଁ ଆଗାମୀ ଦିନରେ ନୂତନ ଜୀବିକାର ସୁଯୋଗ ସୃଷ୍ଟି ହେବ । ଆଜିର ପଦକ୍ଷେପ ମତ୍ସ୍ୟଜୀବୀ ଭାଇ ଭଉଣୀମାନଙ୍କ ଭାଗ୍ୟ ବଦାଇବା ସହ ଏହି ନୂତନ ବ୍ୟବସ୍ଥା ଦ୍ୱାରା ଆମ ରାଜ୍ୟର ମତ୍ସ୍ୟଜୀବୀ ସମବାୟ ସମିତିଗୁଡ଼ିକ ସିଧାସଳଖ ଉପକୃତ ହେବେ । ଗୁରୁବାର ଗଭୀର ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ପ୍ରାଧିକରଣ ପତ୍ର' (ଏଲଓଏ) ଆବଣ୍ଟନ ଏବଂ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ପଞ୍ଚାୟତିରାଜ, ମତ୍ସ୍ୟପାଳନ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ.ପି. ସିଂହ ବାଘେଲ ଏବଂ ଓଡ଼ିଶାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଶଂସା କରି କହିଛନ୍ତି ଯେ, ୨୦୧୪ ପରେ ଦେଶରେ ମତ୍ସ୍ୟପାଳନ ଏବଂ ଏହାର ଆନ୍ତର୍ଜାତୀୟ ବଜାର ବ୍ୟବସ୍ଥାରେ ଏକ ବ୍ୟାପକ ସୁଧାର ଆସିଛି । ବିଶ୍ୱର ବିଷମ ପରିସ୍ଥିତି ଏବଂ ବହୁ ଚ୍ୟାଲେଞ୍ଜ ସତ୍ତ୍ୱେ ଭାରତ ମାତ୍ର ୧ ବର୍ଷ ଭିତରେ ୧୧,୦୦୦ କୋଟି ଟଙ୍କାରୁ ଅଧିକ ଟଙ୍କାର ମାଛ ରପ୍ତାନି ବୃଦ୍ଧି କରିବା ସହ ୨୧% ରପ୍ତାନୀ ଅଭିବୃଦ୍ଧି ହାସଲ କରିଛି । ଏହା ଦେଶର ଅର୍ଥନୀତିକୁ ମଜବୁତ କରିବା ସହ 'ବିକଶିତ ଭାରତ'ର ସଂକଳ୍ପକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଓଡ଼ିଶାର ସମ୍ଭାବନା ଏବଂ ପ୍ରତିବେଶୀ ଆନ୍ଧ୍ରପ୍ରଦେଶ ସହ ଏହାର ତୁଳନାତ୍ମକ ଚିତ୍ର ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶ ତୁଳନାରେ ଓଡ଼ିଶାର ସମୁଦ୍ର ଉପକୂଳ (୫୭୫ କିମି) ପ୍ରାୟ ଅଧା ଏବଂ ନଦୀ-କେନାଲର ଜଳାଶୟ କ୍ଷେତ୍ରରେ ସମାନତା ଥିଲେ ମଧ୍ୟ ଓଡ଼ିଶାର ୧୨ ଲକ୍ଷ ମେଟ୍ରିକ ଟନ ମାଛ ଉତ୍ପାଦନ ସାମ୍ନାରେ ଆନ୍ଧ୍ରପ୍ରଦେଶ ପ୍ରାୟ ୪୫ ଲକ୍ଷ ମେଟ୍ରିକ ଟନ ଉତ୍ପାଦନ କରୁଛି । ଏହି ବ୍ୟବଧାନ ଆମ ପାଇଁ ଯେତିକି ବଡ଼ ଆହ୍ୱାନ, ସେତିକି ବଡ଼ ସମ୍ଭାବନା ମଧ୍ୟ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଯଦି ପାଖରେ ଚେଞ୍ଜ୍ ନାହିଁ, ତେବେ ଓହ୍ଲାଇଯାଅ

# କର୍ଣ୍ଣାଟକ ପରିବହନ ମନ୍ତ୍ରୀଙ୍କୁ ବସ୍‌ରୁ ବାହାର କଲେ କଣ୍ଡକ୍ଟର



**ବେଙ୍ଗାଲୁରୁ (ଏଜେନ୍ସି) :** ରାଜ୍ୟରେ କିଭଳି ଚାଲିଛି ଶାସନ ବ୍ୟବସ୍ଥା । କେତେଦୂର ପାଳନ ହେଉଛି ସରକାରୀ ନିୟମ ଆଉ ଲୋକେ ତାହାର ଉପଯୁକ୍ତ ସୁବିଧା ପାଉଛନ୍ତି କି ନାହିଁ ସେ ବିଷୟରେ ଜାଣିବା ପାଇଁ ଏବେ ମନ୍ତ୍ରୀମାନେ କରୁଛନ୍ତି ଅଧାରୀ ବିଜେ । ପୁରାଣ ଯୁଗରେ ସୁଶାସକମାନେ ଯେଭଳି ଛଦ୍ମବେଶରେ ରାଜ୍ୟ ପରିକ୍ରମା କରି ଲୋକଙ୍କ ଭଲମନ୍ଦ ବୁଝୁଥିଲେ ସେହିଭଳି ଏବେ ମନ୍ତ୍ରୀମାନେ ମଧ୍ୟ ଜନହୀତକର କାର୍ଯ୍ୟ କେମିତି ଚାଲିଛି ତାହା ଉପରେ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରୁଛନ୍ତି । ସେହିଭଳି କର୍ଣ୍ଣାଟକ ପରିବହନ ମନ୍ତ୍ରୀ ବାୟରଥି ସୁରେଶ ଗତ ଶନିବାର ରାତିରେ ଏକ ଦକ୍ଷିଣ ଭାରତ ଫିଲ୍ମ ଷ୍ଟାଇଲରେ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ, ସେ ସିଟି ବସ୍ ଯାତ୍ରୀମାନଙ୍କ ସମସ୍ୟା ଦେଖିଥିଲେ । ଜଣେ ବିଏମଟିସି କଣ୍ଡକ୍ଟର ମନ୍ତ୍ରୀଙ୍କ ପାଖରେ ଚେଞ୍ଜ୍ ନଥିବାରୁ ତାଙ୍କୁ ବସ୍ରୁ ଓହ୍ଲାଇବାକୁ କହିଥିଲେ । ମନ୍ତ୍ରୀ ସୁରେଶ ସହରରେ ବସ୍ ସେବା ଠିକ୍ ଚାଲିଛି ଜାଣିବା ପାଇଁ ମାସ୍କ ପିନ୍ଧି ଯାତ୍ରା କରୁଥିଲେ । ଫଳରେ ବସ୍ କଣ୍ଡକ୍ଟର ତାଙ୍କୁ ଚିହ୍ନି ପାରି ନଥିଲେ । ମନ୍ତ୍ରୀ ହେବ୍ବାଲରୁ ନାଗାଶେଟ୍ଟିହଲ୍ଲିକୁ ଏକ ବସ୍ରେ ଯାତ୍ରା କରିଥିଲେ । ସେ ବସ୍ରେ ଚଢ଼ି ଦୁଇଟି ଟିକେଟ୍ ମାଗିଥିଲେ । ସେ ବସ୍ କଣ୍ଡକ୍ଟରଙ୍କୁ ଏକ ୧୦୦ ଟଙ୍କାର ନୋଟ୍ ଦେଇଥିଲେ । କିନ୍ତୁ କଣ୍ଡକ୍ଟର ଚେଞ୍ଜ୍ ଦେବାକୁ କହିଥିଲେ । ଯେତେବେଳେ ମନ୍ତ୍ରୀ କହିଲେ ଯେ, ତାଙ୍କ ପାଖରେ ଚେଞ୍ଜ୍ ନାହିଁ, କଣ୍ଡକ୍ଟର ତାଙ୍କୁ କହିଥିଲେ ଚେଞ୍ଜ୍ ଦେଇ ପାରିବେ ନାହିଁ ତ ବସ୍ରୁ ଓହ୍ଲାଇ ଯାଅ । ମନ୍ତ୍ରୀ ମାସ୍କ ପିନ୍ଧିଥିବାରୁ ବସ୍ ଡ୍ରାଇଭର ଏବଂ କଣ୍ଡକ୍ଟର ତାଙ୍କୁ ଚିହ୍ନିପାରିଲେ ନାହିଁ । ଏହି ଘଟଣା ପରେ, ମନ୍ତ୍ରୀ କୌଣସି ସ୍ପଷ୍ଟୀକରଣ ନ ଦେଇ ବସ୍ରୁ ଓହ୍ଲାଇ ପଡ଼ିଥିଲେ । ପରେ ବସ୍ ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କୁ ନିଲମ୍ବିତ କରାଯାଇଥିଲା । ସେ ନାଗାଶେଟ୍ଟି ହାଲ୍ଲିରୁ ଏକ ଅଟୋ-ରିକ୍ସାରେ ମଧ୍ୟ ଯାତ୍ରା କରିଥିଲେ । ତାଙ୍କର ଏହି ଅଭିଜ୍ଞତା ମଧ୍ୟ ଭଲ ନଥିଲା । କାରଣ ମିଟରରେ ଭଡ଼ା ୩୦ ଟଙ୍କା ଦେଖାଯାଉଥିଲା, କିନ୍ତୁ ଡ୍ରାଇଭର ୩୬ ଟଙ୍କା ଦାବି କରିଥିଲେ । ଯେତେବେଳେ ସେ ଡ୍ରାଇଭରଙ୍କୁ ପଚରା ଉଚରା କଲେ, ସେ କହିଥିଲେ ଯେ, ମିଟର ମରାମତି କରାଯିବ । ଶେଷରେ, ମନ୍ତ୍ରୀ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଓଡ଼ିଶା ସୂଚନା ସେବା ଅଧିକାରୀମାନଙ୍କ ପାଇଁ ପ୍ରଶିକ୍ଷଣ




**ନୂଆଦିଲ୍ଲୀ / ଭୁବନେଶ୍ୱର (ଏନ୍.ଏମ୍.) :** ଓଡ଼ିଶା ସୂଚନା ସେବା (ଓଆଇଏସ) ଅଧିକାରୀମାନଙ୍କ ପାଇଁ 'ଗଣମାଧ୍ୟମ ଓ ଯୋଗାଯୋଗ' ବିଷୟ ସମ୍ପର୍କିତ ଆୟୋଜିତ ପାଞ୍ଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୩ ଜୁଲାଇ ୨୦୨୬ରେ ନୂଆଦିଲ୍ଲୀସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନ (ଆଇଆଇଏମସି)ରେ ସଫଳତାର ସହ ସମାପ୍ତ ହୋଇଛି । ଓଡ଼ିଶାରେ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକରେ ଲୋକ ସମ୍ପର୍କ ଅଧିକାରୀ, ରାଜସ୍ୱ ଆୟୁକ୍ତ (ଆରଡିସି) କାର୍ଯ୍ୟାଳୟରେ ଅବସ୍ଥାପିତ ଉପନିର୍ଦ୍ଦେଶକ (ଲୋକ ସମ୍ପର୍କ), ଜିଲ୍ଲା ମୁଖ୍ୟାଳୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆରଓ) ଏବଂ ଉପଖଣ୍ଡ କାର୍ଯ୍ୟାଳୟରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଏସଡିଆଇପିଆରଓ) ଭାବେ କାର୍ଯ୍ୟରତ ବିଭିନ୍ନ ବ୍ୟାଚ୍‌ର ୧୯ ଜଣ ଓଡ଼ିଶା ସୂଚନା ସେବା ଅଧିକାରୀଙ୍କ ପାଇଁ ୨୯ ଜୁନରୁ ୩ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଗଣମାଧ୍ୟମ ପରିଚାଳନା, ଜନସମ୍ପର୍କ, ରଣନୈତିକ ଯୋଗାଯୋଗ କୌଶଳ, ଡିଜିଟାଲ ଯୋଗାଯୋଗ, ଗଣମାଧ୍ୟମରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରୟୋଗ ଏବଂ ଜନସାଧାରଣଙ୍କ ନିକଟରେ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ପହଞ୍ଚ କ୍ଷେତ୍ରରେ ଅଧିକାରୀମାନଙ୍କ ବୃତ୍ତିଗତ ଦକ୍ଷତାକୁ ସୁଦୃଢ଼ କରିବା ଏହି ପାଠ୍ୟକ୍ରମର ଉଦ୍ଦେଶ୍ୟ ଥିଲା । ଏଥିରେ ଆଇଆଇଏମସି, ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ପ୍ରସାର ଭାରତୀ, ଜାତୀୟ ଟେଲିଭିଜନ ଗଣମାଧ୍ୟମ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ସଂସ୍ଥାର ବିଶିଷ୍ଟ ଅଧ୍ୟାପକ ଓ ବିଷୟ ବିଶେଷଜ୍ଞମାନେ ବିଭିନ୍ନ ଅଧିବେଶନରେ ଯୋଗଦେଇ ସେମାନଙ୍କର ପ୍ରାୟୋଗିକ ଅନ୍ତର୍ଦୃଷ୍ଟି ଏବଂ କ୍ଷେତ୍ରଭିତ୍ତିକ ଅଭିଜ୍ଞତା ବାଣ୍ଟିଥିଲେ ।

ଉଦଯାପନୀ ସମାରୋହରେ ପତ୍ର ସୂଚନା କାର୍ଯ୍ୟାଳୟର ପୂର୍ବତନ ମହାନିର୍ଦ୍ଦେଶକ ଜୟଦୀପ ଭଟ୍ଟନାଗର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସେ ଜନସେବାର ଏକ ପ୍ରଭାବଶାଳୀ ମାଧ୍ୟମ ଭାବେ ଫଳପ୍ରଦ ଯୋଗାଯୋଗର ପ୍ରୟୋଗ କରିବା ସହ ରାଜ୍ୟ ଓ ଦେଶର ବିକାଶ ଲକ୍ଷ୍ୟ ପୂରଣରେ ଅବଦାନ ରଖିବାକୁ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଆଇଆଇଏମସି, ନୂଆଦିଲ୍ଲୀର କୁଳପତି ଡକ୍ଟର ପ୍ରଜ୍ଞା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ବାପାଙ୍କ ଅଧୁରା ସ୍ୱପ୍ନକୁ ପୂରା କଲେ ଶୀତଲ

# ଏନଡିଏ ପାଇ ହାସଲ କଲେ ଲେଫ୍ଟନାଣ୍ଟ ଷ୍ଟାର୍



**ନୂଆଦିଲ୍ଲୀ (ଏଜେନ୍ସି) :** ଏ କାହାଣୀ କେବଳ ଏକ ସଫଳତାର ନୁହେଁ, ବରଂ ନିଜ ବାପାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବାର ଏକ ଭାବପ୍ରବଣର କଥାଟିଏ । ସୋନିପତର ଝିଅ ଶୀତଲ ମେହଲାନ । ନିଜ ବାପାଙ୍କର ଅଧୁରା ସ୍ୱପ୍ନକୁ ନିଜର ପରିଶ୍ରମ ଓ ସାହସ ଦ୍ୱାରା ପୂରଣ କରି ପାରିଛନ୍ତି । ଏନଡିଏ ପରୀକ୍ଷା ପରେ ବର୍ଦ୍ଦି ପିନ୍ଧିବା ସହ ଯେତେବେଳେ ତାଙ୍କ କାନ୍ଧରେ ଷ୍ଟାର ରଖାଗଲା, ସେହି କ୍ଷଣ କେବଳ ତାଙ୍କର ବିଜୟ ନଥିଲା, ବରଂ ପୂରା ପରିବାରର ସଂଘର୍ଷ ଓ ବଳିଦାନ ପ୍ରତି ସମ୍ମାନ କରିବା ଥିଲା ।

ଶୀତଲ ପାଠପଢାରେ ମଧ୍ୟ ତାଙ୍କର ପ୍ରତିଭା ସାବ୍ୟସ୍ତ କରିଥିଲେ । ୧୦ମ ଓ ଦ୍ୱାଦଶରେ ୯୭ ପ୍ରତିଶତରୁ ଅଧିକ ଅଙ୍କ ହାସଲ କରି ନିଜର ଚମକ ଦେଖାଇ ଥିଲେ । ଏହାପରେ ସେ ନ୍ୟାସନାଲ ଡିଫେନ୍ସ ଏକାଡେମୀ (ଏନଡିଏ)ର ପ୍ରସ୍ତୁତି ବିନା କୋଚିଂରେ ଆରମ୍ଭ କଲେ । ସେ ଏହା ସାବ୍ୟସ୍ତ କରିଦେଲେ ଯେ, ପ୍ରତି ଚ୍ୟାଲେଞ୍ଜ ପାଇଁ ସେ ପ୍ରସ୍ତୁତ । ୨୦୨୧ ମସିହାରେ ମହିଳାଙ୍କ ପାଇଁ ଏନଡିଏର ରାସ୍ତା ଖୋଲିବା କ୍ଷଣି ସେ ନିଜର ପ୍ରସ୍ତୁତିକୁ ଆହୁରି ଜୋରଦାର କରି ଦେଲେ । ଏହା ସେହି ସମୟ ଥିଲା, ଯେବେ ସ୍ୱପ୍ନକୁ ଦିଗ ଓ ପରିଶ୍ରମକୁ ଲକ୍ଷ୍ୟସ୍ଥଳ ମିଳିବାକୁ ଲାଗିଲା । ଆଖିରେ ଖୁସିର ଲୁହ ଥିଲା । ହୃଦୟରେ ଆତ୍ମସନ୍ତୋଷର ଗର୍ବ । ଯିଏବି ଏହି ଦୃଶ୍ୟ ଦେଖିଛି, ଭାବପ୍ରବଣରେ ହଜି ଯାଇଛନ୍ତି । ପଡୋଶୀମାନେ ମଧ୍ୟ ଠିଆ ହୋଇ ସଲାମ କରୁଥିଲେ । ଆପେ ଆପେ ସେମାନଙ୍କ ମୁଣ୍ଡ ନଇଁ ପଡୁଥିବା ଝିଅର ଅଜସ୍ର ଶ୍ରମ ଓ ସାହସିକତା ଆଗରେ । ସ୍ୱପ୍ନରେ ଯଦି ସତର ଖାଦ ଥାଏ, ତ ଅସମ୍ଭବକୁ ମଧ୍ୟ ସମ୍ଭବ କରାଯାଇ ପାରେ । ଏହା ହିଁ କୁହେ ଶୀତଲଙ୍କର ସଫଳତାର କାହାଣୀ ।

ଶୀତଲ ମେହଲାନ ହରିଆଣାର ସୋନିପତ ବାସିନ୍ଦା । ତାଙ୍କର ଜୀବନ ଜଣେ ସାଧାରଣ ଛାତ୍ରୀ ଭଳି ଆରମ୍ଭ ହୋଇ ଥିଲା, କିନ୍ତୁ ତାଙ୍କ ଭିତରେ ଲୁଚି ରହିଥିବା ପ୍ରତିଭା ଥିଲା ଅସାଧାରଣ । ତାଙ୍କ ବାପା ଅଶୋକ ମେହଲାନ ଜଣେ ବ୍ୟବସାୟୀ । ତାଙ୍କ ମାଆ ଜଣେ ହାଉସମେକର । ସେ ଘରର ଦାୟିତ୍ୱ ନିଅନ୍ତି । ଶୀତଲଙ୍କ ପରିବାରରେ ତାଙ୍କର ସାନ ଭାଇ ତେଜସ ମଧ୍ୟ ଅଛନ୍ତି ।

ଶୀତଲଙ୍କ ବାପା ଭାରତୀୟ ବାୟୁସେନାରେ ଭର୍ତ୍ତି ହେବାକୁ ଚାହୁଁ ଥିଲେ, କିନ୍ତୁ କିଛି କାରଣ ଯୋଗୁଁ ସେ ଯାଇ ପାରି ନଥିଲେ । ଯେବେ ଶୀତଲ ତାଙ୍କ ବାପାଙ୍କ ଅଧୁରା ସ୍ୱପ୍ନ ବିଷୟରେ ଜାଣିଲେ, ସେ ସେତେବେଳେ ସ୍ଥିର କଲେ ବାପାଙ୍କ ସେହି ଅଧା ସ୍ୱପ୍ନକୁ ପୂରା କରିବେ । ତାଙ୍କ ମାଆ ତାଙ୍କୁ ସବୁ ପ୍ରକାର ସହଯୋଗ କଲେ । ଘରର ମାହୋଲ ସାଧାରଣ ଥିଲା କିନ୍ତୁ ସ୍ୱପ୍ନ ଖୁବ୍ ବଡ଼ ଥିଲା । ଶୀତଲଙ୍କ ପାଇଁ ଏହା କେବଳ କ୍ୟାରିୟର ନୁହେଁ, ବରଂ ତାଙ୍କ ବାପାଙ୍କ ସମ୍ମାନ ଓ ପରିବାରର ଆଶାକୁ ସାକାର କରିବାର ଏକ ମିଶନ ହୋଇଗଲା । ୨୦୨୨ ମସିହାରେ ଯେତେବେଳେ ପ୍ରଥମ ଥର ମହିଳା କ୍ୟାଡେଟ୍ସର ଚୟନ ହେଲା ତ ଶୀତଲ ସମଗ୍ର ଭାରତରେ ଟପ୍ ରାଙ୍କ୍ ହାସଲ କରିଥିଲେ । ଯେବେ ଏନଡିଏ ମହିଳା କ୍ୟାଡେଟ୍ସ ପ୍ରଥମ ବ୍ୟାଚ୍ ନେଲା ତ ପୂରା ଭାରତରେ କେବଳ ୧୯ ଜଣ ଝିଅଙ୍କୁ ଚୟନ କରାଗଲା । ଶୀତଲ ସେଥିରେ ଜଣେ ଥିଲେ । ସେ ନିଜର ପ୍ରଥମ ପ୍ରୟାସରେ ଲିଖିତ ପରୀକ୍ଷା ପାସ୍ କରି ମହିଳା ପ୍ରାର୍ଥୀଙ୍କ ମଧ୍ୟରେ ଆକର୍ଷଣୀୟ ଏଆଇଆର-୯ ହାସଲ କରିଥିଲେ । ଏହାପରେ ସେ ପ୍ରୟାଗରାଜରେ ସର୍ଭିସ ସିଲେକ୍ସନ ବୋର୍ଡ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ୩ ମାସରେ ୧୩ ଜଣଙ୍କୁ ଫାଶୀଦଣ୍ଡ



ଜଜ୍ ରବି କୁମାର ଦିୱାକର

**ମୁଜଫରନଗର (ଏଜେନ୍ସି) :** ଜ୍ଞାନବାପୀ ମାମଲାରେ ନିଜ ରାୟ ପାଇଁ ସାରା ଦେଶରେ ଚର୍ଚ୍ଚାରେ ଥିବା ଜଜ୍ ରବି କୁମାର ଦିୱାକର ପୁଣି ଥରେ ଖବରରେ ଆସିଛନ୍ତି । ଏଥର କାରଣ ହେଉଛି ହତ୍ୟା ମାମଲାରେ ତାଙ୍କର କଠୋର ରାୟ । ଗତ ୬ ଏପ୍ରିଲରୁ ୬ ଜୁଲାଇ ୨୦୨୬ ମଧ୍ୟରେ ସେ ମୁଜଫଫରନଗରର ବିଭିନ୍ନ ହତ୍ୟା ମାମଲାରେ ୧୩ ଜଣ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି । ଏହାକୁ ନେଇ ନ୍ୟାୟିକ ମହଲରେ ବ୍ୟାପକ ଚର୍ଚ୍ଚା ଚାଲିଛି । ଏହି ତିନି ମାସ ମଧ୍ୟରେ ସମୀର ସୈଫୀ ହତ୍ୟାକାଣ୍ଡ, ଶେଖର ହତ୍ୟାକାଣ୍ଡ, ରାଜେଶ ଦେବୀ ହତ୍ୟାକାଣ୍ଡ, ରାଜେନ୍ଦ୍ର ସୈନୀ ହତ୍ୟାକାଣ୍ଡ, ହୋମଗାର୍ଡ ରତିରାମ ହତ୍ୟାକାଣ୍ଡ ଏବଂ ରାଜବୀର ସିଂହ ହତ୍ୟାକାଣ୍ଡ ଭଳି ମାମଲାରେ ମୋଟ ୧୩ ଜଣ ଦୋଷୀଙ୍କୁ ଫାଶୀ ସଜା ଦିଆଯାଇଛି । ଏଥିମଧ୍ୟରୁ କିଛି ମାମଲା ବହୁ ବର୍ଷ ପୁରୁଣା ଥିଲା । ସବୁଠୁ ଚର୍ଚ୍ଚିତ ରାୟ ୬ ଜୁଲାଇରେ ଆସିଥିଲା । ପ୍ରାୟ ୧୬ ବର୍ଷ ପୁରୁଣା କୃଷକ ରାଜବୀର ସିଂହ ହତ୍ୟା ମାମଲାରେ ପୂର୍ବତନ ଗ୍ରାମ ପ୍ରଧାନ ପ୍ରମୋଦ କୁମାର ଏବଂ ସହଦେବ ଓରଫ ପପ୍ପୁଙ୍କୁ ଫାଶୀ ଦଣ୍ଡ ସହ ପ୍ରତ୍ୟେକଙ୍କ ଉପରେ ୧ ଲକ୍ଷ ଟଙ୍କା ଜରିମାନା ଲାଗୁ କରାଯାଇଥିଲା । ସରକାରୀ ଓକିଲଙ୍କ କହିବା ଅନୁଯାୟୀ, ଏହି ରାୟ ପୀଡ଼ିତ ପରିବାରଙ୍କୁ ନ୍ୟାୟ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

‘ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ଦୁଇଟି ନିୟମ : ବିଫଳତାର ଉଦାସୀନତା କେବେହେଲେ ହୃଦୟକୁ ଯିବା ଅନୁଚିତ ; ସଫଳତାର ଅହଂକାର ମସ୍ତିଷ୍କକୁ ଯିବା ଅନୁଚିତ’ - ଡ. ଅବଦୁଲ କଲାମ

ସୋମବାର, ୧୩ ରୁ ୧୯ ଜୁଲାଇ, ୨୦୨୬
ନିଷ୍କର୍ଷ
NISHKARSHA



# ଦୁଇ ବର୍ଷ ପରେ ପ୍ରଥମ ଗୀତ



**ମୁମ୍ବାଇ (ଏଜେନ୍ସି) :** ପ୍ରସିଦ୍ଧ କଣ୍ଠଶିଳ୍ପୀ ଅଲକା ୟାଜ୍ଞିକଙ୍କୁ ଦୁଇ ବର୍ଷ ତଳେ ହଠାତ୍ କିଛି ଶୁଭିଲା ନାହିଁ । ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିଲା ଯେ ଭୂତାଣୁ ସଂକ୍ରମଣ ଯୋଗୁଁ ସେ ଏକ ବିରଳ ଶ୍ରବଣ ସମସ୍ୟାରେ ପୀଡ଼ିତ ! ସେବେଠାରୁ ସେ ଲୋକଲୋଚନରୁ ଏକପ୍ରକାର ଦୂରେଇ ରହିଥିଲେ । ତାଙ୍କ ଗୀତ ଗାଇବା ସଂପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ପ୍ରଶଂସକମାନେ ଗତ ମାସରେ ଯାଇ ଅଲକାଙ୍କୁ ରାଷ୍ଟ୍ରପତିଙ୍କ ହାତରୁ ପଦ୍ମଭୂଷଣ ଗ୍ରହଣ କରିବା ବେଳେ ଦେଖିବାକୁ ପାଇଥିଲେ । ଦୁଇ ବର୍ଷର ପ୍ରତୀକ୍ଷା ପରେ ଏହି ସୁପରିଚିତ ଗାୟିକାଙ୍କ କଣ୍ଠରୁ ନୂଆ ଗୀତଟିଏ ଶୁଣିବାକୁ ମିଳିଛି । ଗୀତର ନାମ ‘ଅପନା ଚେହେରା ଦିଖା’ । ଏହି ଆଲବମ୍ ଗୀତଟିର ନିର୍ଦ୍ଦେଶକ ଓ ଅନ୍ୟତମ ଗାୟକ ହେଉଛନ୍ତି ଋଷଭ କାନ୍ତ । ତେବେ ଏହି ଗୀତର ଏକ ରୋଚକ ଇତିହାସ ରହିଛି । ଦଶ ବର୍ଷ ତଳର କଥା, ଯେତେବେଳେ ଋଷଭଙ୍କ ପିତାଙ୍କ ଷ୍ଟୁଡିଓରେ ଅଲକା ଗୀତ ରେକର୍ଡ କରୁଥିଲେ । ରେକର୍ଡିଂ ସରିବା ପରେ ଋଷଭଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଗୀତଟିକୁ ତାଙ୍କ ପିତା ଅଲକାଙ୍କୁ ଶୁଣାଇଥିଲେ । ସେ ଅଲକାଙ୍କୁ ପ୍ରସ୍ତାବ ଦେଇଥିଲେ ଯେ ଗୀତଟି ଯଦି ତାଙ୍କୁ ପସନ୍ଦ ଆସୁଛି ତେବେ ସେ ସେଥିରେ କଣ୍ଠଦାନ କରିପାରିବେ । ଅଲକା ମୁଖଡ଼ା ଶୁଣି ଗାଇବାକୁ ରାଜି ହୋଇଗଲେ । ଏହା ପରେ ମାତ୍ର ୩୦ ମିନିଟରେ ଅଲକା ଗୀତଟିକୁ ସୁନ୍ଦର ଭାବେ ଗାଇ ଦେଇଥିଲେ । ସେତେବେଳେ ସଂଗୀତ ଜଗତରେ ଋଷଭ ସଂପୂର୍ଣ୍ଣ ଅଜଣା ଥିଲେ ଏବଂ ଗୀତଟିକୁ କିପରି ସଜାଇବେ ସେ ନେଇ ତାଙ୍କର ମନରେ ଦ୍ୱନ୍ଦ୍ୱ ଥିଲା । ତେଣୁ ଏହି ଗୀତଟି ସେବେ ମୁକ୍ତିଲାଭ କରିପାରି ନଥିଲା । ତେବେ ଗତ ବର୍ଷ ‘ସୈୟାରା’ ଚଳଚ୍ଚିତ୍ରର ‘ବରବାଦ’ ଗୀତର ନିର୍ଦ୍ଦେଶନା ପାଇଁ ସେ ରାତାରାତି ପ୍ରସିଦ୍ଧି ଅର୍ଜନ କରିଥିଲେ । ନିକଟରେ ସେ ଅନୁଭବ କଲେ ଯେ ଏହା ହେଉଛି ‘ଅପନା ଚେହେରା ଦିଖା’ ମୁକ୍ତିଲାଭ କରିବାର ଠିକ୍ ସମୟ, କାରଣ ଅଲକାଙ୍କ ନୂଆ ଗୀତ ଶୁଣିବାକୁ ଶ୍ରୋତାମାନେ ଆତୁର ଅଛନ୍ତି ।

# ପ୍ୟାରିସ୍ ଫ୍ୟାସନ୍ ଉଇକ୍‌ରେ ସ୍ୱାମୀଙ୍କ ସହ ଜଲୱା ଦେଖାଇଲେ ପ୍ରିୟଙ୍କା ଚୋପ୍ରା

**ମୁମ୍ବାଇ (ଏଜେନ୍ସି) :** ଏବେ ଚର୍ଚ୍ଚାରେ ରହିଛନ୍ତି ବଲିଉଡ଼ର ଚର୍ଚ୍ଚିତ ନାୟିକା ପ୍ରିୟଙ୍କା ଚୋପ୍ରା । ତାଙ୍କର ଚଳଚ୍ଚିତ୍ର ଦୁନିଆରେ ଯେତିକି ଚର୍ଚ୍ଚା ହୋଇଥାଏ ତାହା ଠାରୁ ଅଧିକ ଚର୍ଚ୍ଚା ହୋଇଥାଏ ବ୍ୟକ୍ତିଗତ ଜୀବନକୁ ନେଇ । ଏପରିକି ସେ କେଉଠି କେତେବେଳେ ପହଞ୍ଚିଲେ, ସେଠାରେ କ’ଣ କଲେ ଆଉ କିଭଳି ପୋଷାକ ପରିଧାନ କରି ସେଠାକୁ ଯାଇଛନ୍ତି ସବୁ କିଛି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଯାଏ । ତେବେ ପ୍ୟାରିସ୍ ଫ୍ୟାସନ୍ ଉଇକରେ ପ୍ରିୟଙ୍କା ଯୋଗ ଦେବାକୁ ନେଇ ମଧ୍ୟ ଚର୍ଚ୍ଚା ସୃଷ୍ଟି ହୋଇଛି । ସେ ତାଙ୍କ ସ୍ୱାମୀଙ୍କ ସହ ଝିଅଙ୍କୁ ମଧ୍ୟ ନେଇ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଚର୍ଚ୍ଚା ହୋଇଛି । ସେ ଏହି କାର୍ଯ୍ୟକ୍ରମର କିଛି ଫଟୋ ସୋସିଆଲ ମିଡିଆରେ ସେୟାର କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାମୀ ନିକ୍ ଜୋନାସଙ୍କ ସହିତ ପ୍ରିୟଙ୍କା ଚୋପ୍ରାଙ୍କ ଷ୍ଟାଇଲିସ୍ ପ୍ରବେଶ ସମସ୍ତଙ୍କୁ ମୋହିତ କରିଥିଲା । କାର୍ଯ୍ୟକ୍ରମରେ ଆଗ ଧାଡ଼ିରେ ବସିଥିବା ଏହି ଷ୍ଟାର ଦମ୍ପତି ସେମାନଙ୍କର ନିଖୁଣ ଫ୍ୟାଶନ୍ ସେନ୍ସ ପ୍ରଦର୍ଶନ କରିଥିଲେ । ସୋସିଆଲ୍ ମିଡିଆରେ ପ୍ରିୟଙ୍କା ଚୋପ୍ରା ଏବଂ ନିକ୍ ଦୁହେଁ ହାତ ଧରିଥିବାର ଦେଖାଯାଇଛି । ପ୍ରିୟଙ୍କା ଚୋପ୍ରା ଏକ କମଳା ରଙ୍ଗର ଗାଉନ୍ ଏବଂ ସନଗ୍ଲାସ୍ ପିନ୍ଧିଥିଲେ । ନିକ୍ ଜୋନାସ୍ ଏକ କ୍ଲାସିକ୍ ଗ୍ରେ ସୁଟ୍ ପିନ୍ଧିଥିଲେ । ତାଙ୍କ ଜୋତା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଘଟଣାସ୍ଥଳରେ ପହଞ୍ଚିବା ପରେ ପ୍ରିୟଙ୍କା ଏବଂ ନିକ ଦୁହେଁ କ୍ୟାମେରା ଆଗରେ ପୋଜ୍ ଦେଇଥିଲେ । ଜଣେ ଭଲ ସ୍ୱାମୀଙ୍କ ପରି ନିକ ତାଙ୍କ ପତ୍ନୀଙ୍କ ଅଣ୍ଟାରେ ହାତ ରଖି ଫଟୋ ପାଇଁ ପୋଜ୍ ଦେଇଥିଲେ । ଏପରିକି ଉଭୟେ ହାତ ଛନ୍ଦାଛନ୍ଦି ହୋଇ ବିଭିନ୍ନ ପୋଜରେ ସେ ଫଟୋ ଉଠାଉଥିବାର ଦେଖିବାକୁ ମିଳିଥିଲା । ଫଟୋ ସେସନ୍ ପରେ, ଏହି ଦମ୍ପତି ସ୍ଥାନ ଭିତରକୁ ଯାଇ ସେମାନଙ୍କ ଆଗ ଧାଡ଼ିରେ ବସିଥିଲେ । ପ୍ରିୟଙ୍କା ଚୋପ୍ରା ତାଙ୍କ ପୋଷ୍ଟରେ ଲେଖିଛନ୍ତି, ‘ନିକ୍ ଜୋନାସ୍, ଏହି ଚମତ୍କାର ସଂଗ୍ରହ ପାଇଁ ଧନ୍ୟବାଦ ।’ ସେ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ନିଜର ଏକ ଫଟୋ ମଧ୍ୟ ପୋଷ୍ଟ କରିଥିଲେ । ସେ ତାଙ୍କ ଝିଅ ମାଲତୀଙ୍କୁ ମଧ୍ୟ ନିଜ ସହିତ ନେଇଥିଲେ । ସେ ତାଙ୍କର ଏକ ଫଟୋ ମଧ୍ୟ ସେୟାର କରିଥିଲେ । ତେବେ ପ୍ରିୟଙ୍କାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ପ୍ରଶଂସକମାନେ ଜାଣିବା ପାଇଁ ବେଶ ଆଗ୍ରହୀ ଥାନ୍ତି । ତେବେ ପ୍ରିୟଙ୍କା ମଧ୍ୟ ପ୍ରଶଂସକଙ୍କୁ କେବେ ନିରାଶ କରି ନାହାନ୍ତି । ବଂର ସେ ନିଜ ଜୀବନର ଅନେକ ମୁହୂର୍ତ୍ତଗୁଡ଼ିକୁ ସୋସିଆଲ ମିଡ଼ିଆରେ ଛାଡ଼ି ପ୍ରଶଂସକଙ୍କୁ ଅଧିକ ନିଜର କରିବାରେ ସଫଳ ହୋଇ ପାରିଛନ୍ତି ।



# ଓଡ଼ିଆ ଚଳଚ୍ଚିତ୍ରକୁ ଆଗକୁ ନେଇଛି ପ୍ରଥମ ରଙ୍ଗିନ ଓଡ଼ିଆ ଚିତ୍ର ‘ଗପ ହେଲେ ବି ସତ’

୧୯୭୬ରେ ମୁକ୍ତିଲାଭ କରିଥିବା ପ୍ରଥମ ରଙ୍ଗିନ୍ ଓଡ଼ିଆ ଚଳଚ୍ଚିତ୍ର ‘ଗପ ହେଲେ ବି ସତ’ ଚଳିତ ବର୍ଷ ଅର୍ଦ୍ଧ ଶତକ ପୂରଣ କରୁଛି । ସ୍ୱାତୀ ଫିଲ୍ମସ୍ ବ୍ୟାନରରେ ନିର୍ମିତ ଏହି ସିନେମା ଜରିଆରେ ଓଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିଥିବା ନିର୍ଦ୍ଦେଶକ, କଳାକାର ଓ ଟେକ୍ନିସିଆନ୍ ପରବର୍ତ୍ତୀ ସମୟରେ ବେଶ୍ ଲୋକପ୍ରିୟ ହୋଇଥିଲେ । ସେମାନଙ୍କ ମଧ୍ୟରେ ରହିଛନ୍ତି ...

**କଟକ (ଏନ୍.ଏମ୍.) :** ସେମାନଙ୍କ ମଧ୍ୟରେ ଅଛନ୍ତି-**ନଗେନ୍ ରାୟ :** ‘କନକଲତା’ ସିନେମାରେ ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ରଙ୍କର ସହଯୋଗୀ ଥିବା ନଗେନ୍ ରାୟ ‘ଗପ ହେଲେ ବି ସତ’ ଛବିରୁ ସ୍ୱାଧୀନ ଭାବେ ନିର୍ଦ୍ଦେଶନାରେ ପାଦ ଥାପିଥିଲେ । ନଗେନ୍ ତାଙ୍କର ବନ୍ଧୁ ସୁବିମଳ ମଲ୍ଲିକଙ୍କୁ ‘କନକଲତା’ର ପ୍ରିମିୟରକୁ ନିମନ୍ତ୍ରଣ କରିଥିଲେ । ଏହି ସିନେମା ଦେଖିବା ପରେ ହିଁ ସୁବିମଳ ସିନେମା ପ୍ରଯୋଜନା କରିବାର ଇଚ୍ଛା ଜାହିର କରିଥିଲେ । ପରେ ସେ ‘ଗପ ହେଲେ ବି ସତ’ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇ ତା’ର ନିର୍ଦ୍ଦେଶନା ଦାୟିତ୍ୱ ନଗେନ୍ ରାୟଙ୍କୁ ଦେଇଥିଲେ । ‘ଗପ ହେଲେ ବି ସତ’ ପରେ ନଗେନ୍ ରାୟ ଆଉ ଏକ ଚଳଚ୍ଚିତ୍ର ‘ତପସ୍ୟା’ର ନିର୍ଦ୍ଦେଶନା ଦେଇଥିଲେ । ସେ ‘ପରସ୍ତୀ’ ଟାଇଟଲରେ ଆଉ ଏକ ଛବିର ନିର୍ଦ୍ଦେଶନା ଦେଉଥିଲେ, କିନ୍ତୁ ତାହା ଅଧାରେ ଅଟକି ଯାଇଥିଲା ।




**ସୁବିମଳ ମଲ୍ଲିକ :** ପୂର୍ବରୁ କୌଣସି ସଂପୂର୍ଣ୍ଣ ରଙ୍ଗିନ୍ ଓଡ଼ିଆ ଛବି ନିର୍ମିତ ହୋଇ ନ ଥିବା ହେତୁ ଶିଳ୍ପପତି ସୁବିମଳ ମଲ୍ଲିକ ବଜେଟକୁ ପ୍ରାଧାନ୍ୟ ନଦେଇ ‘ଗପ ହେଲେ ବି ସତ’କୁ ସଂପୂର୍ଣ୍ଣ ରଙ୍ଗିନ୍ କରିବାକୁ ନିର୍ଦ୍ଦେଶକଙ୍କୁ ପ୍ରୋତ୍ସାହିତ କରିଥିଲେ । ଏହାକୁ ଅଭୂତପୂର୍ବ ବ୍ୟାବସାୟିକ ସଫଳତା ମିଳିଥିଲା । କିନ୍ତୁ ପରେ ସେ ସିନେ ପ୍ରଯୋଜନା କ୍ଷେତ୍ରରୁ ଦୂରେଇ ଯାଇଥିଲେ ।

**ସୁରେନ୍ଦ୍ର ସାହୁ :** ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବୋଚ୍ଚ ସମ୍ମାନ ‘ଜୟଦେବ ପୁରସ୍କାର’ ପ୍ରାପ୍ତ ସିନେମାଟୋଗ୍ରାଫର୍ ସୁରେନ୍ଦ୍ର ସାହୁଙ୍କର ମଧ୍ୟ ପ୍ରଥମ ଓଡ଼ିଆ ଛବି ଥିଲା ‘ଗପ ହେଲେ ବି ସତ’ । ସେ ବମ୍ବେରେ କାମ କରୁଥିଲେ । ସଂଳାପକାର ଡାକ୍ତର ବସନ୍ତ ମହାପାତ୍ରଙ୍କ ପରାମର୍ଶ କ୍ରମେ ନିର୍ଦ୍ଦେଶକ ନଗେନ୍ ରାୟ ସୁରେନ୍ଦ୍ର ସାହୁଙ୍କ ସହ ଯୋଗାଯୋଗ କରିଥିଲେ ଓ ‘ଗପ ହେଲେ ବି ସତ’ର ସିନେମାଟୋଗ୍ରାଫି କରିବାକୁ ରାଜି କରାଇଥିଲେ । ସିନେମାକୁ ରଙ୍ଗିନ୍ କରାଇବାରେ ସୁରେନ୍ଦ୍ର ସାହୁଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ।

**ନିଖିଲ ବରଣ ସେନଗୁପ୍ତ :** ଶତାଧିକ ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ସିନେମାର କଳା ନିର୍ଦ୍ଦେଶକ ନିଖିଲ ବରଣ ସେନଗୁପ୍ତ ‘ଗପ ହେଲେ ବି ସତ’ରୁ କ୍ୟାରିଅର୍ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ସେ ଓଡ଼ିଶାର ଅଧିକାଂଶ ଆଗଧାଡ଼ିର ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କ ସିନେମାରେ କଳା ନିର୍ଦ୍ଦେଶନା ଦେବା ସହିତ କେତୋଟି ସିନେମାରେ ଅଭିନୟ ମଧ୍ୟ କରିଥିଲେ । ଖାଲି ସେତିକି ନୁହେଁ, ସେ ଜଣେ ପ୍ରଡକସନ୍ ଡିଜାଇନର୍ ବି ଥିଲେ ।

**ପି.ଡି.ସେନୟ :** ବଲିଉଡର ଜଣାଶୁଣା ଚିତ୍ରନାଟ୍ୟକାର ତଥା ନିର୍ଦ୍ଦେଶକ ପି.ଡି. ସେନୟ ମଧ୍ୟ ‘ଗପ ହେଲେ ବି ସତ’ ଜରିଆରେ ଓଲିଉଡ୍ ସହ ଜଡ଼ିତ ହୋଇଥିଲେ । ଏହାର ପ୍ରାୟ ୧୦ ବର୍ଷ ପରେ ତାଙ୍କ ନିର୍ଦ୍ଦେଶିତ ଓଡ଼ିଆ ଫିଲ୍ମ ‘ସପନ ବଣିକ’ ୧୯୮୬ରେ ମୁକ୍ତିଲାଭ କରିଥିଲା ।

**ନିହାରିକା ସାହୁ :** ଯଦିଓ ବରିଷ୍ଠ ଅଭିନେତ୍ରୀ ନିହାରିକା ସାହୁ ଅନ୍ୟ ଏକ ଓଡ଼ିଆ ଚଳଚ୍ଚିତ୍ର ଜରିଆରେ ଅଭିନୟ ଜୀବନ ଆରମ୍ଭ କରିଥିଲେ, କିନ୍ତୁ ତାହା ଅଧାରେ ଅଟକି ରହିଥିଲା । ଆଉ ତାଙ୍କ ଅଭିନୀତ ଓ ପ୍ରଥମ ମୁକ୍ତିପ୍ରାପ୍ତ ଓଡ଼ିଆ ଛବି ଥିଲା ‘ଗପ ହେଲେ ବି ସତ’ ।

**ଅମିତ କୁମାର :** ବଲିଉଡର ପ୍ରଖ୍ୟାତ କଣ୍ଠଶିଳ୍ପୀ ଅମିତ କୁମାର ‘ଗପ ହେଲେ ବି ସତ’ ଜରିଆରେ ଓଲିଉଡ଼ରେ ପଦାର୍ପଣ କରିଥିଲେ । ସେ ଗାଇଥିବା ‘ଏ ମୋର ଦୋସ୍ତ...’ ଓ ‘ଏ ବନର ଛାଇ ଯହିଁ ପ୍ରଥମ ପ୍ରେମ ସପନ...’ ଖୁବ୍ ଲୋକପ୍ରିୟ ହୋଇଥିଲା । ଏହାପରେ ଅମିତ କୁମାର ଉଦୟ ଶଙ୍କର ପାଣିଙ୍କ ନିର୍ଦ୍ଦେଶିତ ଓଡ଼ିଆ-ବଙ୍ଗଳା ଦ୍ୱିଭାଷୀ ଛବି ‘ମିଛ ମାୟା ସଂସାର’ ରେ ବି କଣ୍ଠଦାନ କରିଥିଲେ ।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ :** ସୋମବାର : ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ । ଶୁକ୍ର ଓ ଶନିବାର : ଶିକ୍ଷକଙ୍କର ସହଯୋଗ ପାଇବେ । ରବିବାର ପାରିବାରିକ ସୁଖ ମିଳିବ ।

**ବୃଷ :** ସୋମବାର : ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ । ଶୁକ୍ର ଓ ଶନିବାର : ଘରର ପରିବେଶ ଭଲ ରହିବ । ରବିବାର : ଲାଭବାନ ହେବେ ।

**ମିଥୁନ :** ସେମାବାର : ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ । ଶୁକ୍ର ଓ ଶନିବାର : ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି । ରବିବାର :ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ ।

**କର୍କଟ :** ସୋମବାର : ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ । ମଙ୍ଗଳ, ବୁଧ ଓ ଗୁରୁବାର : ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ । ଶୁକ୍ର ଓ ଶନିବାର : ବ୍ୟବସାୟରେ ବିକ୍ରୀ ବଢ଼ିବ । ରବିବାର : ମନବାଞ୍ଛା ପୂର୍ଣ୍ଣ ହେବ ।

**ସିଂହ :** ସୋମବାର : ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ । ମଙ୍ଗଳ, ବୁଧ ଓ ଗୁରୁବାର : ମନ ଆଧାତ୍ମିକ ଦିଗରେ ଲାଗି ରହିବ । ଶୁକ୍ର ଓ ଶନିବାର : କିଛିନା କିଛି ଇଚ୍ଛା ପୂରା ହେବ । ରବିବାର : ନୂତନ କାର୍ଯ୍ୟରେ ଯୋଗଦେବେ ।

**କନ୍ୟା :** ସୋମବାର : କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର ଓ ଶନିବାର : ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ । ରବିବାର : କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ ।

**ତୁଳା :** ସୋମବାର : ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ । ମଙ୍ଗଳ, ବୁଧ ଓ ଗୁରୁବାର : ବେକାରଙ୍କୁ ରୋଜଗାର ମିଳିବ । ଶୁକ୍ର ଓ ଶନିବାର : ବିଶେଷ କାମରେ ବାଧା ଉପୁଜିପାରେ । ରବିବାର : ହଠାତ୍ ଅସୁସ୍ଥ ଅନୁଭବ କରିବେ ।

**ବିଛା :** ସୋମବାର : ବ୍ୟବସାୟରେ ସବୁ ଭଲ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ । ଶୁକ୍ର ଓ ଶନିବାର : ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ । ରବିବାର : ବ୍ୟବସାୟରେ ଲାଭବାନ ହେବେ ।

**ଧନୁ :** ସୋମବାର : କୌଣସି କାମରେ ଅଧିକ ସମୟ ବ୍ୟୟ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : ନୂଆ ଲୋକଙ୍କ ସହିତ ସଂପର୍କ ହେବ । ଶୁକ୍ର ଓ ଶନିବାର : କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ । ରବିବାର : ଅଯଥାରେ ସମୟ ଅତିବାହିତ ହେବ ।

**ମକର :** ସୋମବାର : ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ । ମଙ୍ଗଳ, ବୁଧ ଓ ଗୁରୁବାର : ଉପାର୍ଜନ ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର : କାରବାରରେ ସଫଳତା ପାଇବେ । ରବିବାର : କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ ।

**କୁମ୍ଭ :** ସୋମବାର : ସାମାଜିକ କାର୍ଯ୍ୟରେ ସମୟ ଦେବେ । ମଙ୍ଗଳ, ବୁଧ ଓ ଗୁରୁବାର : ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର : ନୂଆ କାର୍ଯ୍ୟରେ ରୁଚି ବଢ଼ିବ । ରବିବାର : ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ ।

**ମୀନ :** ସୋମବାର : ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ । ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ । ଶୁକ୍ର ଓ ଶନିବାର : ଆୟ ବୃଦ୍ଧି ହେବ । ରବିବାର : ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ ।

## ଖାଲି ପେଟରେ ପାଣି ପିଇବାର ଲାଭ

ସକାଳେ ଉଠିବା ପରେ ଖାଲି ପେଟରେ ପାଣି ପିଇବାକୁ ନେଇ ଅନେକ ମତ ରହିଛି । କେହି କୁହନ୍ତି ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ, ଓଜନ କମାଇଥାଏ ଏବଂ ପାଚନ ଶକ୍ତି ବଢ଼ାଇଥାଏ ।

ଶରୀରର ପ୍ରାୟ ୬୦ ପ୍ରତିଶତ ଅଂଶ ପାଣିରେ ଗଠିତ । ପାଚନ ପ୍ରକ୍ରିୟା, ରକ୍ତ ସଞ୍ଚାଳନ, ଶରୀରର ତାପମାତ୍ରା ନିୟନ୍ତ୍ରଣ, ପୋଷକ ତତ୍ତ୍ୱ ଓ ଅକ୍ସିଜେନ୍ ପରିବହନ ସହିତ ପ୍ରତ୍ୟେକ ଅଙ୍ଗର ସ୍ୱାଭାବିକ କାର୍ଯ୍ୟ ପାଇଁ ପାଣି ଅତ୍ୟନ୍ତ ଜରୁରୀ । ସେଥିପାଇଁ ଶରୀରରେ ପାଣିର ଅଭାବ ହେଲେ କ୍ଳାନ୍ତି, ମୁଣ୍ଡବିନ୍ଧା, କୋଷ୍ଠକାଠିନ୍ୟ ଓ ଅନ୍ୟାନ୍ୟ ସମସ୍ୟା ଦେଖା ଦେଇପାରେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ୬ରୁ ୮ ଘଣ୍ଟାର ନିଦ ସମୟରେ ଶରୀରକୁ ପାଣି ମିଳିନଥାଏ । ଏହି କାରଣରୁ ସକାଳେ ଉଠିବା ପରେ ପାଣି ପିଇଲେ ଶରୀର ପୁଣିଥରେ ହାଇଡ୍ରେଟେଡ୍ ହୋଇଥାଏ । ଏହା ଶରୀରର ସାଧାରଣ କାର୍ଯ୍ୟକୁ ସକ୍ରିୟ କରିବାରେ ସହାୟକ ହୋଇପାରେ ।

ଖାଲି ପେଟରେ ପାଣି ପିଇଲେ ମିଳେ କି ଅଧିକ ଲାଭ ?

ଏକ ସୂଚନା ଅନୁଯାୟୀ, ସକାଳେ ପାଣି ପିଇବା ଦ୍ୱାରା ଶରୀରକୁ ପୁନଃ ହାଇଡ୍ରେଟ୍ କରିବାରେ ସହାୟତା ମିଳେ । କିନ୍ତୁ ବର୍ତ୍ତମାନ ସୁଦ୍ଧା ଏଭଳି କୌଣସି ଦୃଢ଼ ବୈଜ୍ଞାନିକ ପ୍ରମାଣ ନାହିଁ । ସକାଳେ ଖାଲି ପେଟରେ ପାଣି ପିଇବା ଦିନର ଅନ୍ୟ ସମୟରେ ପାଣି ପିଇବା ଅପେକ୍ଷା ଅଧିକ ସ୍ୱାସ୍ଥ୍ୟ ଲାଭ ଦେଇଥାଏ । କିନ୍ତୁ ସବୁଠାରୁ ବଡ଼ କଥା ହେଉଛି ସାରା ଦିନ ଶରୀରକୁ ପର୍ଯ୍ୟାପ୍ତ ପାଣି ଯୋଗାଇବା ବମ୍ ବଡ଼ଦାୟିତ୍ୱ ।

ଦିନକୁ କେତେ ପାଣି ପିଇବା ଉଚିତ ?

ପାଣିର ଆବଶ୍ୟକତା ଶରୀର ଅନୁଯାୟୀ ହୋଇଥାଏ । ବୟସ, ଋତୁ, ପାଣିପାଗ, ଶାରୀରିକ ପରିଶ୍ରମ ଏବଂ ସ୍ୱାସ୍ଥ୍ୟ ଅବସ୍ଥା ଉପରେ ଏହା ନିର୍ଭର କରେ । ଖରାଦିନ, ବ୍ୟାୟାମ କିମ୍ବା ଅଧିକ ଝାଳରେ କାମ କରୁଥିଲେ ଶରୀରକୁ ଅଧିକ ପାଣି ଆବଶ୍ୟକ ହୋଇଥାଏ । ବିଶେଷଜ୍ଞମାନଙ୍କ ପରାମର୍ଶ ଅନୁଯାୟୀ, ଶୋଷ ଲାଗିବା ପର୍ଯ୍ୟନ୍ତ ଅପେକ୍ଷା ନକରି ଦିନସାରା ଅଳ୍ପ ଅଳ୍ପ କରି ପାଣି ପିଇବା ଭଲ । ଏହାଛଡ଼ା ଫଳ, ପନିପରିବା, କ୍ଷୀର ଓ ଅନ୍ୟ ତରଳ ଖାଦ୍ୟରୁ ମଧ୍ୟ ଶରୀର ପାଣି ପାଇଥାଏ ।

### ମା’ରାଣ ଦେହକୁ ନେବେନି...

ବିଧୁଟି ମିଷ୍ଟ୍ରୀ ଖୋଲୁଅଛି ଏବେ
କିଏ କଲା ଦୁରୁନୀତି...
ଜମି ବିକାକିଣା ଭିତରେ ପୁଲିସି
ଜୀବନ ସହିଲା କ୍ଷତି...
ପଡିଲାନି ଜମା ଯତି...
ଆସିଷ୍ଟାଣ୍ଟ ଯଦି ବେଈମାନ ହବ
କିଏ ବା ପାରିବ ଜିତି... ?



- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ମେଥି ରାଇସ



**ଆବଶ୍ୟକ ସାମଗ୍ରୀ :**

ଭଲ ଅରୁଆ ଚାଉଳ ୧ କପ୍, ଭଲ ଭାବରେ ସଫା ହୋଇଥିବା ୧ ଚାମଚ ଗୁଣ୍ଡ ମେଥି ପତ୍ର, ୪ଟି କଞ୍ଚା ଲଙ୍କା, ୧ ଚାମଚ ମେଥି ମଞ୍ଜି, କିଛି କଞ୍ଚା ମଟର, ୨ ଚାମଚ ରିଫାଇନ୍ ତେଲ, ଏକ ଚିମୁଟାଏ ହଳଦୀ ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ

**ପ୍ରସ୍ତୁତି ପ୍ରଣାଳୀ :**

ପ୍ରଥମେ ଏକ ପାତ୍ରରେ ପାଣି ଗରମ କରି ସେଥିରେ ଅରୁଆ ଚାଉଳ ଭଲ ଭାବେ ଧୋଇ ପକାଇଦିଅନ୍ତୁ । ଏହାକୁ ଭାତ ରାନ୍ଧନ୍ତୁ । ଭାତ ରାନ୍ଧିହେବା ପରେ ଏହାକୁ ପେଜ ଗାଳି ଭାତଗୁଡ଼ିକୁ ଅଲଗା ରଖିଦିଅନ୍ତୁ । ଅନ୍ୟ ଏକ ପ୍ୟାନରେ ତେଲ ଗରମ କରି ମେଥି ମଞ୍ଜି ଏବଂ କଞ୍ଚା ଲଙ୍କା କାଟି ସେଥିରେ ପକାନ୍ତୁ । ଏହାପରେ ଏଥିରେ କଞ୍ଚା ମଟର ମଞ୍ଜି ମଧ୍ୟ ପକାଇ ଦିଅନ୍ତୁ । ସେଗୁଡ଼ିକ ଛିଞ୍ଚି ପଡ଼ିଲେ, ମେଥି ପତ୍ର, ହଳଦୀ ଗୁଣ୍ଡ ଏବଂ ଲୁଣ ପକାନ୍ତୁ । ୨-୩ ମିନିଟ୍ ପାଇଁ ଭାଜନ୍ତୁ । ଏହା ଭଲଭାବରେ ଭାଜି ହୋଇଗଲେ ସେଥିରେ ପୂର୍ବରୁ ରନ୍ଧା ହୋଇଥିବା ଭାତ ପକାଇ ଭଲ ଭାବରେ ମିଶାଇ ଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ମେଥି ରାଇସ । ଏହାକୁ ଆଳୁ କରି କିମ୍ବା ଚିକେନ୍ କରି ସହିତ ଗରମ ଗରମ ପରିବେଷଣ କରନ୍ତୁ ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




# ପିଏମ ମୋଦୀଙ୍କ ବଡ କୁଟନୈତିକ ବିଜୟ

## ଅଷ୍ଟ୍ରେଲିଆରୁ ୟୁରାନିୟମ ଆଣିବ ଭାରତ, ଚୁକ୍ତି ସ୍ୱାକ୍ଷରିତ



**ନୂଆଦିଲ୍ଲୀ (ଏଜେନ୍ସି):** ଇଣ୍ଡୋନେସିଆ ଗସ୍ତ ସାରି ଅଷ୍ଟ୍ରେଲିଆରେ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପ୍ରବଳ ସ୍ୱାଗତ କରାଯାଇଥିଲା। ତାଙ୍କ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଦୁଇ ଦେଶ ମଧ୍ୟରେ ୟୁରାନିୟମ୍ ଯୋଗାଣ ସମ୍ପର୍କରେ ଅଷ୍ଟ୍ରେଲିଆ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତିକୁ ଭାରତ ପାଇଁ ଏକ ବଡ଼ ବିଜୟ ବୋଲି ବିବେଚନା କରାଯାଉଛି। ଏହାକୁ ଭାରତର ଶକ୍ତି ମହତ୍ତ୍ୱାକାଂକ୍ଷା ଦିଗରେ ଏକ ବଡ଼ ପଦକ୍ଷେପ ଭାବରେ ଦେଖାଯାଉଛି। ଭାରତର ଜନସଂଖ୍ୟା ହେତୁ ବିଦ୍ୟୁତ୍ ପାଇଁ ବହୁତ ଚାହିଦା ରହିଛି। ଏହି ସମୟରେ, ଅଷ୍ଟ୍ରେଲିଆ ୟୁରାନିୟମ୍ ଭଣ୍ଡାର ଜାଣିଛି ଯାହାକୁ ସେ ବ୍ୟବହାର କରେ ନାହିଁ। ତଥାପି, ଅନେକ ଆଇନଗତ ପ୍ରତିବନ୍ଧକ ଏବଂ ରାଜନୈତିକ ସମ୍ବେଦନଶୀଳତା ବାଣିଜ୍ୟକୁ ଆଗକୁ ବଢ଼ିବାରୁ ବାଧା ଦେଇଛି। ଉଭୟ ଦେଶ ଏକ ମିଳିତ ବିବୃତ୍ତି ମଧ୍ୟ ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯେ ଏହି ବ୍ୟବସ୍ଥା ଅଧୀନରେ, ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଓଇଏଇ) ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡ ମଧ୍ୟରେ କେବଳ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ ଦୀର୍ଘକାଳୀନ ବ୍ୟବହାର ପାଇଁ ୟୁରାନିୟମ୍ ରପ୍ତାନି କରାଯାଇ ପାରିବ। ଅଷ୍ଟ୍ରେଲିଆ ବିଶ୍ୱର ୟୁରାନିୟମ୍ ଭଣ୍ଡାରର ୨୮% ରଖେ। ଏହା ନା ପରମାଣୁ ଶକ୍ତି ବ୍ୟବହାର କରେ ନା ଅସ୍ତ୍ର ଉତ୍ପାଦନ କରେ। ଏହା ଏହାର ସମସ୍ତ ୟୁରାନିୟମ୍ ରପ୍ତାନି କରେ। ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତ ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ ପରମାଣୁ ଶକ୍ତି କ୍ଷମତା ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ୬ କୋଟି ଭାରତୀୟ ଘରକୁ ବିଦ୍ୟୁତ୍ ଯୋଗାଇବ। ଭାରତ ଗତ ଦଶନ୍ଧି ଗୁଡ଼ିକରେ ଏହାର ପରମାଣୁ ଶକ୍ତି କ୍ଷମତା ଦ୍ୱିଗୁଣିତ କରିଛି, କିନ୍ତୁ ୟୁରାନିୟମ୍ ଅଭାବ ଯୋଗୁଁ ମୋଟ ବିଦ୍ୟୁତ୍ ଉତ୍ପାଦନରେ ଏହାର ଅଂଶ ମାତ୍ର ୩ ପ୍ରତିଶତ। ଭାରତ ୧୯୭୪ ମସିହାରେ ପ୍ରଥମ ପରମାଣୁ ପରୀକ୍ଷଣ କରିଥିଲା। ୧୯୯୮ ମସିହାର ପରମାଣୁ ପରୀକ୍ଷଣ ପରେ, ଭାରତ ଏକ ଅନ୍ତର୍ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିବନ୍ଧକ ଏବଂ ୟୁରାନିୟମ୍ ବାଣିଜ୍ୟ ଉପରେ ପ୍ରତିବନ୍ଧକର ଶିକାର ହୋଇଥିଲା। କିନ୍ତୁ, ୨୦୦୮ ମସିହାରେ ପରିସ୍ଥିତି ପରିବର୍ତ୍ତନ ହୋଇଥିଲା ଯେତେବେଳେ ପରମାଣୁ ଯୋଗାଣକାରୀ ଗୋଷ୍ଠୀ ଭାରତକୁ ଏହାର ସଦସ୍ୟ ମାନଙ୍କ ଠାରୁ ୟୁରାନିୟମ୍ କ୍ରୟ କରିବାକୁ ଛାଡ଼ ଦେଇଥିଲା। ଏହା ସହିତ, ଦୁଇ ଦେଶ ମିଳିତ ଭାବରେ ଭାରତ ମହାସାଗରରେ ଅଷ୍ଟ୍ରେଲିଆର କୋକୋସ୍ କିଲିଙ୍ଗ ଦ୍ୱୀପପୁଞ୍ଜରେ ଏକ ଅସ୍ଥାୟୀ ମହାକାଶ ଟ୍ରାକିଂ ଟର୍ମିନାଲ ନିର୍ମାଣ କରିବେ। ଏହା ଭାରତର ମହାକାଶ ଉଡ଼ାଣ ପ୍ରକଳ୍ପଗୁଡ଼ିକୁ ସମର୍ଥନ କରିବ।

### ମୁଣ୍ଡ ଉପରେ ଘୂରୁଛି ଅଦୃଶ୍ୟ ବିପଦ

## ବନ୍ଦ ହୋଇପାରେ ଜିପିଏସ-ଇଣ୍ଟରନେଟ୍ ସେବା !

**ନୂଆଦିଲ୍ଲୀ(ଏଜେନ୍ସି) :** ଆପଣ ଭାବୁଥିବେ ବିପଦ କେବଳ ପୃଥିବୀରେ ରହିଛି। କିନ୍ତୁ ଆମ ମୁଣ୍ଡ ଉପରେ, ମହାକାଶରେ ଘୁରୁଛି ହଜାର ହଜାର ଟନର ମାନବ ନିର୍ମିତ ଅଳିଆ। ଏହି ଅଦୃଶ୍ୟ ବିପଦ ଯଦି କୌଣସି ଉପଗ୍ରହକୁ ଧକ୍କା ଦିଏ, ତେବେ ଗୋଟିଏ ମୁହୂର୍ତ୍ତରେ ଠପ୍ ହୋଇପାରେ ଜିପିଏସ, ଇଣ୍ଟରନେଟ୍, ମୋବାଇଲ୍ ନେଟୱର୍କ ଓ ପାଣିପାଗ ସେବା। ବୈଜ୍ଞାନିକଙ୍କ ଚେତାବନୀ ପରେ ଏବେ ସାରା ବିଶ୍ୱର ନଜର ଏହି ବଢୁଥିବା ବିପଦ ଉପରେ। ପୃଥିବୀର କକ୍ଷପଥରେ ବଢୁଥିବା ମାନବ ନିର୍ମିତ ମହାକାଶ ଅଳିଆ ବିଶ୍ୱ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଅଚଳ ଉପଗ୍ରହ, ପରିତ୍ୟକ୍ତ ରକେଟ୍ ପର୍ଯ୍ୟାୟ ଏବଂ ଭାଙ୍ଗି ଯାଇଥିବା ମହାକାଶଯାନର ଅଂଶଗୁଡ଼ିକ ଅତ୍ୟଧିକ ବେଗରେ କକ୍ଷପଥରେ ଘୁରୁଛି। ଫଳରେ ଉପଗ୍ରହ ଧକ୍କା, ଯୋଗାଯୋଗ ବ୍ୟବସ୍ଥାରେ ବାଧା ଏବଂ ପୃଥିବୀକୁ ମହାକାଶ ଅଳିଆ ଖସିପଡ଼ିବାର ବିପଦ ଲଗାତାର ବଢ଼ି ଚାଲିଛି। ବୈଜ୍ଞାନିକମାନଙ୍କ ସବୁଠାରୁ ବଡ଼ ଚିନ୍ତା ହେଉଛି 'କେସଲର ସିଣ୍ଡ୍ରୋମ୍'।



୧୯୭୮ ମସିହାରେ ନାଶାର ବୈଜ୍ଞାନିକ ଡୋନାଲ୍ଡ କେସଲର ଏହି ତତ୍ତ୍ୱ ଦେଇଥିଲେ। ଏହା ଅନୁଯାୟୀ, କକ୍ଷପଥରେ ଭଗ୍ନାବଶେଷର ସଂଖ୍ୟା ବଢ଼ିଲେ ସେଗୁଡ଼ିକ ପରସ୍ପର ସହ ଧକ୍କା ହୋଇ ଆହୁରି ଅଧିକ ଖଣ୍ଡରେ ପରିଣତ ହେବ। ଏହି ଚେନ୍ ରିଆକ୍ସନ୍ ପୃଥିବୀର କକ୍ଷପଥକୁ ଅଧିକ ବିପଦପୂର୍ଣ୍ଣ କରିପାରେ ଏବଂ ଭବିଷ୍ୟତରେ ନୂଆ ଉପଗ୍ରହ ଉତକ୍ଷପଣରେ ମଧ୍ୟ ସମସ୍ୟା ସୃଷ୍ଟି ହେବ। ମହାକାଶ ଅଳିଆ ଉପଗ୍ରହ ପାଇଁ ସବୁଠାରୁ ବଡ଼ ବିପଦ। ଏହା ସହ ଧକ୍କା ହେଲେ ଜିପିଏସ ନାଭିଗେସନ୍, ଇଣ୍ଟରନେଟ୍, ମୋବାଇଲ୍ ଯୋଗାଯୋଗ, ଟେଲିଭିଜନ ପ୍ରସାରଣ ଓ ଅନ୍ୟାନ୍ୟ ସାଟେଲାଇଟ୍ ନିର୍ଭରଶୀଳ ସେବା ବାଧାପ୍ରାପ୍ତ ହୋଇପାରେ। ପାଣିପାଗ ଉପଗ୍ରହ କ୍ଷତିଗ୍ରସ୍ତ ହେଲେ ଘୂର୍ଣ୍ଣିଝଡ଼ ଓ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟର ସଠିକ୍ ପୂର୍ବାନୁମାନ ମଧ୍ୟ ପ୍ରଭାବିତ ହେବ। ବୈଜ୍ଞାନିକମାନେ ଆହୁରି ସତର୍କ କରିଛନ୍ତି ଯେ, ମହାକାଶ ଅଳିଆର କିଛି ଅଂଶ ପୁଣିଥରେ ପୃଥିବୀର ବାୟୁମଣ୍ଡଳକୁ ପ୍ରବେଶ କରୁଛି। ବିଶେଷକରି ବିମାନ ପଥରେ ଏହା ଖସିପଡ଼ିବାର ଆଶଙ୍କା ବଢୁଛି। ବିମାନର ଝରକା କିମ୍ବା ଇଞ୍ଜିନରେ ଛୋଟ ଧାତବ ଖଣ୍ଡ ଧକ୍କା ହେଲେ ମଧ୍ୟ ବଡ଼ ବିମାନ ଦୁର୍ଘଟଣା ଘଟିପାରେ। ନିକଟରେ ଅଷ୍ଟ୍ରେଲିଆ ଉପକୂଳରେ ଏକ ବିଶାଳ ରକେଟ୍ ଅଂଶ ଏବଂ କେନିଆରେ ମହାକାଶ ଉପକରଣର ବଡ଼ ଧାତୁ ଖଣ୍ଡ ମିଳିବା ଘଟଣା ଏହି ବିପଦକୁ ଆହୁରି ସ୍ପଷ୍ଟ କରିଛି। ବୈଜ୍ଞାନିକଙ୍କ ଆକଳନ ଅନୁସାରେ, ବର୍ତ୍ତମାନ ପୃଥିବୀ ଚାରିପାଖରେ ୧୩ ହଜାର ଟନରୁ ଅଧିକ ମାନବ ନିର୍ମିତ ମହାକାଶ ଅଳିଆ ଘୂରି ବୁଲୁଛି। ୧୦ ସେଣ୍ଟିମିଟରରୁ ବଡ଼ ୩୦ ହଜାରରୁ ଅଧିକ ବସ୍ତୁକୁ ଟ୍ରାକ୍ କରାଯାଉଥିବା ବେଳେ, ୧ ସେଣ୍ଟିମିଟରରୁ ବଡ଼ ପ୍ରାୟ ୧୦ ଲକ୍ଷ କ୍ଷୁଦ୍ର ଖଣ୍ଡ କକ୍ଷପଥରେ ରହିଛି। ଏହି ଛୋଟ ଛୋଟ ଖଣ୍ଡଗୁଡ଼ିକୁ ଚିହ୍ନଟ କରିବା କଷ୍ଟକର ହୋଇଥିବାରୁ ସେଗୁଡ଼ିକ ଅଧିକ ବିପଦପୂର୍ଣ୍ଣ ବୋଲି ବୈଜ୍ଞାନିକମାନେ କହୁଛନ୍ତି। ମହାକାଶରେ ବଢୁଥିବା ଏହି ଅଳିଆ ଆଉ କେବଳ ବୈଜ୍ଞାନିକଙ୍କ ଚିନ୍ତା ନୁହେଁ, ବରଂ ଆମ ଦୈନନ୍ଦିନ ଜୀବନ, ଯୋଗାଯୋଗ ବ୍ୟବସ୍ଥା ଓ ଭବିଷ୍ୟତର ମହାକାଶ ଅଭିଯାନ ପାଇଁ ଏକ ବଡ଼ ବିପଦର ସତର୍କ ଘଣ୍ଟି। ସମୟ ଥିବାବେଳେ ପଦକ୍ଷେପ ନିଆନଗଲେ, ଭବିଷ୍ୟତରେ ଆକାଶରେ ଘୂରୁଥିବା ଏହି ଅଦୃଶ୍ୟ ଅଳିଆ ପୃଥିବୀର ଜୀବନକୁ ନଷ୍ଟ କରିଦେବ।

# ଗାଜାରୁ ହଟିଲା ହମାସର ଶାସନ

**ପାଲେଷ୍ଟାଇନ୍(ଏଜେନ୍ସି) :** ବିଗତ ପ୍ରାୟ ଦୁଇ ଦଶନ୍ଧି ଧରି ଗାଜା ଷ୍ଟ୍ରିପରେ ଶାସନ ଗାଦି ସମ୍ଭାଳିଥିବା ପାଲେଷ୍ଟାଇନର ସଶସ୍ତ୍ର ସଂଗଠନ 'ହାମାସ' ସେଠାରେ ନିଜର ଶାସନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଭଙ୍ଗ କରିବା ସହ ନିଜର ବେସାମରିକ ପ୍ରଶାସନିକ ଦାୟିତ୍ୱ ଏକ ବୈଷୟିକ (ଟେକ୍ନୋକ୍ରାଟିକ୍) କମିଟିକୁ ହସ୍ତାନ୍ତର କରିବା ପାଇଁ ବଡ଼ ନିଷ୍ପତ୍ତି ନେଇଛି। ଆମେରିକାର ମଧ୍ୟସ୍ଥତାରେ ଗତ ଅକ୍ଟୋବର ମାସରେ ଇସ୍ରାଏଲ ସହ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ପରଠାରୁ ହିଁ ହାମାସ ପ୍ରଶାସନିକ ଦାୟିତ୍ୱରୁ ଦୂରେଇ ରହିବାକୁ ବାରମ୍ବାର ସଙ୍କେତ ଦେଇ ଆସୁଥିଲା। ଏହି ଐତିହାସିକ ନିଷ୍ପତ୍ତି ପରେ ଗାଜାରେ ଏକ ନୂତନ ପ୍ରଶାସନିକ ଗଠନ ପାଇଁ ରାସ୍ତା ସଫା ହୋଇଥିଲେ ମଧ୍ୟ, ହାମାସର ସମ୍ପୂର୍ଣ୍ଣ ନିରସ୍ତ୍ରୀକରଣ ପ୍ରସଙ୍ଗ ଏବେ ସୁଦ୍ଧା ଅମୀମାଂସିତ ହୋଇ ରହିଛି। ଗାଜାର ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ ସରକାରୀ ଜରୁରୀକାଳୀନ କମିଟିର ମୁଖ୍ୟ ମହମ୍ମଦ ଅଲ-ଫାରା ନିଜ ପଦରୁ ଇସ୍ତଫା ଦେବା ସହ ଏହି ସଂଗଠନକୁ ଭଙ୍ଗ କରାଯାଇଥିବା ସ୍ପଷ୍ଟ କରିଛନ୍ତି, ଯାହାଦ୍ୱାରା ନୂତନ ଶାସନ ପ୍ରକ୍ରିୟା ସହଜ ହୋଇପାରିବ। ହାମାସର ଏହି ପଦକ୍ଷେପ ପରେ ଏବେ ଗାଜା ଶାସନ



ଦାୟିତ୍ୱ 'ନ୍ୟାସନାଲ କମିଟି ଫର ଦି ଆଡମିନିଷ୍ଟ୍ରେସନ ଅଫ ଗାଜା' (ଏନସିଏଜି) ହାତକୁ ଯିବ, ଯାହା ଆମେରିକା ସମର୍ଥିତ ଯୋଜନା ଅନୁଯାୟୀ ସେଠାକାର ବେସାମରିକ ଶାସନ ବ୍ୟବସ୍ଥାର ତଦାରଖ କରିବ। ହାମାସ ପ୍ରବକ୍ତା ହାଜେମ କାସେମ ଗଣମାଧ୍ୟମକୁ କହିଛନ୍ତି ଯେ, ସେମାନେ ଗାଜା ଉପରେ ଚାଲିଥିବା ଇସ୍ରାଏଲର ଆକ୍ରମଣର ସମସ୍ତ ବାହାନାକୁ ଶେଷ କରିବା ପାଇଁ ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି ଏବଂ ଖୁବଶୀଘ୍ର ନୂତନ ପ୍ରଶାସନିକ କମିଟି ଗାଜାରେ କାର୍ଯ୍ୟଭାର ଗ୍ରହଣ କରିବ। ଅନ୍ୟପଟେ, ଏନସିଏଜିର ମୁଖ୍ୟ ଅଲ୍ଲୀ ଶାଥ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଆବଶ୍ୟକୀୟ ସମ୍ବଳ ମିଳିବା ମାତ୍ରେ ଦାୟିତ୍ୱ ନେବାକୁ କମିଟି ପ୍ରସ୍ତୁତ ଥିବା କହିଛନ୍ତି। ଏହି ଶାସନ ପରିବର୍ତ୍ତନ ଉପରେ ନଜର ରଖିଥିବା ଆମେରିକା ପ୍ରତିଷ୍ଠିତ ''ବୋର୍ଡ ଅଫ ପିସ ଫର ଗାଜା''ର ଉଚ୍ଚ ପ୍ରତିନିଧି ନିକୋଲାୟ ମ୍ଲାଡେନୋଭ ମଧ୍ୟ ଏହାକୁ ଶାନ୍ତି ପ୍ରକ୍ରିୟା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି। ତେବେ ଇସ୍ରାଏଲର କେତେକ ଆପତ୍ତି ଯୋଗୁଁ ନୂତନ କମିଟି ଗାଜା ଭିତରକୁ ପ୍ରବେଶ କରିବାରେ ସାମାନ୍ୟ ବିଳମ୍ବ ହେଉଥିବା ବେଳେ, ଇସ୍ରାଏଲ ସ୍ପଷ୍ଟ କରିଛି ଯେ ସେ ହାମାସକୁ କୌଣସି ପରିସ୍ଥିତିରେ ଗାଜା ଚଳାଉବାକୁ ଦେବନାହିଁ ଏବଂ ବର୍ତ୍ତମାନ ପାଇଁ ୱେଷ୍ଟ ବ୍ୟାଙ୍କ ଶାସନ କରୁଥିବା ପାଲେଷ୍ଟାଇନ ଅଥରିଟିକୁ ମଧ୍ୟ ଏହି କ୍ଷମତା ହସ୍ତାନ୍ତର କରାଯିବ ନାହିଁ।

# ଆଇନ ଅଦାଲତ

## ଘଟଣାକ୍ରମ ଗୋଟିଏ ହେଲେ ଏକାଧିକ ଅପରାଧ, ଦଣ୍ଡାଦେଶ ଏକକାଳୀନ ଲାଗୁ ହେବ : ହାଇକୋର୍ଟ

**କଟକ(ଏନ୍.ଏମ୍.) :** ଯଦି ଗୋଟିଏ ଘଟଣାକ୍ରମ ମଧ୍ୟରେ ଏକାଧିକ ଅପରାଧ ଘଟେ, ତେବେ ସେସବୁର ଜେଲ୍ ଦଣ୍ଡାଦେଶ ଗୋଟିଏ ପରେ ଗୋଟିଏ ନୁହେଁ ବରଂ ଏକକାଳୀନ ଲାଗୁ ହେବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀର ରମେଶ ଚନ୍ଦ୍ର ବେହେରାଙ୍କ ପକ୍ଷରୁ ଆଗତ ଏକ କ୍ରିମିନାଲ୍ ରିଭିଜନ୍ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ ଭି. ନରସିଂହ ଏହି ଆଦେଶ ଦେଇଛନ୍ତି। ଏଥିସହିତ ଅଦାଲତ ଅଭିଯୁକ୍ତଙ୍କୁ ଜେଲ୍ ନ ପଠାଇ "ପ୍ରୋବେସନ୍ ଅଫ୍ ଅଫେଣ୍ଡର୍ସ ଆକ୍ଟ-୧୯୫୮' ଆଧାରରେ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ସୂଚନା ଯୋଗ୍ୟ ଯେ, ୨୦୨୩



ମସିହା ମାର୍ଚ୍ଚ ୧୭ ତାରିଖରେ ଫୁଲବାଣୀ ଟାଉନ ଥାନା ଅଞ୍ଚଳରେ ଆସାମୀ ରମେଶ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲା। ଏଥିରେ ପୀଡ଼ିତା ଏବଂ ତାଙ୍କ ପୁଅ ଏହାର ବିରୋଧ କରିବାରୁ ରମେଶ ଏକ ଶାବଳ ଦ୍ୱାରା ଉଭୟଙ୍କୁ ଆକ୍ରମଣ କରିଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ କୋର୍ଟ ଆସାମୀକୁ ଗିରଫ କରିଥିଲେ। ଫୁଲବାଣୀ ମହିଳା କୋର୍ଟ (ଜେଏମଏଫସି) ଏହି ମାମଲାର ବିଚାର କରି ରମେଶଙ୍କୁ ଆଇପିସିର ଧାରା ୪୫୧ (ଗୃହ ପ୍ରବେଶ) ପାଇଁ ୧ ବର୍ଷ ଜେଲ୍ ଓ ଧାରା ୩୨୩ (ଆକ୍ରମଣ) ପାଇଁ ୬ ମାସ ଜେଲ୍ ଦଣ୍ଡ ଦେବା ସହ ଏହି ଦଣ୍ଡ ଗୋଟିଏ ପରେ ଗୋଟିଏ ଲାଗୁ ହେବ ବୋଲି ନିର୍ଦ୍ଦେଶ ଦେଇଥିଲେ। ପରେ ଫୁଲବାଣୀ ଜିଲ୍ଲା ଜଜ୍ କୋର୍ଟ ଏହି ଦଣ୍ଡକୁ ସଂଶୋଧନ କରି ଉଭୟ ଧାରାରେ ୬ ମାସ ଲେଖାଏଁ ଜେଲ୍ ଦଣ୍ଡାଦେଶ ଦେଇଥିଲେ ମଧ୍ୟ ଗୋଟିଏ ପରେ ଗୋଟିଏ ଜେଲ୍ ଦଣ୍ଡ ଲାଗୁ ହେବ ବୋଲି ଆଦେଶ ଦେଇଥିଲେ। ଏହି ଆଦେଶ ବିରୋଧରେ ଆସାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ଏକ ରାୟକୁ ଉଦାହାରଣ ଭାବେ ନେଇ ଯଦି ଗୋଟିଏ ଘଟଣା କ୍ରମରେ ଏକାଧିକ ଅପରାଧିକ କାର୍ଯ୍ୟ ହୋଇଥିବ ସେଭଳି କ୍ଷେତ୍ରରେ ଦଣ୍ଡାଦେଶ ଏକତ୍ର ଚାଲିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

## ବିଧାନସଭା ସଚିବାଳୟ ରିପୋର୍ଟର୍ସ ନିଯୁକ୍ତି ମାମଲା

### ବାତିଲ୍ ଆଦେଶ ହାଇକୋର୍ଟରେ ଖାରଜ, ଆବେଦନକାରୀଙ୍କୁ ୪ ସପ୍ତାହ ମଧ୍ୟରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ

**କଟକ(ଏନ୍.ଏମ୍.):** ଓଡ଼ିଶା ବିଧାନସଭା ସଚିବାଳୟ ରିପୋର୍ଟର୍ସ ନିଯୁକ୍ତି ସଂକ୍ରାନ୍ତ ବିଜ୍ଞପ୍ତିକୁ ରଦ୍ଦ କରିବା ଆଦେଶକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ଆବେଦନକାରୀଙ୍କୁ ୪ ସପ୍ତାହ ମଧ୍ୟରେ ନିଯୁକ୍ତି ଦେବାକୁ ବିଧାନସଭା ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ସୌରଭ ରାଉତ ଏବଂ ବିଶ୍ୱଜ୍ୟୋତି ବେହେରାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ଏହି ରାୟ ଦେଇଛନ୍ତି। ୨୦୨୧ ମସିହାରେ ଓଡ଼ିଶା ବିଧାନସଭା ସଚିବଙ୍କ ପକ୍ଷରୁ ୭ରିପୋର୍ଟର୍ସ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନକାରୀ ଦ୍ୱୟଙ୍କ ସମେତ ଅନ୍ୟମାନେ ଏହି ପଦ ଲାଗି ଚୟନ ହୋଇଥିଲେ। ପ୍ରାର୍ଥୀମାନଙ୍କ ନିଯୁକ୍ତିକୁ ଅନୁମୋଦନ ନିମନ୍ତେ ଚୟନ ବୋର୍ଡ ଗଠନ କରାଗଲା। କିନ୍ତୁ ବିନା କୌଣସି କାରଣ ଦର୍ଶାଇ ବୋର୍ଡକୁ ବନ୍ଦ କରି ଦିଆଗଲା। ଫଳରେ ଆବେଦନକାରୀ ମାନେ ନିଯୁକ୍ତି ପାଇପାରିନଥିଲେ। ଏହାକୁ ଚାଲେଞ୍ଜ କରି ସେମାନେ ହାଇକୋର୍ଟକୁ ଆସିଥିଲେ। ୨୦୨୩ ମସିହାରେ ହାଇକୋର୍ଟ ଏହି ମାମଲାରେ ରାୟ ପ୍ରକାଶ କରି ପ୍ରତିପକ୍ଷଙ୍କୁ ଆବେଦନକାରୀଙ୍କ ନିଯୁକ୍ତି ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ବିରୋଧରେ ରାଜ୍ୟ ବିଧାନସଭା ହାଇକୋର୍ଟକୁ ରିଟ୍ ଅପିଲରେ ଆସିଥିଲେ। ଏହି ମାମଲାର ଶୁଣାଣି ଅବସରରେ ଚୟନ ବୋର୍ଡ ପକ୍ଷରୁ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ବାତିଲ୍ କରିଦିଆଯାଇଛି ବୋଲି ଅଦାଲତଙ୍କୁ ଦର୍ଶାଯାଇଥିଲା। ଫଳରେ ଉଭୟ ଆବେଦନକାରୀ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ରାୟ ପ୍ରକାଶ କରିବା ଅବସରରେ କହିଛନ୍ତି ଯେ, ଯାଞ୍ଚପାଇଁ ଅରିଜିନାଲ୍ ଡକ୍ୟୁମେଣ୍ଟ ନମିଳିବା କାରଣରୁ ଚୟନ ପ୍ରକ୍ରିୟାକୁ ବାତିଲ୍ କରି ଦିଆଯାଇଛି ବୋଲି ପ୍ରତିପକ୍ଷଙ୍କୁ ପକ୍ଷରୁ ଦର୍ଶାଯାଇଛି। ନିଯୁକ୍ତି ପ୍ରକ୍ରିୟା ଶେଷ ହେବାର ପ୍ରାୟ ଦେଢ଼ ବର୍ଷ ପରେ ଯେଉଁ ଆଳ ଦେଖାଇ ପୂରା ନିଯୁକ୍ତି ପ୍ରକ୍ରିୟାକୁ ବାତିଲ୍ କରାଗଲା ତାହା ଯଥାର୍ଥ ନୁହେଁ।

## ନାବାଳକ ଯୌନ ନିର୍ଯାତନା ମାମଲା: ଉର୍ଦ୍ଦୁ ଶିକ୍ଷକ ହାଫିଜ୍‌ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**କଟକ(ଏନ୍.ଏମ୍.):** ଏକ ନାବାଳକ ଦୁଷ୍କର୍ମ ମାମଲାର ଶୁଣାଣି କରି କଟକ ଆଡ୍-ହକ୍ ଅତିରିକ୍ତ ଦେ?ରା ଜଜ୍ (ଏଫଟିଏସସି-୧)ଙ୍କ ଅଦାଲତ ମାମଲାର ପ୍ରମୁଖ ଆସାମୀ ଉର୍ଦ୍ଦୁ ଶିକ୍ଷକ ହାଫିଜ୍ ନୁର୍ ଅର୍ଡାଜ୍ ଓରଫ ଅଖତର (୨୦)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି।

ବିଚାରପତି ପିକେ ଦାସ ପୋକସୋ ଆଇନର ଧାରା ୬ରେ ହାଫିଜକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜରିମାନା ରାଶି ଅନାଦେୟ କ୍ଷେତ୍ରରେ ଆସାମୀକୁ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ପ୍ରକାଶିତ ରାୟରେ ସ୍ପଷ୍ଟ କରାଯାଇଛି। ଏଥି ସହିତ ପୀଡ଼ିତ ବାଳକକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ସମାଜରେ ଶିକ୍ଷକଙ୍କ ସ୍ଥାନ ବହୁ ଉଚ୍ଚରେ ହୋଇଥିବା ବେଳେ ଏହି ମାମଲାରେ ଶିକ୍ଷକ ଭୂମିକା ନିର୍ବାହ ବେଳେ ଆସାମୀ କରିଥିବା କୁକାର୍ଯ୍ୟ ନିନ୍ଦାର ବିଷୟ। ଏଭଳି ଅପରାଧ ପାଇଁ ଉପଯୁକ୍ତ ଦଣ୍ଡ ପ୍ରଦାନ କରାଯିବା ଉଚିତ ବୋଲି ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ ୭ ବର୍ଷୀୟ ବାଳକଙ୍କୁ ଉର୍ଦ୍ଦୁ ଶିକ୍ଷା ପ୍ରଦାନ ପାଇଁ ହାଫିଜ ତାଙ୍କ ଘରକୁ ସଂଧ୍ୟାରେ ଯାଉଥିଲା। ହାଫିଜ ପଢାଇବା ବେଳେ ପରିବାର ସଦସ୍ୟଙ୍କ ଅନୁପସ୍ଥିତି ଦେଖି ପୀଡ଼ିତ ନାବାଳକଙ୍କୁ ଯେ?ନ ନିର୍ଯାତନା ଦେଉଥିଲା। ମାଡ଼ ମାରୁଥିଲା। ଭୟଭୀତ କରି ନାବାଳକ ସହିତ ଦୁଷ୍କର୍ମ କରୁଥିଲା। ପରେ ପୀଡ଼ିତ ନାବାଳକ ଏ ନେଇ ପରିବାର ସଦସ୍ୟଙ୍କୁ କହିଥିଲା।

୨୦୨୫, ଅଗଷ୍ଟ ୨୩ରେ ପୀଡ଼ିତଙ୍କ ପରିବାର ପକ୍ଷରୁ କ୍ୟାଣ୍ଟନମେଣ୍ଟ ଥାନାରେ ଏତଲା ଦିଆଯାଇଥିଲା। ପୁଲିସ ମାମଲା ରୁଜୁ କରି ହାଫିଜକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଘଟଣାର ତଦନ୍ତ ତତ୍କାଳୀନ କ୍ୟାଣ୍ଟନମେଣ୍ଟ ଥାନା ଏସଆଇ ମୋତିଲାଲ ମାରାଣ୍ଡି କରିଥିଲେ। ୨୦୨୫, ଅକ୍ଟୋବର ୨୧ରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ। ନଭେମ୍ବର ୧୪ରେ ଅଦାଲତରେ ଚାର୍ଜଫ୍ରେମ ହୋଇଥିଲା ଓ ଡିସେମ୍ବର ୩ରେ ସାକ୍ଷ୍ୟଗ୍ରହଣ ଆରମ୍ଭ ହୋଇଥିଲା। ମାମଲାର ଶୁଣାଣି ସମୟରେ ପ୍ରସିକ୍ୟୁସନ ତରଫରୁ ୯ଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶୁଭନାରାୟଣ ଦାସ ମାମଲା ପରିଚାଳନା କରୁଥିଲେ।

## କଲ୍ୟାଣସିଂହପୁର ଭିଡ଼ହିଂସା ମାମଲା, ସରିଲା ୨୪ ଅଭିଯୁକ୍ତଙ୍କ ଟିଆଇ ପରେଡ୍, ବିଚାରପତିଙ୍କ ଆଗରେ ପୀଡ଼ିତାଙ୍କ ବୟାନ ରେକର୍ଡ

**ରାୟଗଡ଼ା(ଏନ୍.ଏମ୍.):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଇନ୍ତାଲିଗୁଡ଼ା ଭିଡ଼ହିଂସା ମାମଲାରେ ପୁଲିସ୍ ଆଉ ପାଦେ ଆଗେଇଛି। ଏହି ହିଂସା ମାମଲାରେ ଜଡ଼ିତ ଥିବା ଅଭିଯୁକ୍ତମାନଙ୍କର ଟିଆଇ ପରେଡ ଶେଷ ହୋଇଥିବାବେଳେ ପୀଡ଼ିତା ନିଜେ ବିଚାରପତିଙ୍କ ସମ୍ମୁଖରେ ବୟାନ ରଖିଛନ୍ତି। ଏହି ଘଟଣାକୁ ପ୍ରଶାସନ ଗୁରୁତ୍ୱର ସହ ନେଇଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ, ବିଷମକଟକ କାରାଗାରରେ ଗତ ସୋମବାର ୨୪ ଅଭିଯୁକ୍ତଙ୍କ ଟିଆଇ ପରେଡ୍ କରାଇଛି। ବିଷମକଟକ ଜେଏମ୍ଏଫ୍ସି ବିଚାରପତି ପୂଜା ଜୈନଙ୍କ ଉପସ୍ଥିତିରେ ଏହା କରାଯାଇଛି। ଏଥିସହ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଭିଡ଼ହିଂସା ମାମଲାରେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ। ଏଥିରେ ସମ୍ପୃକ୍ତ କୌଣସି ଅଭିଯୁକ୍ତକୁ ଛଡ଼ାଯିବ ନାହିଁ ବୋଲି ପୂର୍ବରୁ କହିଥିଲେ ଏସ୍ପି ରାଜ୍ ପ୍ରସାଦ। ସେହି ଆଧାରରେ ରବିବାର ରାୟଗଡ଼ା କାରାଗାରରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପୁଲିସ୍ ସମସ୍ତ



ଅଭିଯୁକ୍ତଙ୍କୁ ବିଷମକଟକ କାରାଗାରକୁ ନେଇଥିଲା। ଗତ ସୋମବାର ପୂର୍ବାହ୍ନରେ ସେଠାରେ ପୀଡ଼ିତାଙ୍କ ଦ୍ୱାରା ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ଏଭଳି ବ୍ୟବସ୍ଥା କରାଯାଇଥିଲା। ଜେଏମ୍ଏଫ୍ସିଙ୍କ ସମ୍ମୁଖରେ ପୀଡ଼ିତା ଘଟଣା ସମ୍ପର୍କରେ କହିଥିଲେ। ଏହି ସମୟରେ ପୀଡ଼ିତାଙ୍କ ସମସ୍ତ ବୟାନ ରେକର୍ଡ କରାଯାଇଥିଲା। ମାମଲାରେ ସମ୍ପୃକ୍ତ କେତେକ ଅଭିଯୁକ୍ତଙ୍କୁ ପୀଡ଼ିତା ଚିହ୍ନଟ କରିଥିବା ଜଣାପଡ଼ିଛି। ସୂଚନାଥାଉ କି, ଦିଲ୍ଲୀର ସୁମନ ଝା' ଓ ଗୁଜରାଟର ଜଣେ ସାଥୀ ଏକ ସ୍ୱେଚ୍ଛାସେବୀ ସଂସ୍ଥାର ଫେଲୋସିପ୍ କାର୍ଯ୍ୟକ୍ରମରେ ଯୋଗଦେଇ ଆଦିବାସୀ ଅଞ୍ଚଳରେ କାମ କରୁଥିଲେ। ଗତ ଜୁନ୍ ୧୬ ତାରିଖରେ ଦାରିଙ୍ଗବାଡ଼ିରୁ କଳାହାଣ୍ଡିର ଥୁଆମୂଳରାମପୁର ଯାଉଥିଲେ। ଗୁଗୁଲ୍ ମ୍ୟାପରେ ଭୁଲ୍ ରାସ୍ତା ଦେଖାଇବାରୁ ସେମାନେ କଲ୍ୟାଣସିଂହପୁର ଅଞ୍ଚଳରେ ପହଞ୍ଚିଥିଲେ। ପ୍ରଥମେ ଲାଞ୍ଜିଗଡ଼ ବ୍ଲକ୍ ସିଲେଟ୍ ପଞ୍ଚାୟତର ଦାଣ୍ଡପଦର, କାନ୍ଦୁଲଗୁଡ଼ା ଓ ସାନକୁଆଁଙ୍ଗରେ ସେମାନେ ଦୁର୍ବ୍ୟବହାରର ଶିକାର ହୋଇଥିଲେ। ପରେ କଲ୍ୟାଣସିଂହପୁର ବ୍ଲକ୍ ଧାମୁଣିପଙ୍ଗା ପଞ୍ଚାୟତର ପେଡ଼ିପଦର, ଧାମୁଣିପଙ୍ଗା, କଟିକିନାଳ ଓ କଦଭଙ୍ଗାରେ ମଧ୍ୟ ହଇରାଣ ହୋଇଥିଲେ। ସେମାନେ ପିଲାଚୋର ବୋଲି ଗୁଜବ ପ୍ରଚାରିତ ହେବା ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। କଲ୍ୟାଣସିଂହପୁର ସଦର ପଞ୍ଚାୟତର ଇନ୍ତାଲିଗୁଡ଼ା ଓ ସାଇନଗର ଅଞ୍ଚଳରେ ଶତାଧିକ ଲୋକଙ୍କ ଭିଡ଼ ଜମା ହୋଇଥିଲା। ଉଭୟ ସ୍ୱେଚ୍ଛାସେବୀଙ୍କୁ ସେଠାରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ମାମଲାରେ ପୁଲିସ୍ ୨୪ ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ମୋଟ ୫୦ଜଣଙ୍କ ନାଁରେ ପୁଲିସ୍ ମାମଲା ରୁଜୁ ହୋଇଛି।



## ସମ୍ପାଦକୀୟ

# ଶାନ୍ତିର ଶବଯାତ୍ରା : ଯୁଦ୍ଧର ଅଗ୍ନିରେ ଜଳୁଛି ବିଶ୍ୱ

ଯୁଦ୍ଧ କେବେ ବି କୌଣସି ଜାତିର ଗୌରବ ନୁହେଁ । ଯୁଦ୍ଧ ହେଉଛି ମାନବ ସଭ୍ୟତାର ସବୁଠାରୁ ବଡ଼ ପରାଜୟ । ଆଜି ବିଶ୍ୱ ପୁଣି ସେହି ପରାଜୟର ଦ୍ୱାରରେ ଠିଆ ହୋଇଛି । ଜୁଲାଇ ୬ ତାରିଖ ୨୦୨୬ ପରେ ମଧ୍ୟପ୍ରାଚ୍ୟ ପୁଣି ଥରେ ରକ୍ତରଞ୍ଜିତ ହୋଇଛି । ଯୁକ୍ତରାଷ୍ଟ୍ର ଆମେରିକାର ଆକ୍ରମଣାତ୍ମକ ଯୁଦ୍ଧମାନିଆ ନୀତି ଏବଂ ଇରାନ୍‌ର ଦୃଢ଼ ପ୍ରତିରୋଧ ମଧ୍ୟରେ ଏକ ଭୟଙ୍କର ସଂଘର୍ଷ ପୁନର୍ଜୀବିତ ହୋଇଛି । ଜୁନ୍ ମାସର ନାଜୁକ ଯୁଦ୍ଧବିରତି ଏବଂ ସମଝୌତା ଏକ ଧୂଳିସାତ୍ ମିଥ୍ୟା ପ୍ରମାଣିତ ହୋଇଛି । ଇରାନ୍ ଦ୍ୱାରା ହର୍ମୁଜ୍ ପ୍ରଣାଳୀରେ ବାଣିଜ୍ୟିକ ଜାହାଜଗୁଡ଼ିକୁ ଆକ୍ରମଣ କରିବା ପରେ ଟ୍ରମ୍ପ୍ ପ୍ରଶାସନ ତା'ର ସାମ୍ରାଜ୍ୟବାଦୀ ନଖ ଦେଖାଇ ଇରାନର ଉପକୂଳ ଏବଂ ସୈନ୍ୟ ସ୍ଥାପନାଗୁଡ଼ିକୁ ନିଷ୍ଠୁର ଆଘାତ କରିଛି । ଏହା କେବଳ ଏକ ଦ୍ୱିପାକ୍ଷିକ ସଂଘର୍ଷ ନୁହେଁ–ଏହା ବିଶ୍ୱର ଶକ୍ତିଶାଳୀ ଦେଶଗୁଡ଼ିକର ଅହଂକାରୀ ଆକ୍ରମଣ ଏବଂ ଇରାନ୍ ଜାତିର ଅଟଳ ସ୍ୱାଧୀନତା ସଂଘର୍ଷର ପ୍ରତୀକ । ଯୁକ୍ତରାଷ୍ଟ୍ରର ଏହି ନିର୍ଦ୍ଦୟ ଆକ୍ରମଣ ଇତିହାସର ପୁରୁଣା କଳା ଅଧ୍ୟାୟର ପୁନରାବୃତ୍ତି । ଫେବ୍ରୁଆରୀ ୨୮ ତାରିଖରେ ଆରମ୍ଭ ହୋଇଥିବା ଯୁଦ୍ଧରେ ଇରାନର ସର୍ବୋଚ୍ଚ ନେତା ଆୟତୋଲ୍ଲା ଆଲି ଖାମେନେଇଙ୍କ ହତ୍ୟା ଏକ ଘୃଣ୍ୟ ଷଡ଼ଯନ୍ତ୍ରର ପରିଣାମ ଥିଲା । ଯୁକ୍ତରାଷ୍ଟ୍ର ଏବଂ ତା'ର ମିତ୍ର ଇସ୍ରାଏଲ୍ ଇରାନର ନେତୃତ୍ୱକୁ ଚୂର୍ଣ୍ଣ କରିବାକୁ ଚାହୁଁଥିଲେ, କିନ୍ତୁ ଇରାନୀୟ ଜାତି ଏବଂ ତା'ର ବିପ୍ଳବୀ ଗାର୍ଡ୍ସ ଏକ ଦୃଢ଼ ପ୍ରତିରୋଧ ଗଢ଼ି ତୁଳେଇଛନ୍ତି । ମିସାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ ଦ୍ୱାରା ସେମାନେ ଆମେରିକୀୟ ଘାଟି ଏବଂ ଆରବ୍ ରାଜ୍ୟଗୁଡ଼ିକୁ ଲକ୍ଷ୍ୟ କରି ପ୍ରତିଶୋଧ ନେଇଛନ୍ତି । ହର୍ମୁଜ୍ ଅବରୋଧ କରି ବିଶ୍ୱ ତୈଳ ଯୋଗାଣକୁ ଚ୍ୟାଲେଞ୍ଜ କରିଛନ୍ତି– ଏହା ଇରାନର ସ୍ୱାଧୀନତାର ଘୋଷଣା । ଜୁନ୍ ମାସର ସମଝୌତା ଏକ ଧୂର୍ତ୍ତ ଫାନ୍ଦ ଥିଲା । ଟ୍ରମ୍ପ୍ ପ୍ରଶାସନ ଇରାନକୁ ଦୁର୍ବଳ କରିବା ପାଇଁ ସମୟ କିଣିଥିଲା । କିନ୍ତୁ ଜୁଲାଇ ୬-୭ ତାରିଖରେ ଇରାନର ଆକ୍ରମଣ ପରେ ଟ୍ରମ୍ପ୍ ମୁଖ୍ୟମୁଖି ହୋଇ "ଯୁଦ୍ଧବିରତି ସମାପ୍ତ" ଘୋଷଣା କରି ପୁଣି ଥରେ ନିଷ୍ଠୁର ବୋମା ବର୍ଷଣ ଆରମ୍ଭ କରିଛନ୍ତି । ଜୁଲାଇ ୭ ଏବଂ ୯ ତାରିଖରେ ଯୁକ୍ତରାଷ୍ଟ୍ରର ବାୟୁସେନା ଇରାନର ଉପକୂଳୀୟ ଲକ୍ଷ୍ୟ, ରାଡାର ସ୍ଥାପନା ଏବଂ ରେଭୋଲ୍ୟୁସନାରୀ ଗାର୍ଡ୍ସର ନୌକାଗୁଡ଼ିକୁ ଧ୍ୱଂସ କରିଛି । ଇରାନ୍ ପ୍ରତିଶୋଧ ସ୍ୱରୂପ କୁଏତ୍, ବାହାରୀନ୍ ଏବଂ ଅନ୍ୟାନ୍ୟ ଆମେରିକୀୟ ଘାଟିଗୁଡ଼ିକୁ ଆକ୍ରମଣ କରିଛି । ଯୁକ୍ତରାଷ୍ଟ୍ରର ଏହି ଆକ୍ରମଣ ସାମ୍ରାଜ୍ୟବାଦୀ ଅହଂକାରର ପ୍ରତୀକ । ସେମାନେ ଇରାନର ପାରମାଣବିକ୍ କାର୍ଯ୍ୟକ୍ରମକୁ ଦମନ କରିବା ନାମରେ ଏକ ସ୍ୱାଧୀନ ଦେଶର ସାର୍ବଭୌମତ୍ୱକୁ ପାଦତଳେ ଦଳି ଦେଉଛନ୍ତି । ଇରାନ୍ କେବଳ ନିଜର ସୁରକ୍ଷା ଏବଂ ଅଧିକାର ରକ୍ଷା କରୁଛି । ହର୍ମୁଜ୍ ତା'ର ନିଜର ଜଳସୀମା– ସେଠାରେ ନିୟନ୍ତ୍ରଣ କରିବା ତା'ର ଅଧିକାର । କିନ୍ତୁ ଆମେରିକା ଏହାକୁ ଚ୍ୟାଲେଞ୍ଜ କରି ତୈଳ ସଙ୍କଟ ସୃଷ୍ଟି କରୁଛି ଯାହା ବିଶ୍ୱର ଗରିବ ଦେଶଗୁଡ଼ିକୁ ସବୁଠାରୁ ଅଧିକ ପ୍ରଭାବିତ କରୁଛି । ତୈଳ ମୂଲ୍ୟ ଆକାଶ ଛୁଇଁଛି, ମୂଲ୍ୟସ୍ଫୀତି ବଢୁଛି ଏବଂ ଲକ୍ଷଲକ୍ଷ ଲୋକ ଦାରିଦ୍ର୍ୟ ଏବଂ କ୍ଷୁଧାର ଶିକାର ହେଉଛନ୍ତି । ଇରାନର ପ୍ରତିରୋଧ ବୀରତ୍ୱପୂର୍ଣ୍ଣ । ସେମାନେ ଆମେରିକୀୟ ଯୁଦ୍ଧମାନିଆ ନୀତିର ସାମ୍ନାରେ ମୁଣ୍ଡ ଉଚ୍ଚ କରି ଛିଡ଼ା ହୋଇଛନ୍ତି । ରେଭୋଲ୍ୟୁସନାରୀ ଗାର୍ଡ୍ସର ସାହସ ଏବଂ ଇରାନୀୟ ଜନତାର ଦୃଢ଼ତା ଆମେରିକାର ଯୁଦ୍ଧ ଯନ୍ତ୍ରକୁ ଚ୍ୟାଲେଞ୍ଜ କରୁଛି । କିନ୍ତୁ ଏହି ଯୁଦ୍ଧର ଭୟଙ୍କର ମୂଲ୍ୟ ଦେଉଛି ସାଧାରଣ ନାଗରିକମାନେ । ହଜାର ହଜାର ମୃତ୍ୟୁ, ନଗର ଧ୍ୱଂସ ଏବଂ ଅର୍ଥନୈତିକ ବିପର୍ଯ୍ୟୟ ଇରାନକୁ ଗ୍ରାସ କରୁଛି । ଯୁକ୍ତରାଷ୍ଟ୍ରର ଆକ୍ରମଣ ମାନବୀୟ ଅପରାଧ । ବିଶ୍ୱ ନେତୃତ୍ୱର ନିଷ୍କ୍ରିୟତା ଲଜ୍ଜାଜନକ । ୟୁନାଇଟେଡ୍ ନେସନ୍ସ ଏକ ଅସହାୟ ଦର୍ଶକ ପରି ଛିଡ଼ା ହୋଇଛି । ଚୀନ୍ ଏବଂ ରୁଷିଆ ଇରାନକୁ ସମର୍ଥନ କରୁଥିବା ସତ୍ତ୍ୱେ ପୂର୍ଣ୍ଣ ଶକ୍ତି ପ୍ରୟୋଗ କରୁ ନାହାନ୍ତି । ଇଉରୋପ୍ ନିଜର ସ୍ୱାର୍ଥ ଦେଖୁଛି । ଏହି ପରିସ୍ଥିତିରେ ଭାରତର ଭୂମିକା ନିର୍ଣ୍ଣାୟକ ହୋଇପାରେ । ଭାରତ ଇରାନ୍ ସହିତ ଐତିହ୍ୟପୂର୍ଣ୍ଣ ସମ୍ପର୍କ ରଖି ଏବଂ ଇସ୍ରାଏଲ୍-ଆମେରିକା ସହିତ ରଣନୈତିକ ସହଯୋଗ କରୁଛି । ଆମେ ଶାନ୍ତି ଆଲୋଚନାର ପକ୍ଷରେ ଥାଇ ଆମେରିକୀୟ ଆକ୍ରମଣର ନିନ୍ଦା କରିବା ଉଚିତ୍ ଏବଂ ଇରାନର ସାର୍ବଭୌମତ୍ୱକୁ ସମର୍ଥନ କରିବା ଉଚିତ୍ ।ଚାବହାର ବନ୍ଦର ଏବଂ ଇରାନ୍ ସହିତ ଯୋଗାଯୋଗ ଆମର ଜାତୀୟ ସ୍ୱାର୍ଥ । ଏହି ଯୁଦ୍ଧ ଯଦି ଅଧିକ ବ୍ୟାପ୍ତ ହୁଏ ତେବେ ଇରାନ୍ ପାରମାଣବିକ୍ ଅସ୍ତ୍ର ବ୍ୟବହାର କରିପାରେ ବା ଆଞ୍ଚଳିକ ପ୍ରକ୍ସି ଯୁଦ୍ଧ ଜ୍ୱାଳାମୁଖୀ ହୋଇପାରେ । ଆମେରିକାର ଏହି ଦୁର୍ବୁଦ୍ଧି ବିଶ୍ୱକୁ ଏକ ବିପର୍ଯ୍ୟୟର ଗହ୍ୱରରେ ଠେଲି ଦେଉଛି । ଇତିହାସ ସାକ୍ଷୀ ଯେ, ଆଜିର ପୃଥିବୀରେ ଆମେରିକୀୟ ବୋମା କେବଳ ସୈନିକଙ୍କୁ ହତ୍ୟା କରେନି ; ସେ ଶିଶୁର ଭବିଷ୍ୟତକୁ ଧ୍ୱଂସ କରେ, ମା'ର କୋଳକୁ ଖାଲି କରେ, ସାଧାରଣ ନାଗରିକଙ୍କ ସ୍ୱପ୍ନକୁ ଛାଇରେ ପରିଣତ କରେ । ଯୁଦ୍ଧର ପ୍ରଥମ ଶିକାର ସତ୍ୟ, ଦ୍ୱିତୀୟ ଶିକାର ମାନବିକତା । ଆମେରିକା ନିଜ ସୁରକ୍ଷା ଓ ସାମୁଦ୍ରିକ ଚଳାଚଳର ସ୍ୱାଧୀନତାର କଥା କହୁଛି । ଇରାନ ନିଜ ସାର୍ବଭୌମତ୍ୱ ଓ ଆତ୍ମରକ୍ଷାର ଯୁକ୍ତି ଦେଉଛି । କିନ୍ତୁ ଏହି ଯୁକ୍ତିର ମଧ୍ୟରେ ସବୁଠାରୁ ବଡ଼ କ୍ଷତି ହେଉଛି ସାଧାରଣ ମଣିଷଙ୍କର । ଏହି ସଂଘର୍ଷର ପ୍ରଭାବ କେବଳ ମଧ୍ୟପ୍ରାଚ୍ୟରେ ସୀମିତ ନୁହେଁ । ତୈଳ ବଜାରରେ ଅସ୍ଥିରତା, ବିଶ୍ୱ ବାଣିଜ୍ୟରେ ବାଧା, ମୁଦ୍ରାସ୍ଫୀତି, ଖାଦ୍ୟ ଓ ଇନ୍ଧନ ମୂଲ୍ୟବୃଦ୍ଧି –ଏସବୁର ଭାର ବହନ କରୁଛନ୍ତି ସାଧାରଣ ଲୋକ । ଦିଲ୍ଲୀରୁ ଭୁବନେଶ୍ୱର, ଟୋକିଓରୁ ଲଣ୍ଡନ–ଯୁଦ୍ଧର ଅଗ୍ନି ସୀମା ମାନେନାହିଁ । ବିଶ୍ୱ ସଂସ୍ଥାଗୁଡ଼ିକର ନିରବତା ମଧ୍ୟ ଚିନ୍ତାଜନକ । ଯଦି ଆନ୍ତର୍ଜାତିକ ନିୟମ କେବଳ ଦୁର୍ବଳଙ୍କ ପାଇଁ ପ୍ରଯୁଜ୍ୟ ହୁଏ ଓ ଶକ୍ତିଶାଳୀଙ୍କ ପାଇଁ ନୁହେଁ, ତେବେ ବିଶ୍ୱ ବ୍ୟବସ୍ଥା ଉପରେ ଆସ୍ଥା କେମିତି ରହିବ ? ଆଜି ଆବଶ୍ୟକ ଅସ୍ତ୍ରର ପ୍ରତିଯୋଗିତା ନୁହେଁ, ଆଲୋଚନାର ପ୍ରତିଯୋଗିତା । ଆବଶ୍ୟକ ପ୍ରତିଶୋଧ ନୁହେଁ, ପରସ୍ପର ବିଶ୍ୱାସ । ଭାରତ ଭଳି ଦେଶମାନଙ୍କ ପାଇଁ ଏହା ଏକ କଠିନ ସମୟ । ସେଥିପାଇଁ ଭାରତର ପାରମ୍ପରିକ ଶାନ୍ତି, ସଂଳାପ ଓ ସହଅସ୍ତିତ୍ୱର ନୀତି ଆଜି ଅଧିକ ପ୍ରାସଙ୍ଗିକ । ଇତିହାସ ସାକ୍ଷୀ– କୌଣସି ଯୁଦ୍ଧ ସ୍ଥାୟୀ ସମାଧାନ ଆଣିନାହିଁ । ପ୍ରତ୍ୟେକ ଯୁଦ୍ଧ ନୂଆ ଶତ୍ରୁ, ନୂଆ ଘୃଣା ଓ ନୂଆ ଅସ୍ଥିରତା ସୃଷ୍ଟି କରିଛି । ତେଣୁ ଆଜିର ସବୁଠାରୁ ବଡ଼ ଆହ୍ୱାନ ହେଉଛି–ମାନବ ସଭ୍ୟତାକୁ ବଞ୍ଚାଇବା, କେବଳ ଜାତୀୟ ସ୍ୱାର୍ଥକୁ ନୁହେଁ । ଆକ୍ରମଣ କେବଳ ଧ୍ୱଂସ ଆଣେ– ଭିଏତନାମ୍, ଇରାକ୍, ଆଫଗାନିସ୍ତାନର ଉଦାହରଣ ସ୍ମରଣ କରନ୍ତୁ । ଇରାନ୍ ତା'ର ପ୍ରତିରୋଧ ଜାରି ରଖୁ । ବିଶ୍ୱର ସ୍ୱାଧୀନତାକାମୀ ଜାତିଗୁଡ଼ିକ ଆମେରିକୀୟ ଆକ୍ରମଣର ବିରୋଧ କରନ୍ତୁ । ଭାରତ ଏକ ସ୍ୱାଧୀନ କଣ୍ଠରେ ଶାନ୍ତି ଏବଂ ନ୍ୟାୟର ପକ୍ଷରେ ଦୃଢ଼ ଭୂମିକା ନେଉ । ଯୁଦ୍ଧର ଏହି ଆଗ୍ନେୟଗିରି ଯଦି ନିୟନ୍ତ୍ରଣ ନ ହୁଏ ତେବେ ସମଗ୍ର ମାନବତା ଏକ ବିପର୍ଯ୍ୟୟର ଶିକାର ହେବ । ଆମେରିକାର ଆକ୍ରମଣାତ୍ମକ ନୀତିର ପରାଜୟ ହେବା ଉଚିତ୍ ଏବଂ ଇରାନର ପ୍ରତିରୋଧ ବିଜୟୀ ହେବା ଉଚିତ୍ । ଶାନ୍ତି କେବଳ ଆଲୋଚନା ଦ୍ୱାରା ଆସିପାରେ, କିନ୍ତୁ ଆକ୍ରମଣର ସାମ୍ନାରେ ପ୍ରତିରୋଧ ଅନିବାର୍ଯ୍ୟ । ବିଶ୍ୱ ଆଜି ଦୁଇଟି ପଥର ସାମ୍ନାରେ ଠିଆ । ଗୋଟିଏ ପଥ ଅସ୍ତ୍ର, ପ୍ରତିଶୋଧ ଓ ବିନାଶର ; ଅନ୍ୟଟି ସଂଳାପ, ସଂଯମ ଓ ସହଅସ୍ତିତ୍ୱର । ପ୍ରଥମ ପଥ ବାଛିଲେ ବିଜୟର ପତାକା ଉଡ଼ିପାରେ, କିନ୍ତୁ ମାନବତା ପରାଜିତ ହେବ । ଦ୍ୱିତୀୟ ପଥ ବାଛିଲେ ସମ୍ଭବତଃ ସମୟ ଲାଗିବ, କିନ୍ତୁ ଆସନ୍ତା ପିଢ଼ି ଏକ ନିରାପଦ ପୃଥିବୀ ପାଇବ । ପୃଥିବୀକୁ ଆଉ ଗୋଟିଏ ମହାଯୁଦ୍ଧ ଦରକାର ନାହିଁ । ଦରକାର ଦାୟିତ୍ୱଶୀଳ ନେତୃତ୍ୱ, ସାହସୀ କୂଟନୀତି ଓ ଶାନ୍ତି ପ୍ରତି ଅତୁଟ ପ୍ରତିବଦ୍ଧତା । କାରଣ ଶେଷରେ ଇତିହାସ ଅସ୍ତ୍ରଧାରୀଙ୍କୁ ନୁହେଁ, ମାନବତାକୁ ରକ୍ଷା କରିଥିବା ଲୋକଙ୍କୁ ମନେ ରଖେ ।

# ପାକ୍-ଅଧିକୃତ ଜମ୍ମୁ ଓ କାଶ୍ମୀରରେ ପୁଣି ଉଗ୍ର ହେଲା ଜନଅସନ୍ତୋଷ

ତଥ୍ୟ ଲେଖାଯିବା ସମୟରେ, ପାକ୍-ଅଧିକୃତ ଜମ୍ମୁ ଓ କାଶ୍ମୀର (ପିଓଜେକେ) ପୁଣିଥରେ ଗଭୀର ଅଶାନ୍ତିର ସମ୍ମୁଖୀନ ହୋଇଛି । ପ୍ରଶାସନ ପକ୍ଷରୁ ପ୍ରତିବାଦକାରୀ ଏବଂ ବିରୋଧୀ ନେତାମାନଙ୍କ ବିରୋଧରେ ବ୍ୟାପକ ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ସୁରକ୍ଷା କର୍ମୀଙ୍କ ଦ୍ୱାରା ଅତ୍ୟନ୍ତ ବଳ ପ୍ରୟୋଗ କରାଯାଇଥିବା ଅଭିଯୋଗ ମଧ୍ୟ ଉଠିଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ନାମରେ ପିଓଜେକେ ଅଞ୍ଚଳର ଅଧିକାଂଶ ସ୍ଥାନରେ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି, ଯାହା ଫଳରେ ସମଗ୍ର ଅଞ୍ଚଳ ପ୍ରାୟ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି । ଏହା ସହିତ ପ୍ରଶାସନ ଫେଡେରାଲ୍ ସରକାରଙ୍କ ନିକଟରୁ ଅତିରିକ୍ତ ୧୪,୦୦୦ ସୁରକ୍ଷା କର୍ମଚାରୀ ମୁତୟନ ପାଇଁ ଅନୁରୋଧ କରିଥିବା ସୂଚନା ମିଳିଛି । ପରିସ୍ଥିତି ଖରାପ ହେଉଥିବାରୁ ସ୍ଥାନୀୟ କର୍ତ୍ତୃପକ୍ଷ ଜୁନ୍ ୫ରୁ ଜୁନ୍ ୨୦ ମଧ୍ୟରେ ପର୍ଯ୍ୟଟନକୁ ନିରୁତ୍ସାହିତ କରିବାକୁ ବାଧ ହୋଇଛନ୍ତି । ଇସଲାମାବାଦରେ ଥିବା ଯୁକ୍ତରାଷ୍ଟ୍ର ଦୂତାବାସ ମଧ୍ୟ ପିଓଜେକେରେ ଥିବା ଏହାର ନାଗରିକମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛି । ଜୁନ୍ ୭, ୨୦୨୬ରେ ସୁରକ୍ଷା ବାହିନୀ ଏବଂ ମିଳିତ ଆବାମୀ କାର୍ଯ୍ୟ କମିଟି (ଜେଏଏସି) ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ହେବାରୁ ହିଂସାକାଣ୍ଡ ଘଟିଥିଲା, ଯେଉଁଥିରେ ଆଠ ଜଣ ସାଧାରଣ ନାଗରିକ ଏବଂ ଚାରି ଜଣ ପୋଲିସ କର୍ମଚାରୀଙ୍କ ସମେତ ଅତି କମରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିଲା । ଅନ୍ୟ ୭୩ ଜଣ (୨୩ ଜଣ ଏସଏଫ କର୍ମଚାରୀ ଏବଂ ୫୦ ଜଣ ସାଧାରଣ ନାଗରିକ) ଆହତ ହୋଇଥିଲେ । କର୍ତ୍ତୃପକ୍ଷଙ୍କ ଦାବି ଅନୁଯାୟୀ ପାକିସ୍ତାନର ସୁପ୍ରିମକୋର୍ଟ ପାକିସ୍ତାନରେ ବସବାସ କରୁଥିବା ଭାରତୀୟ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ ଓ କାଶ୍ମୀର (ଜେ ଆଣ୍ଡ କେ)ର ଶରଣାର୍ଥୀମାନଙ୍କ ପାଇଁ ସଂରକ୍ଷିତ ୧୨ଟି ବିଧାନସଭା ଆସନର ସାମ୍ବିଧାନିକ ବୈଧତାକୁ ବଜାୟ ରଖିବା ପରେ ଏକ ଉତ୍ତେଜିତ ଜନସମୂହ ଏକ ହସ୍ପିଟାଲ ଉପରେ ଆକ୍ରମଣ କରିଥିଲା । ସରକାରୀ ବିବରଣୀ ଅନୁସାରେ ସୁରକ୍ଷା ବାହିନୀ ହସ୍ତକ୍ଷେପ କରିବା ପୂର୍ବରୁ ଚାରି ଜଣ ପୋଲିସ ଅଧିକାରୀ ଏବଂ ଜଣେ ପଥଚାରୀଙ୍କୁ ହତ୍ୟା କରାଯାଇଥିଲା । ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନରେ ଛଅ ଜଣ ପ୍ରଦର୍ଶନକାରୀଙ୍କ ମୃତ୍ୟୁ ଘଟିଥିବା ସରକାର ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ, ପ୍ରତିବାଦକାରୀମାନେ ସରକାରୀ ବର୍ଣ୍ଣନାକୁ ଖଣ୍ଡନ କରିଛନ୍ତି । ସେମାନଙ୍କ କହିବା ଅନୁସାରେ, ହିଂସାର ସୂଚନା ସେତେବେଳେ ହୋଇଥିଲା ଯେତେବେଳେ ମିଳିତ ଆୱାମୀ କାର୍ଯ୍ୟ କମିଟିର ସମର୍ଥକମାନେ ଏକ ହସ୍ପିଟାଲର ଶବାଗାର ବାହାରେ ସମବେତ ହୋଇଥିଲେ । ସେଠାକୁ ପୂର୍ବରୁ ସୁରକ୍ଷା ବାହିନୀର ଗୁଳିରେ ନିହତ ହୋଇଥିବା ଅଭିଯୋଗ ଥିବା କର୍ମୀ ଶାହଜାଇବ ହବିବଙ୍କ ମୃତଦେହ ଅଣାଯାଇଥିଲା । ପ୍ରତିବାଦକାରୀମାନଙ୍କ ଅଭିଯୋଗ ହେଉଛି, ପରେ ସୁରକ୍ଷା ବାହିନୀ ସେମାନଙ୍କୁ ଲକ୍ଷ୍ୟ କରି ବଳ ପ୍ରୟୋଗ କରିଥିଲେ, ଯାହା ଫଳରେ ପରିସ୍ଥିତି ଅଧିକ ଉତ୍ତେଜନା ପୂର୍ଣ୍ଣ ହୋଇଯାଇଥିଲା । ବର୍ତ୍ତମାନର ଅଶାନ୍ତି ୨୦୨୫ ମସିହାର ସେପ୍ଟେମ୍ବର ଏବଂ ଅକ୍ଟୋବରରେ ହୋଇଥିବା ସମାନ ପ୍ରତିବାଦ ପରେ ସୃଷ୍ଟି ହୋଇଛି ଯେଉଁଥିରେ ୧୦ ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ଏବଂ ୧୦୦ ରୁ ଅଧିକ ଆହତ ହୋଇଥିଲେ । ସେହି ଅଶାନ୍ତି ଶେଷରେ ସଂଘୀୟ ସରକାର, ପିଓଜେକେ ପ୍ରଶାସନ ଏବଂ ଜେଏଏସି ପ୍ରତିନିଧିମାନଙ୍କ ମଧ୍ୟରେ ମୁଜାଫରାବାଦ ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲା, ଯାହାକୁ ଅକ୍ଟୋବର ୪ ଚୁକ୍ତିନାମା ମଧ୍ୟ କୁହାଯାଏ । ଏହି ଚୁକ୍ତିରେ କ୍ଷତିପୂରଣ, ଶାସନ ବ୍ୟବସ୍ଥାର ସଂସ୍କାର, ଆର୍ଥିକ ସହାୟତା ଏବଂ ବିଭିନ୍ନ ରାଜନୈତିକ ପ୍ରତିଶ୍ରୁତି ସମ୍ମିଳିତ ଥିଲା । ୨୦୨୫ ମସିହାର ପ୍ରତିବାଦ ସମୟରେ ପ୍ରାଣ ହରାଇଥିବା ନାଗରିକମାନଙ୍କ ପରିବାରକୁ ଆଇନ ପ୍ରବର୍ତ୍ତନକାରୀ କର୍ମଚାରୀଙ୍କ ପରିବାର ସହ ସମାନ ହାରରେ କ୍ଷତିପୂରଣ ପ୍ରଦାନ କରିବାର ପ୍ରତିଶ୍ରୁତି ଦିଆଯାଇଥିଲା । ଏହାସହ ଗୁଳିଚାଳନାରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବାର ବ୍ୟବସ୍ଥା ମଧ୍ୟ ରହିଥିଲା । ଚୁକ୍ତି ଅନୁସାରେ, ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ, ସରକାରୀ ଚାକିରିର ସୁଯୋଗ, ପ୍ରମୁଖ ହିଂସାତ୍ମକ ଘଟଣାଗୁଡ଼ିକର ନ୍ୟାୟିକ ତଦନ୍ତ ଏବଂ ହିଂସାରେ ଜଡ଼ିତ ବ୍ୟକ୍ତିମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନର ପ୍ରସ୍ତାବ ରହିଥିଲା । ଆର୍ଥିକ ପଦକ୍ଷେପ ଭାବେ ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତି, ଗହମ ଓ ବିଦ୍ୟୁତ ସବସିଡି ଜାରି ରଖିବା ସହିତ କର ବ୍ୟବସ୍ଥାର ସଂସ୍କାର ପାଇଁ ୧୦ ବିଲିୟନ ଟଙ୍କା ବରାଦ କରାଯାଇଥିଲା । ଏହା ବ୍ୟତୀତ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଭିତ୍ତିଭୂମି କ୍ଷେତ୍ରରେ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରିବା ସହ ୧୨ଟି ଶରଣାର୍ଥୀ-ସଂରକ୍ଷିତ ବିଧାନସଭା ଆସନର ସ୍ଥିତି ଓ ବୈଧତାର ସମୀକ୍ଷା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରିବାର ବ୍ୟବସ୍ଥା ମଧ୍ୟ ଚୁକ୍ତିରେ ସାମିଲ ଥିଲା । ଯଦିଓ କର୍ତ୍ତୃପକ୍ଷ ପରେ ଦାବି କରିଥିଲେ ଯେ ଜେଏଏସିର ୩୮ଟି ଦାବି ମଧ୍ୟରୁ ୩୬ ଟି ଦାବି ଗ୍ରହଣ କରାଯାଇଛି, ସଂଗଠନ ସେହି ଦାବିଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଥିଲା ଏବଂ ୩୧ ମଇ ୨୦୨୬ ରେ ୯ ଜୁନ୍ ୨୦୨୬ ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ ଘୋଷଣା କରିଥିଲା । ଏହି ସମୟରେ, ଜୁନ୍ ୫ରେ ସରକାର ସାର୍ବଜନୀନ ଶୃଙ୍ଖଳା ଏବଂ ସୁରକ୍ଷା ଉପରେ ଚିନ୍ତା ପ୍ରକାଶ କରି ଜେଏଏସିକୁ ନିଷିଦ୍ଧ କରିବା ପରେ ଉତ୍ତେଜନା ବୃଦ୍ଧି ପାଇଥିଲା । ପରବର୍ତ୍ତୀ ସମୟରେ ଅନେକ ସଦସ୍ୟଙ୍କୁ ଗିରଫ କରାଯାଇଥିଲା । ବର୍ତ୍ତମାନର ଆନ୍ଦୋଳନର ମୂଳ କେନ୍ଦ୍ରବିନ୍ଦୁ ହେଉଛି ମିଳିତ ଆୱାମୀ କାର୍ଯ୍ୟ କମିଟିର ଦାବି, ଯେଉଁଥିରେ ୫୩ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଜଗ ଓ କାଶ୍ମୀରରୁ ୧୯୪୭ ଏବଂ ୧୯୬୫ ପରେ ପାକିସ୍ତାନରେ ବସବାସ କରିଥିବା ଶରଣାର୍ଥୀମାନଙ୍କ ପାଇଁ ସଂରକ୍ଷିତ ୧୨ଟି ଆସନକୁ ରଦ୍ଦ କରାଯାଉ । ଜେଏଏସିର ଯୁକ୍ତି ହେଉଛି ଏହି ଆସନଗୁଡ଼ିକ ମାଧ୍ୟମରେ ପାକିସ୍ତାନର ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପିଓଜେକେରେ ସରକାର ଗଠନ ପ୍ରକ୍ରିୟା ଉପରେ ପ୍ରଭାବ ପକାଇପାରୁଛନ୍ତି ଏବଂ ସ୍ଥାନୀୟ ରାଜନୈତିକ ପ୍ରତିନିଧିଙ୍କୁ ଦୁର୍ବଳ କରୁଛନ୍ତି । ଅନେକ ପ୍ରତିବାଦକାରୀଙ୍କ ପାଇଁ ଏହି ପ୍ରସଙ୍ଗ ବର୍ତ୍ତମାନ ଅଧିକ ସ୍ୱାୟତ୍ତତା ଏବଂ ସ୍ଥାନୀୟ ନିୟନ୍ତ୍ରଣର ଦାବି ସହ ଅଭିନ୍ନ ଭାବେ ଜଡ଼ିତ ହୋଇପଡ଼ିଛି । ସୁପ୍ରିମକୋର୍ଟ କହିଛନ୍ତି ଯେ, ସଂରକ୍ଷିତ ଆସନଗୁଡ଼ିକ ସାମ୍ବିଧାନିକ ଭାବରେ ସୁରକ୍ଷିତ ଏବଂ ସାମ୍ବିଧାନିକ ସଂଶୋଧନ ବିନା ଏହାକୁ ରଦ୍ଦ କରାଯାଇପାରିବ ନାହିଁ । ବିବାଦର ସମାଧାନ ପାଇଁ ଏହି ନିଷ୍ପତ୍ତି ପ୍ରଭାବଶାଳୀ ଭାବରେ ଗୋଟିଏ ରାସ୍ତା ବନ୍ଦ କରି ବର୍ତ୍ତମାନର ବୃଦ୍ଧିରେ ସହାୟକ ହୋଇଥିଲା । ବର୍ତ୍ତମାନର ଆନ୍ଦୋଳନ ପିଓଜେକେରେ ଜନଅସନ୍ତୋଷର ସ୍ୱରୂପରେ ଏକ ନୂତନ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି । ଜେଏଏସି ପ୍ରଥମେ ବିଦ୍ୟୁତ ଦର ବୃଦ୍ଧି, ମୁଦ୍ରାସ୍ଫୀତି ଏବଂ ଶାସନଗତ ବିଫଳତା ଭଳି ଆର୍ଥିକ ସମସ୍ୟାକୁ ନେଇ ଆନ୍ଦୋଳନ ଆରମ୍ଭ କରିଥିଲା । କିନ୍ତୁ ବର୍ତ୍ତମାନ ଏହା ରାଜନୈତିକ ପ୍ରତିନିଧିତ୍ୱ, ସ୍ୱାୟତ୍ତତା ଏବଂ ଇସଲାମାବାଦର ବଢୁଥିବା ପ୍ରଭାବ ବିରୋଧରେ ଏକ ବ୍ୟାପକ ଆନ୍ଦୋଳନର ରୂପ ନେଇଛି । ଏହି ଅସନ୍ତୋଷର ମୂଳ ଦୀର୍ଘଦିନର ସାଂରଚନିକ ଏବଂ ରାଜନୈତିକ ସମସ୍ୟାରେ ରହିଛି । ୧୯୪୭ ଠାରୁ ପାକିସ୍ତାନର ନିୟନ୍ତ୍ରଣରେ ଥିବା ଏହି ଅଞ୍ଚଳରେ ସ୍ୱାୟତ୍ତତା, ସମ୍ବଳ ବଣ୍ଟନ ଏବଂ ସାମ୍ବିଧାନିକ ଅଧିକାରକୁ ନେଇ ବାରମ୍ବାର ପ୍ରତିବାଦ ଦେଖାଯାଇଛି । ଅନେକ ସ୍ଥାନୀୟ ବାସିନ୍ଦାଙ୍କ ମତରେ, "ଆଜାଦ କାଶ୍ମୀର" ନାମ ଥିଲେ ମଧ୍ୟ ଅଞ୍ଚଳର ମୁଖ୍ୟ ରାଜନୈତିକ ଓ ପ୍ରଶାସନିକ ନିଷ୍ପତ୍ତି ଏବେ ମଧ୍ୟ ଇସଲାମାବାଦ ଦ୍ୱାରା ନିୟନ୍ତ୍ରିତ ହେଉଛି । ବାରମ୍ବାର ଦେଖାଯାଉ ଥିବା ଏହି ପ୍ରତିବାଦଗୁଡ଼ିକ ଏହି ଅଞ୍ଚଳର ଦୀର୍ଘଦିନର ଅମୀମାଂସିତ ରାଜନୈତିକ ଓ ଆର୍ଥିକ ସମସ୍ୟାକୁ ପ୍ରତିଫଳିତ କରୁଛି । ଅଧିକ ବେକାରୀ, ଦୁର୍ବଳ ଜନସେବା, ବିଦ୍ୟୁତ ଅଭାବ ଏବଂ ରାଜନୈତିକ ସ୍ୱାଧୀନତା ଉପରେ ଥିବା ସୀମାବଦ୍ଧତା ଜନଅସନ୍ତୋଷକୁ ଆହୁରି ବଢ଼ାଇଛି । ପୂର୍ବରୁ ହୋଇଥିବା ଆନ୍ଦୋଳନ ପରେ କିଛି ରିହାତି ଘୋଷଣା କରାଯାଇଥିଲେ ମଧ୍ୟ ଅନେକ ପ୍ରତିବାଦକାରୀଙ୍କ ମତରେ ସେମାନଙ୍କ ମୂଳ ଅଭିଯୋଗର କାରଣ ଥିବା ଶାସନ ବ୍ୟବସ୍ଥାରେ କୌଣସି ମୌଳିକ ପରିବର୍ତ୍ତନ ଆସିନାହିଁ । ଜୁଲାଇ ୨୭, ୨୦୨୬ରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ନେଇ ପରିସ୍ଥିତି ଆହୁରି ସମ୍ବେଦନଶୀଳ ହୋଇପାରେ । ଜେଏଏସି ନିଷେଧାଦେଶ ସତ୍ତ୍ୱେ ନିଜର ଆନ୍ଦୋଳନ ଜାରି ରଖିବାର ସଙ୍କେତ ଦେଇଥିବା ବେଳେ, କର୍ତ୍ତୃପକ୍ଷ ମଧ୍ୟ ବ୍ୟାପକ ଜନସମାବେଶ ଓ ପ୍ରତିବାଦକୁ ରୋକିବା ପାଇଁ କଠୋର ମନୋଭାବ ଗ୍ରହଣ କରିଛନ୍ତି । ଏପର୍ଯ୍ୟନ୍ତ ଏହି ଘଟଣାକୁ ନେଇ ଅନ୍ତର୍ଜାତୀୟ ପ୍ରତିକ୍ରିୟା ସୀମିତ ରହିଛି, ତଥାପି କିଛି ମହଲରୁ ଚିନ୍ତା ପ୍ରକାଶ ପାଇଛି । ବ୍ରିଟିଶ ସଂସଦର କିଛି ସଦସ୍ୟ ସୁରକ୍ଷା ବାହିନୀର କାର୍ଯ୍ୟାନୁଷ୍ଠାନ, କର୍ମୀମାନଙ୍କ ଗିରଫଦାରୀ ଏବଂ ଯୋଗାଯୋଗ ସେବା ଉପରେ ପ୍ରତିବନ୍ଧକକୁ ନେଇ ଉଦବେଗ ବ୍ୟକ୍ତ କରିଛନ୍ତି । ଅନ୍ୟପକ୍ଷରେ ଇସଲାମାବାଦ ଏହି ସମାଲୋଚନାକୁ ନିଜର ଆଭ୍ୟନ୍ତରୀଣ ବ୍ୟାପାରରେ ବାହ୍ୟ ହସ୍ତକ୍ଷେପ ବୋଲି କହି ଖାରଜ କରିଛି । ସଦ୍ୟତମ ଅଶାନ୍ତି ପିଓଜେକେରେ ଚାଲିଆସୁଥିବା ଶାସନଗତ ଦୁର୍ବଳତା ଏବଂ ଲମ୍ବା ସମୟ ଧରି ଅମୀମାଂସିତ ହୋଇ ରହିଥିବା ରାଜନୈତିକ ପ୍ରଶ୍ନଗୁଡ଼ିକୁ ପୁଣିଥରେ ଆଲୋଚନାର କେନ୍ଦ୍ରବିନ୍ଦୁକୁ ଆଣିଛି । ବର୍ତ୍ତମାନ ଜନସାଧାରଣଙ୍କ ଦାବି କେବଳ ଆର୍ଥିକ ପ୍ରସଙ୍ଗରେ ସୀମିତ ନରହି ରାଜନୈତିକ ଦାୟିତ୍ୱବୋଧ, ପ୍ରତିନିଧି ଏବଂ ସ୍ଥାନୀୟ ସ୍ୱାୟତ୍ତତା ଉପରେ ଅଧିକ କେନ୍ଦ୍ରିତ ହେଉଛି । ଯଦି ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଅର୍ଥପୂର୍ଣ୍ଣ ଏବଂ ସ୍ଥାୟୀ ସଂସ୍କାର କରାଯାଏ ନାହିଁ, ତେବେ ପ୍ରତିବାଦ ଓ ସରକାରୀ କଠୋର କାର୍ଯ୍ୟାନୁଷ୍ଠାନର ଚକ୍ର ଆଗାମୀ ଦିନରେ ମଧ୍ୟ ଜାରି ରହିପାରେ ।

– ଅଜିତ କୁମାର ସିଂହ
ସିନିୟର ଫେଲୋ,
ଇନଷ୍ଟିଚ୍ୟୁଟ୍ ଫର୍ କନଫ୍ଲେକ୍ଟ ମ୍ୟାନେଜମେଣ୍ଟ

# ଚେତନାରୁ ଅସୀମତ୍ୱ : ଅଖଣ୍ଡ ବ୍ରହ୍ମାଣ୍ଡ ସନ୍ଧାନରେ ବିଜ୍ଞାନ



-ଡକ୍ଟର ନୀଳମଣି ସୂତାର

ଏକବିଂଶ ଶତାବ୍ଦୀର ଏକ ତୃତୀୟାଂଶ ସମୟରେ ପହଞ୍ଚି ମାନବ ସଭ୍ୟତା ଆଜି ଦାବି କରୁଛି ଯେ, ବିଜ୍ଞାନ ସଫଳତାର ଶିଖର ଦେଶରେ ପହଞ୍ଚି ସାରିଛି । ତଥାପି କାହିଁକି ଚଳିତ ବର୍ଷ ମହାବିଶ୍ୱର ମୌଳିକ ସରଞ୍ଜନା ଆଧାରିତ ତଥ୍ୟ ଓ ବିଶ୍ଳେଷଣକୁ ନେଇ ଚରମ ଅନିଶ୍ଚିତତା ଦେଖା ଦେଇଛି । ଆଜିର ବିଜ୍ଞାନ ଏପରି ଏକ ସ୍ତରକୁ ଆସି ଯାଇଛି ଯାହାର ଦୌଲତରେ ଆମେ ଆଖି ପିଛୁଡ଼ାକେ କହି ପାରୁଛୁ ବ୍ଲାକ ହୋଲ ଅଭ୍ୟନ୍ତରେ କେତେବେଳେ କ'ଣ ଘଟୁଛି, ହିଗସ-ବୋସନ ବା 'ଇଶ୍ୱର କଣିକା'ର ସନ୍ଧାନ କରିପାରିଛୁ ; ଏମିତିକି ଜେମ୍ସ ୱେବ୍ଙ୍କ ଟେଲିସ୍କୋପ ମାଧ୍ୟମରେ ମହାବିଶ୍ୱର ଶୈଶବ ଦେଖିବାକୁ ଚେଷ୍ଟା ଚଳେଇଛୁ । ଏତେସବୁ ସତ୍ତ୍ୱେ ଆମ ନିକଟରେ ଗୋଟିଏ ପ୍ରଶ୍ନ ଆଜି ମଧ୍ୟ ଅମିମାଂସିତ -ଏହି ସବୁକିଛି ମୂଳରେ କିଏ ଲୁକ୍କାୟିତ ? ଆମ ଚତୁପାର୍ଶ୍ୱରେ ଦୃଶ୍ୟମାନ ଏହି ସୁବିଶାଳ ଜଗତ କ'ଣ ଏକ ଅଦୃଶ୍ୟ ଡୋରିରେ ବନ୍ଧା ?

ସାମ୍ପ୍ରତିକ ସମୟରେ ବୈଜ୍ଞାନିକ ମହଲରେ ଚର୍ଚ୍ଚା ହେଉଛି - ସର୍ବାପେକ୍ଷା ମୌଳିକର ଭୌତିକ ମାଧ୍ୟମଟିକୁ ଭୌତିକ ବିଜ୍ଞାନ ସମ୍ଭବତଃ ଆଜି ପର୍ଯ୍ୟନ୍ତ ଶନାକ୍ତ କରିପାରିନାହିଁ । ଏହି ମାଧ୍ୟମ ହେଉଛି ଅସୀମତ୍ୱ, ଯାହାକୁ ପ୍ରାଚୀନ ଭାରତୀୟ ଦର୍ଶନରେ, ପତଞ୍ଜଳି ଯୋଗ ବିଜ୍ଞାନରେ ଚିତ୍ତ ବା ଚେତନା ବୋଲି ଅଭିହିତ କରାଯାଇଛି । ଏହା ଏକ ତାତ୍ତ୍ୱିକ ଆଲୋଚନା ନୁହେଁ, ବରଂ ବିଜ୍ଞାନ ଓ ଆଧ୍ୟାତ୍ମିକତାର ଏକ ଅଦଭୂତ ସନ୍ଧିକ୍ଷଣ, ଯାହା ଆମ ପରିବେଶର ସଂଜ୍ଞାକୁ ଆମୂଳଚୂଳ ବଦଳେଇ ଦେବାର କ୍ଷମତା ରଖୁଛି ।

ଆଧୁନିକ ସ୍ନାୟୁବିଜ୍ଞାନ ବା ନ୍ୟୁରୋସାଇନ୍ସ ମତରେ, ମସ୍ତିଷ୍କର କ୍ରିୟାଶୀଳତା ମାନେ ହିଁ ନିରନ୍ତର ଚିନ୍ତାର ପ୍ରବାହ ମାତ୍ର । ଗୋଟିଏ ଜୀବନ୍ତ ମସ୍ତିଷ୍କରେ ବୈଦ୍ୟୁତିକ ତରଙ୍ଗ ବା ସିନ୍ୟାପଟିକ ଫାୟାରିଂ କେବେବି ଅଟକି ରହେନା । ଏମିତିକି ନିଦ୍ରିତ ଅବସ୍ଥାରେ ବି ଅବଚେତନ ମନ ଅବିଚଳିତ ଭାବରେ କାର୍ଯ୍ୟ କରିଚାଲିଥାଏ । କିନ୍ତୁ ପ୍ରାଚୀନ ଭାରତୀୟ ଯୋଗ ବିଜ୍ଞାନ ଏହି ଆଧୁନିକ ବିଜ୍ଞାନକୁ ସିଧାସଳଖ ଚ୍ୟାଲେଞ୍ଜ ଦେଉଛି । ଯୋଗ ଶାସ୍ତ୍ରରେ ଦାବି କରାହୋଇଛି ଯେ, ନିୟମତାନ୍ତ୍ରିକ ଯୋଗାଭ୍ୟାସ ଏବଂ ଜୀବନଚର୍ଯ୍ୟା ମାଧ୍ୟମରେ ମସ୍ତିଷ୍କର ଏହି ଚିନ୍ତନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣରୂପେ ନିୟନ୍ତ୍ରଣ କରିବା ସମ୍ଭବପର । ଅର୍ଥାତ ମସ୍ତିଷ୍କ ଜୀବିତଥିବା ଅବସ୍ଥାରେ ହିଁ ତାକୁ ସମ୍ପୂର୍ଣ୍ଣ ଭାବଲେଶହୀନ ବା ଶୂନ୍ୟ କରିବା ସମ୍ଭବପର । ଏହି ଅବସ୍ଥା ବିଜ୍ଞାନ ପାଇଁ ଗୋଟିଏ ଗୋଲକ ଧନ୍ଦା ପରି, ଯେଉଁଠି ମସ୍ତିଷ୍କ କେଉଁ ନିର୍ଦ୍ଦିଷ୍ଟ ଚିନ୍ତାକୁ ପ୍ରଶୟ ଦେଇ ନଥାଏ, ସେତେବେଳେ କୁଆଡେ ସେ ଏମିତି ଏକ ମାଧ୍ୟମର ଅଭିଜ୍ଞତା ଲାଭ କରେ ଯାହା ସର୍ବବ୍ୟାପି ଏବଂ ଅସୀମ । ଏହି ଅସୀମତ୍ୱ ମାଧ୍ୟମ ହିଁ ମହାବିଶ୍ୱର ଆଦି ଉପାଦାନ । ଯୋଗ ବିଜ୍ଞାନୀମାନଙ୍କ ମତରେ ଏହି ଅଭିଜ୍ଞତା ହେଉଛି ପରମ ସତ୍ୟର ଉପଲବ୍ଧି । ଏହି ତଥ୍ୟ ଆଧୁନିକ ଗବେଷକମାନଙ୍କ ପାଖରେ ଏକ ବୈପ୍ଳବିକ ପ୍ରସ୍ତାବନା ହୋଇପାରେ ।

ଅସୀମତ୍ୱ ମାଧ୍ୟମରେ ଭୌତିକ ବିଜ୍ଞାନକୁ ବ୍ୟାଖ୍ୟା କରିବା ଏକ ସମୟୋପଯୋଗୀ ପଦକ୍ଷେପ । ଧରାଯାଉ, ଏହି ମାଧ୍ୟମ ଅଜସ୍ର ପ୍ରୋଗ୍ରେସିଭ ୱେଭିକଲ ବା ଚଳମାନ ତରଙ୍ଗ କଣିକା ନେଇ ଗଠିତ ହୋଇଛି । କ୍ୱାଣ୍ଟମ ଫିଜିକ୍ସ ଆମକୁ ଶିଖାଇଛି ଯେ ଆଲୋକ ବା ଇଲେକ୍ଟ୍ରୋନ ଏକା ସାଥିରେ ତରଙ୍ଗ ଓ କଣିକା ହିସାବରେ କାମ କରିପାରେ । ଏହି ତତ୍ତ୍ୱଟି ସେହି ଧାରଣାକୁ ଆହୁରି ଗଭୀରକୁ ନେଇଯାଇଛି । ଏଠାରେ କୁହାଯାଇଛି ; ଅସୀମତ୍ୱର ଦୁଇ ରୂପ -ଶକ୍ତିର କ୍ଷୁଦ୍ରତମ ତରଙ୍ଗ ଭର୍ଚ୍ଚୁଆଲ ଚଳମାନ ତରଙ୍ଗ ଏବଂ ପଦାର୍ଥର କ୍ଷୁଦ୍ରତମ ଏକକ ଭର୍ଚ୍ଚୁଆଲ କଣିକା । ଏହି ଦୁଇ ମାଧ୍ୟମରେ ପ୍ରତିନିୟତ ଦୁଇଟି ଘଟଣା ଘଟିଚାଲିଛି, ଯଥା:- (କ) ଦୁଇଟି ଚଳମାନ କଣିକାର ସଂଘର୍ଷ ଫଳରେ ଦୁଇଟି ଭର୍ଚ୍ଚୁଆଲ ଚଳମାନ ତରଙ୍ଗ ଉତ୍ପନ୍ନ ହେଉଛି ; (ଖ) ଦୁଇଟି ଭର୍ଚ୍ଚୁଆଲ ଚଳମାନ ତରଙ୍ଗ ଉପରିପାତିତ ହୋଇ ଦୁଇଟି ଭର୍ଚ୍ଚୁଆଲ କଣିକା ତିଆରି କରୁଛି । ଏହି ରୂପାନ୍ତର ପ୍ରକ୍ରିୟାଟି ଏତେ ଦ୍ରୁତ ଏବଂ ପର୍ଯ୍ୟାୟକ୍ରମିକ ଯେ, ଅସୀମତ୍ୱର କୌଣସି ନିର୍ଦ୍ଦିଷ୍ଟ ଅଂଶ ଏକଇ ସାଥେ ଶକ୍ତି ଓ ପଦାର୍ଥ -ଉଭୟ ଚରିତ୍ର ବହନ କରୁଛି । ଯେହେତୁ ଆମର ବର୍ତ୍ତମାନ ଇନ୍ଦ୍ରିୟ ବା ବୈଜ୍ଞାନିକ ଯନ୍ତ୍ରପାତିର ଗୋଟିଏ ନିର୍ଦ୍ଦିଷ୍ଟ ରିଜୋଲ୍ୟୁଶନ ବା ସୀମାବଦ୍ଧତା ଅଛି, ତେଣୁ ଆମେ ଏହି ଦ୍ରୁତ ପରିବର୍ତ୍ତନଶୀଳ ମାଧ୍ୟମଟିକୁ ଶନାକ୍ତ କରି ପାରୁନା । ଏହା ଯେମିତି ଏକ ଅନ୍ଧକାର ଘର ଭିତରେ ଘୁରୁଥିବା ପଙ୍ଖା, ଯାହା ସ୍ଥିର ଅବସ୍ଥାରେ ଦେଖା ଯାଏନା ବରଂ ଗୋଟିଏ ଝାପସା ଭଳି ଧରାଦିଏ । ଏଠାରେ ତତ୍ତ୍ୱଟି କ୍ୱାଣ୍ଟମ ମେକାନିକ୍ସର ଅବଜରଭର ଇଫେକ୍ଟ ସହ ମିଶି ଯାଉଛି । କ୍ୱାଣ୍ଟମ ଫିଜିକ୍ସ କହୁଛି, କୌଣସି କିଛି ଗବେଷଣା ନକରିବା ପର୍ଯ୍ୟନ୍ତ କେବଳ ମାତ୍ର ଗୋଟିଏ ସମ୍ଭାବନାର ତରଙ୍ଗ ଅବସ୍ଥାନ କରେ । ପର୍ଯ୍ୟବେକ୍ଷଣ ମୁହୂର୍ତ୍ତରେ ତାହା ବାସ୍ତବ ରୂପ ନିଏ । ବୈଜ୍ଞାନିକମାନଙ୍କ ମତରେ ଆମ ପର୍ଯ୍ୟବେକ୍ଷଣ ବା ସଚେତନ ଉପସ୍ଥିତି ଅସୀମତ୍ୱ ଏହି ନିରନ୍ତର ପ୍ରବାହରେ ଏକ ଧରଣର ବାଧା ସୃଷ୍ଟି କରେ । ଯେତେବେଳେ ଆମେ ଯାହା କିଛି ପର୍ଯ୍ୟବେକ୍ଷଣ କରୁ ସେତେବେଳେ ଅସୀମତ୍ୱର ଏହି ଭର୍ଚ୍ଚୁଆଲ କଣିକା ଓ ତରଙ୍ଗର ସଂଘର୍ଷ ବା ଉପରିପାତନ ବାଧା ପାଏ । ଫଳସ୍ୱରୂପ ସେମାନେ ସ୍ଥାୟୀରୂପ ଧାରଣ କରନ୍ତି । ଏହି ସ୍ଥାୟୀ ଭର୍ଚ୍ଚୁଆଲ ତରଙ୍ଗଗୁଡିକ ଯେତେବେଳେ ଏକ ବିଶେଷ ପ୍ୟାଟର୍ଣ୍ଣରେ ସଜ୍ଜିତ ହୁଅନ୍ତି, ସେତେବେଳେ ଆମେ ତାକୁ କହୁ ଶକ୍ତି କଣିକା ବା ବୋସନ । ତା'ର ସ୍ଥାୟୀ ଭର୍ଚ୍ଚୁଆଲ ଚଳମାନ କଣିକାଗୁଡିକ ଯେତେବେଳେ ନିଜ ଭିତରେ ଯୋଡି ହୋଇଯାନ୍ତି, ସେତେବେଳେ ତିଆରି ହୁଏ ପଦାର୍ଥ କଣିକା ବା ଫର୍ମିଅନ । ଅର୍ଥାତ ଆମେ ଯାହା କିଛି ଦେଖୁଛୁ, ତାହା ପ୍ରକୃତରେ ଅସୀମତ୍ୱର ଜମାଟବଦ୍ଧ ରୂପ । ସାଧାରଣତଃ ଆମେ ଦେଶ ବା ସ୍ପେସକୁ ମନେକରୁ ଗୋଟିଏ ବିଶାଳ ଶୂନ୍ୟ ଆଧାର, ଯାହା ମଧ୍ୟରେ ଗ୍ରହ ନକ୍ଷତ୍ର ଭାସମାନ ଅବସ୍ଥାରେ ଅଛନ୍ତି । ଆଉ ସମୟ ବା ଟାଇମ ହେଉଛି ଏକ ରୈଖିକ ଘଡି । କିନ୍ତୁ ଏହି ନୂତନ ତତ୍ତ୍ୱ



କହୁଛି ଯେ ଦେଶ ଓ ସମୟ କୌଣସି ସ୍ୱାଧୀନ ସତ୍ତା ନୁହେଁ । ଅସୀମତ୍ୱ ମାଧ୍ୟମରେ ତିଆରି ହୋଇଥିବା କଣିକା ଓ ତରଙ୍ଗର ପ୍ୟାଟର୍ନ ବା ସଜ୍ଜାଗୁଡିକୁ ହିଁ ଆମ ମସ୍ତିଷ୍କ ଦେଶ ହିସାବରେ ଗ୍ରହଣ କରିଥାଏ । ଅର୍ଥାତ ; ମହାକାଶର ଶୂନ୍ୟତା ପ୍ରକୃତରେ ଶୂନ୍ୟ ନୁହେଁ, ତାହା ଅସୀମତ୍ୱର ଏକ ଜଟିଳ ଜ୍ୟାମିତିକ ବିନ୍ୟାସ ଅଟେ । ଅନ୍ୟ ଦିଗରେ ; ଅସୀମତ୍ୱର ଯେଉଁ ଅଂଶ ଗୁଡିକ ଆମ ପର୍ଯ୍ୟବେକ୍ଷଣ ବାହାରେ ଏବେ ବି ପର୍ଯ୍ୟାୟ କ୍ରମେ ପାରିବର୍ତ୍ତିତ ହେଉଛି (ସଂଘର୍ଷ ଓ ଉପରିପାତନ ହେଉଛି ), ସେହି ପ୍ରବାହମାନକୁ ଆମ ମସ୍ତିଷ୍କ ସମୟ ବା ଚତୁର୍ଥ ମାତ୍ରା ହିସାବରେ ଚିହ୍ନିତ କରେ । ଯଦି ଏହି ତତ୍ତ୍ୱ ସତ୍ୟ ହୁଏ, ତେବେ ଆଇନଷ୍ଟାଇନଙ୍କ ସ୍ପେସ -ଟାଇମ କଣ୍ଟିନିଉୟମ ଏକ ନୂତନ ସଂଜ୍ଞା ଲାଭ କରିବ । ସମୟ ଏଠାରେ କେବଳ ଗୋଟିଏ ଘଡ଼ିର କଣ୍ଟା ନୁହେଁ, ବରଂ ଅସୀମତ୍ୱର ଚଞ୍ଚଳତା । ଏହି ଦୀର୍ଘ ଆଲୋଚନାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ପରିବେଶର ଏକ ନୂତନ ଭୌତିକ ସଂଜ୍ଞା ପ୍ରଦାନ । ଆମେ ସାଧାରଣତଃ ଆମ ଶରୀରକୁ ବାଦ ଦେଇ ବାକି ଜଗତଟାକୁ ପରିବେଶ ଭାବିଥାଉ । କିନ୍ତୁ ଏହି ତତ୍ତ୍ୱ ଅନୁଯାୟୀ ଚେୟାର, ଟେବୁଲ, ଗଛଲତା, ଗ୍ରହ-ନକ୍ଷତ୍ର ଠାରୁ ଆରମ୍ଭ କରି ମଣିଷର ରକ୍ତମାଂସର ଶରୀର - ସବୁ ହିଁ ପ୍ରକୃତରେ ଅସୀମତ୍ୱର ଏକ୍ସଟେନଶନ ବା ସମ୍ପ୍ରସାରଣ । ଏଠାରେ ବେସିକ (ବୁନିୟାଦୀ ) ଓ ଯୌଗିକ ସଜ୍ଜାର କଥା କୁହ ଯାଇଛି । ଇଲେକଟ୍ରନ, ନିୟୁଟ୍ରନ ପରି ବୁନିୟାଦୀ କଣିକା ଗୁଡିକ ହେଉଛନ୍ତି ଅସୀମତ୍ୱର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଏବଂ ଅନନ୍ୟ ବେସିକ ସଜ୍ଜିକରଣ । ପୁନଶ୍ଚ ଏହି ବୁନିୟାଦୀ ସଜ୍ଜାଗୁଡିକର ମିଶ୍ରଣରେ ତିଆରି ହୁଏ ପରମାଣୁ, ଅଣୁ ଏବଂ ପରିଶେଷରେ ଆମର ଏଇ ଦୃଶ୍ୟମାନ ଜଗତ । ଆମ ଚତୁଃପାର୍ଶ୍ୱର ପରିବେଶ ପ୍ରକୃତରେ ଅସୀମତ୍ୱ ମାଧ୍ୟମର ହିଁ ଏକ ବିଶେଷ ବିନ୍ୟାସ । ସୁତରାଂ, ମନୁଷ୍ୟ ଏବଂ ତା'ର ପରିବେଶ ମଧ୍ୟରେ କୌଣସି ଭୌତିକ ପ୍ରାଚୀର ନାହିଁ, ଆମେ ସଭିଁଏ ଏକ ବିଶାଳ ଅସୀମ କାଳ ସମୁଦ୍ରର ଛୋଟ ଛୋଟ ଢେଉ ମାତ୍ର ।

ଆଧୁନିକ ବିଜ୍ଞାନ ଏବେବି କାହିଁକି ଏଇ ମାଧ୍ୟମକୁ ଶନାକ୍ତ କରି ପାରୁନାହିଁ ? କଥା ହେଉଛି, ବର୍ତ୍ତମାନ ବିଜ୍ଞାନର ସମସ୍ତ ପରୀକ୍ଷା ନିରୀକ୍ଷା କେବଳ ପଦାର୍ଥ ଓ ଶକ୍ତିର ଦ୍ୱୈତ୍ୟ ସତ୍ତା ଉପରେ ଦଣ୍ଡାୟମାନ । କିନ୍ତୁ ଅସୀମତ୍ୱ ହେଉଛି ଏମିତି ଏକ ମାଧ୍ୟମ ଯାହା ପଦାର୍ଥ ଓ ଶକ୍ତିର ଉତ୍ସ । କୌଣସି ଏକ ଯନ୍ତ୍ର ଯେତେବେଳେ କୌଣସି ଏକ ପଦାର୍ଥକୁ ଶନାକ୍ତ କରିବାକୁ ଚାହେଁ, ସେତେବେଳେ ସେ ନିଜେ ହିଁ ସେହି ଅସୀମତ୍ୱ ପ୍ରବାହରେ ବାଧା ଦିଏ । ଫଳସ୍ୱରୂପ, ସେ କେବଳ ପ୍ୟାଟର୍ଣ୍ଣ ବା ଫଳାଫଳ ଦେଖିବାକୁ ପାଏ, ଉତ୍ସଟିକୁ ନୁହେଁ । ଏହା ଯେମିତି ସମୁଦ୍ର ଉପରେ ଠିଆ ହୋଇ କେବଳ ଢେଉ ଗଣିବା ପରି । ଢେଉ କାହିଁକି ଉଠୁଛି ତା' ପଛରେ ଥିବା ଗଭୀରସ୍ତରର ଯେଉଁ ସ୍ଥିରତା ଆଉ ଜଳ ଲେୟାରର ବିପୁଳ ମାଧ୍ୟମ, ସେ କଥା ବୁଝିବା ପାଇଁ ସମୁଦ୍ରର ଅତଳକୁ ଯିବାକୁ ହେବ, ଏ କଥା ମନେ ରଖିବା ଉଚିତ । ଯୋଗ ବିଜ୍ଞାନ ସମ୍ଭବତଃ ସେହି ସେହି ଅତଳ ଗର୍ଭକୁ ଯିବାର ଏକ ପଦ୍ଧତି ମାତ୍ର । ଯେଉଁଠି ମସ୍ତିଷ୍କ ନିଜେ ହିଁ ଗୋଟିଏ ସଂବେଦୀନଶୀଳ ଯନ୍ତ୍ର ହିସାବରେ କାର୍ଯ୍ୟ କରେ, ଯାହା କୌଣସି କୃତ୍ରିମ ବାଧା ତିଆରି ନକରି ସିଧାସଳଖ ସତ୍ୟକୁ ଉପଲବ୍ଧି କରିପାରେ । ଏହି ତତ୍ତ୍ୱ ଅନ୍ୱେଷଣ ଆମକୁ ଏକ ଗଭୀର ସତ୍ୟର ମୁହାଁମୁହିଁ କରାଇ ଦିଏ । ଆଜି ଯେତେବେଳେ ଆମେ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣ ନେଇ ଚିନ୍ତିତ, ସେତେବେଳେ ଏହି ଅସୀମତ୍ୱ ବା ଏକତ୍ୱର ଦର୍ଶନ ଅତ୍ୟନ୍ତ ପ୍ରାସଙ୍ଗିକ ହୋଇ ଉଠେ । ଯଦି ଆମେ ବୁଝି ପାରୁ ଯେ, ପରିବେଶର ପ୍ରତିଟି କଣିକା ଏବଂ ଆମ ଅସ୍ତିତ୍ୱ ଏକଇ ମାଧ୍ୟମର ଅଭିନ୍ନ ଅଂଶ, ତେବେ ପ୍ରକୃତି ପ୍ରତି ଆମ ଦୃଷ୍ଟିଭଙ୍ଗୀ ବଦଳି ଯିବ ।

ବିଜ୍ଞାନ କେବଳ ସମୀକରଣର ସମଷ୍ଟି ନୁହେଁ, ବରଂ ତାହା ଆମ ଅସ୍ତିତ୍ୱର ଗଭୀର ସତ୍ୟକୁ ଜାଣିବାର ଏକ ପ୍ରଚେଷ୍ଟା । ଚେତନାରୁ ଅସୀମତ୍ୱ ଶୀର୍ଷକ ଏଇ ଭାବନା ହୁଏତ ଆଜି ତାତ୍ତ୍ୱିକଭାବେ ଆମ ସାମ୍ନାକୁ ଆସିଛି, କିନ୍ତୁ ଆଗାମୀ ଦିନରେ ଏହା ବି ହୋଇପାରେ ପଦାର୍ଥ ବିଜ୍ଞାନର ମହାତତ୍ତ୍ୱ ବା ଥିଓରୀ ଅଫ ଏଭ୍ରିଥିଙ୍ଗ୍ ଯେଉଁଠି ଆଇନଷ୍ଟାଇନଙ୍କ ମହାକର୍ଷ, ବେରୋଙ୍କ କ୍ୱାଣ୍ଟମ ଜଗତ ଏବଂ ଉପନିଷଦର 'ଚିତ୍ତ' ବା 'ଚେତନା' ଏକୀଭୂତ ହୋଇ ପ୍ରକାଶ ପାଇବ । ଏହି ପରମ ସତ୍ୟକୁ ସ୍ୱୀକାର କରିବାକୁ ଆମେ କ'ଣ ପ୍ରସ୍ତୁତ ଅଛୁ ? ହୁଏତ ଆଗାମୀ କେଇ ଦଶନ୍ଧି ପରେ ପାଠ୍ୟ ପୁସ୍ତକରେ ପରିବେଶର ସଂଜ୍ଞା ସମ୍ପୂର୍ଣ୍ଣ ବଦଳିଯିବ । ସେଠାରେ ଲେଖା ହେବ -ଆମେ କେହି ସ୍ୱତନ୍ତ୍ର ନୁହଁନ୍ତି, ଆମେ ସଭିଏଁ ସେହି ଅସୀମତ୍ୱର ସ୍ପନ୍ଦନ । ଏହି ଉପଲବ୍ଧିରେ ହିଁ ନିହିତ ଅଛି ମାନବ ଜାତିର ପ୍ରକୃତ ମୁକ୍ତି ଏବଂ ମହାବିଶ୍ୱର ପ୍ରକୃତ ପରିଚୟ । ଏହି ଦୀର୍ଘ ପର୍ଯ୍ୟାଲୋଚନା ଶେଷରେ ଏହି କଥା କୁହ ଯାଇପାରେ ଯେ, ବିଜ୍ଞାନର ଯାତ୍ରା ଅଧୁନା କେବଳ ବାହାରେ ନୁହେଁ ବରଂ ତା' କ୍ରମେ ଭିତର ଆଡକୁ ଅର୍ଥାତ ଚିତ୍ତ ସନ୍ଦର୍ଶନ ପାଇଁ ମୋଡ ନେଇଛି । ଆଉ ଏହି ମିଳନ ହେବ ସଭ୍ୟତାର ଶ୍ରେଷ୍ଠ ଅର୍ଜନ ।

ଯୋଗାଯୋଗ : ଖାନନଗର, କଟକ
ଦୂରଭାଷ : ୮୫୯୯୮୯୪୯୧୫




# ପିଏମ୍-ସୂର୍ଯ୍ୟ ଘରକୁ ପିଏମ୍-ଆବାସ ଯୋଜନା ସହ ସଂଯୋଜନ କରାଯିବ: କନକ ବର୍ଦ୍ଧନ ସିଂହଦେଓ



**ଭୁବନେଶ୍ୱର(ଏନ୍.ଏମ୍.):** ପିଏମ୍-ସୂର୍ଯ୍ୟଘର ଯୋଜନାକୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଯଥା ପିଏମ-ଆବାସ ଯୋଜନା ସହ ସଂଯୋଜନ କରାଯିବ। ଶକ୍ତି କ୍ଷେତ୍ରର ସୁଧାର, ସୁରକ୍ଷା ଏବଂ କେନ୍ଦ୍ର ଓ ରାଜ୍ୟ ଯୋଜନାର କାର୍ଯ୍ୟକାରିତା ଉପରେ ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହା ଘୋଷଣା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଲକ୍ଷ୍ୟ ହେଉଛି ପିଏମ୍ ଆବାସ ଏବଂ ଅନ୍ୟାନ୍ୟ ଗୃହ ଯୋଜନାର ପ୍ରତ୍ୟେକ ହିତାଧିକାରୀ ମଧ୍ୟ ସୌର ଶକ୍ତିର ସୁବିଧା ପାଇପାରନ୍ତୁ। ରାଜ୍ୟ ଗୃହ ଯୋଜନା ସହ ପିଏମ୍-ସୂର୍ଯ୍ୟ ଘରକୁ ସଂଯୋଜନ କରି ଆମେ ଲୋକଙ୍କୁ ୨୪ ଘଣ୍ଟିଆ ପରିଷ୍କାର ଏବଂ ସୁଲଭ ବିଜୁଳି ଯୋଗାଇ ଦେବା ସହ ସେମାନଙ୍କ ବିଜୁଳି ବିଲ୍ ମଧ୍ୟ ହ୍ରାସ କରିବ। ତେବେ ଏହା ହିତାଧିକାରୀଙ୍କ ପାଇଁ ଇଚ୍ଛାଧୀନ ରହିବ। ଏହି ଯୋଜନା ଅଧୀନରେ ସହରରେ ୧ କିଲୋ ୱାଟ ବିଶିଷ୍ଟ ଛାତ ଉପର ସୌର ଶକ୍ତି ପ୍ୟାନେଲ ସ୍ଥାପନ ପାଇଁ କେନ୍ଦ୍ରରୁ ୩୦୦୦୦ଟଙ୍କା ଏବଂ ରାଜ୍ୟରୁ ୨୫୦୦୦ ଟଙ୍କା ସବସିଡି ସହାୟତା ଦିଆଯାଉଛି। ହିତାଧିକାରୀଙ୍କୁ ମାତ୍ର ୧୮୭୫ ଟଙ୍କା ବ୍ୟୟରେ ଏହି ସୁବିଧା ମିଳିବ। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଜନ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଡିସ୍କମ୍ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶାର ସମସ୍ତ ୪ଟି ବିଦ୍ୟୁତ ବିତରଣ କମ୍ପାନୀ ଅଧୀନରେ ୩୭୦୮ କୋଟି ବ୍ୟୟରେ ଭୂତଳ କେବୁଲ ତାର ବିଛାଯିବ। ଏହା ଦ୍ୱାରା ବାତ୍ୟା କିମ୍ବା କାଳବୈଶାଖୀ ସମୟରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବ ନାହିଁ। ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ ପାଇଁ ଏକ ସମଗ୍ର ସୁରକ୍ଷା ଡିପିଆର ପ୍ରସ୍ତୁତ କରାଯାଉଛି। ବିପଜ୍ଜନକ ଖୋଲା, ତଳକୁ ଝୁଲୁଥିବା ତାର ସ୍ଥାନାନ୍ତର, ଖାଲି କଣ୍ଡକ୍ଟର ସ୍ଥାନରେ ଇନସୁଲେଟେଡ୍ କଣ୍ଡକ୍ଟର, ବିତରଣ ସବଷ୍ଟେସନ୍‌ରେ ଫେନ୍ସିଂ ସ୍ଥାପନ, ପାୱାର ସବଷ୍ଟେସନ ବାଉଣ୍ଡ୍ରି ୱାଲ୍ ଏବଂ ସୁରକ୍ଷା ପାଇଁ କ୍ରେଡେଲ୍/ ଗାର୍ଡ ତାର ବ୍ୟବସ୍ଥା କରାଯିବ। ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ଓ ୟୁଟିଲିଟି ଲେଡ୍ ଆଗ୍ରିଗେସନ ମଡେଲ୍‌ର କାର୍ଯ୍ୟାନ୍ୱୟନର ମଧ୍ୟ ସମୀକ୍ଷା କରାଯାଇଛି। ଶକ୍ତି, ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ଆଦି ବିଭାଗ ଗୁଡ଼ିକର ସମନ୍ୱୟରେ ଏହି ସୁଧାର କାର୍ଯ୍ୟ ଗୁଡ଼ିକ ପର୍ଯ୍ୟାୟକ୍ରମେ ସମ୍ପାଦନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଜୁଳି ବିଲ୍‌ରୁ ମୁକ୍ତି ସହିତ ସୁରକ୍ଷିତ ଓଡ଼ିଶା ଗଠନ ଦିଗରେ ଏହା ଏକ ପ୍ରଶଂସନୀୟ ପଦକ୍ଷେପ। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ବିଶାଳ କୁମାର ଦେବ, ଓପିଟିସିଏଲ୍‌ର ସିଏମଡିଭାସ୍କର ଜ୍ୟୋତି ଶର୍ମା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଏସ୍ ଏନ୍ ଗିରୀଶ ଏବଂ ଶକ୍ତି ବିଭାଗ ଓ ବିଦ୍ୟୁତ ବିତରଣ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବନ୍ୟାର ଆଁ ଭିତରେ ଶହ ଶହ ଏକର ଚାଷଜମି

# ଲଗାଣ ବର୍ଷା ଯୋଗୁଁ ସଢ଼ି ଯାଉଛି ଧାନଗଛ



**ଚୌଦ୍ୱାର(ଏନ୍.ଏମ୍.):** ଲଗାଣ ବର୍ଷା ଯୋଗୁଁ ଶହଶହ ଏକର ଚାଷ ଜମି ଏବେ ବନ୍ୟାରେ ଉବୁଟୁବୁ। ଜମିରେ କଅଁଳିଆ ଧାନ ଗଛ ପାଣିରେ ସଢ଼ି ଯାଉଥିବା ଦେଖି ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଲେଣି। କେତେ କରଜ ଉଧାର କରି ଲୋକେ ଧାନ ବୁଣିଥିଲେ; ତାହା ଆଜି ଆଖିଆଗରେ ନଷ୍ଟ ହୋଇ ଯାଉଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଟାଙ୍ଗୀ-ଚୌଦ୍ୱାର ବ୍ଲକ ନଖରା ପଞ୍ଚାୟତର ବଡଚାଞ୍ଚୋ ଗ୍ରାମରେ। ଏହି ଅଞ୍ଚଳର ଲୋକ ବିଶେଷ କରି ଚାଷ ଉପରେ ନିର୍ଭର କରୁଥିବାବେଳେ ବର୍ଷକ ପାଇଁ ଦାନା ଯୋଗାଡ଼ କରିଥାନ୍ତି। ମାତ୍ର ଚଳିତ ବର୍ଷର ପ୍ରଥମ ଲଗାଣ ବର୍ଷାରେ ଧାନ ଚାଷ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ୩ଦିନ ଧରି ଲଗାଣ ବର୍ଷା ହେବା ଯୋଗୁଁ ଉପରମୁଣ୍ଡରୁ ଆସୁଥିବା ପାଣି ନିଷ୍କାସିତ ହୋଇ ନପାରି ଏଠାରେ ଜମି ରହୁଛି। ଅନ୍ୟପକ୍ଷରେ ତେରୁଆଁ ନିକଟରେ ଥିବା ସାଇପନର ଡ୍ରେନେଜ ବ୍ୟବସ୍ଥା ଉକ୍ତ ଅଞ୍ଚଳର କିଛି ଅସାଧୁ ବ୍ୟକ୍ତିବିଶେଷ ଜବର ଦଖଲ କରି ରଖିଥିବା ଯୋଗୁଁ ବର୍ଷା ଜଳ ନିଷ୍କାସନରେ ବାଧକ ସାଜୁଛି। ପ୍ରତିବର୍ଷ ଉଦ୍‌ବୃଦ ଜଳ ନିଷ୍କାସିତ ହୋଇ ପାରୁନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ବର୍ଷାଜଳ ନିଷ୍କାସନ ନିମନ୍ତେ ଜିଲ୍ଲାପ୍ରଶାସନ ଠାରୁ ଆରମ୍ଭ କରି ତହସିଲଦାର, ବିଡିଓ ଆଦି ସମସ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ଏଯାଏ ପଦକ୍ଷେପ ନିଆଯାଉନାହିଁ। ତେଣୁ କହିବାକୁ ଗଲେ ଲଗାଣ ବର୍ଷା ଆମ ଅଞ୍ଚଳ ପାଇଁ ଦୁଃଖ ବୋଲି ଗ୍ରାମବାସୀ କହିଛନ୍ତି। ଯଦି ପ୍ରଶାସନ ଓ ସରକାର ଏଦିଗରେ ଦୃଷ୍ଟି ଦିଅନ୍ତେ ତେବେ ହଜାର ହଜାର ଚାଷୀ ପରିବାର ଉପକୃତ ହୋଇ ପାରନ୍ତେ ବୋଲି ମତ ଦେଇଛନ୍ତି। ଏ ନେଇ ଗାଁର ବହୁ ଚାଷୀ ମୁଣ୍ଡରେ ହାତ ଦେବା ସହ ଯଦି ବୁଣା ଧାନ ନଷ୍ଟ ହୋଇଯାଏ ତେବେ ଏହାକୁ ପୁନର୍ବାର ତଳି ପକାଇ ଧାନ ରୋପଣ କରିବାକୁ ପଡ଼ିବ। ତେଣୁ ଯାହା ଖର୍ଚ୍ଚ ହୋଇଛି ତାହା ସମ୍ପୂର୍ଣ୍ଣ ବରବାଦ ହୋଇଯିବା ସହ ଆହୁରି ଡବଲ ଖର୍ଚ୍ଚ କରିବାକୁ ପଡ଼ିବ। ଅନ୍ୟପକ୍ଷରେ କହିବାକୁ ଗଲେ ଚାଷ ପାଇଁ ଯେଉଁ ଖର୍ଚ୍ଚ ହୋଇଥିଲା ତାହାକୁ ବନ୍ୟା ଖାଇଗଲା। ଏବେ ଚାଷୀ ଆହୁରି କ୍ଷତିଗ୍ରସ୍ତ ହେବେ ତେଣୁ ସରକାର ଏହାର ସ୍ଥାୟୀ ପ୍ରତିକାର କରନ୍ତୁ ବୋଲି ଗ୍ରାମର ନବୀନ ସିଂହ, ଲିଙ୍ଗରାଜ ନାୟକ, ଦିଲ୍ଲୀପ ଆଚାର୍ଯ୍ୟ, ପୁନଃଚନ୍ଦ୍ର ନାୟକ ପ୍ରମୁଖ ଦାବି କରିଛନ୍ତି।

# ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ କେନ୍ଦ୍ରାପଡ଼ା ଫରେଷ୍ଟ ରେଞ୍ଜର ଗିରଫ



**କଟକ/କେନ୍ଦ୍ରାପଡ଼ା (ଏନ୍.ଏମ୍.):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ କେନ୍ଦ୍ରାପଡ଼ା ବନାଞ୍ଚଳର ଫରେଷ୍ଟ ରେଞ୍ଜର ରବୀନ୍ଦ୍ର କୁମାର ନାୟକଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ତାଙ୍କୁ କଟକସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଅଦାଲତରେ ହାଜର କରାଯାଇଥିଲା।

ଭିଜିଲାନ୍ସ ପକ୍ଷରୁ ରବୀନ୍ଦ୍ର କୁମାର ନାୟକଙ୍କ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ତାଙ୍କ ନିକଟରୁ ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ସେଥିରେ ୨ଟି ଘର, ଯାହା ମଧ୍ୟରୁ ଗୋଟିଏ ୭,୦୩୮ ବର୍ଗଫୁଟ୍ ବିଶିଷ୍ଟ ଚାରି ମହଲା ବିଳାସପୂର୍ଣ୍ଣ ଭବନ, ୬ଟି ଦାମୀ ପ୍ଲଟ୍, ୨୮୩ ଗ୍ରାମ ସୁନା, ୨.୧୪ ଲକ୍ଷ ନଗଦ ଟଙ୍କା, ୭୬ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଏବଂ ଗୋଟିଏ ଚାରି ଚକିଆ ଗାଡ଼ି ସାମିଲ ରହିଛି।

ଉକ୍ତ ସମ୍ପତ୍ତିର ଉତ୍ସ ସମ୍ପର୍କରେ ସେ ସନ୍ତୋଷଜନକ ସ୍ପଷ୍ଟୀକରଣ ଦେଇପାରି ନଥିବାରୁ କଟକ ଭିଜିଲାନ୍ସ ଥାନାରେ ମାମଲା ନଂ-୨୫/୨୦୨୬ ରୁଜୁ କରାଯାଇଛି। ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ, ୨୦୧୮ ଅନୁଯାୟୀ ମାମଲା ଦାଖଲ ହୋଇଥିବାବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ଫଳକ ଅଛି, କିନ୍ତୁ ସୂଚନା ନାହିଁ !

# ଝରାମୁଣ୍ଡା କଂକ୍ରିଟ ରାସ୍ତା କାମକୁ ନେଇ ସନ୍ଦେହ



**ରେଢ଼ାଖୋଲ (ଏନ୍.ଏମ୍.):** ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ବଡ଼ବାହାଲ ଗ୍ରାମପଞ୍ଚାୟତର ଝରାମୁଣ୍ଡା ଛକରୁ ଧଳସାହିକୁ ସରିଥିବା ରାସ୍ତା ନିର୍ମାଣ କାର୍ଯ୍ୟକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ସରକାରୀ ଉନ୍ନୟନ କାମରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଏହି ପ୍ରକଳ୍ପରେ ଲଗାଯାଇଥିବା ସୂଚନା ଫଳକରେ କୌଣଷି ତଥ୍ୟ ଲେଖାଯାଇ ନଥିବାରୁ ସ୍ଥାନୀୟ ଲୋକଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। କାର୍ଯ୍ୟସ୍ଥଳରେ ଏକ ପ୍ରକଳ୍ପ ଫଳକ ରହିଛି ସତ୍ୟ, କିନ୍ତୁ ସେଥିରେ ପ୍ରକଳ୍ପର ମୋଟ ବ୍ୟୟ, କେଉଁ ବିଭାଗ ମାଧ୍ୟମରେ କାମ ହେଉଛି, କେବେ କାମ ଆରମ୍ଭ ହୋଇଛି, କେବେ ଶେଷ ହେଲା, ଠିକାଦାରଙ୍କ ନାମ, ପ୍ରକଳ୍ପ ସଂଖ୍ୟା, ଶ୍ରମିକଙ୍କ ମଜୁରୀ ହାର ଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ଉଲ୍ଲେଖ ନାହିଁ। ଏହା ଫଳରେ ପ୍ରକଳ୍ପର ସ୍ୱଚ୍ଛତା ଓ ପରିଚାଳନାକୁ ନେଇ ସନ୍ଦେହ ପ୍ରକାଶ ପାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କାମ ଚାଲିଥିଲେ ମଧ୍ୟ କେତେ ଟଙ୍କାରେ କାମ ହେଉଛି କିମ୍ବା କେଉଁ ଯୋଜନା ଅଧୀନରେ ଏହା କରାଯାଉଛି, ସେ ବିଷୟରେ କୌଣସି ସ୍ପଷ୍ଟ ସୂଚନା ମିଳୁନାହିଁ। ଏପରିକି କାମର ଥିବା ବ୍ୟକ୍ତିଙ୍କୁ ପଚାରିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳୁନଥିବା ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁଯାୟୀ, ପ୍ରତ୍ୟେକ ଉନ୍ନୟନମୂଳକ ପ୍ରକଳ୍ପ ସ୍ଥଳରେ ସମ୍ପୂର୍ଣ୍ଣ ସୂଚନା ସହ ଏକ ଫଳକ ପ୍ରଦର୍ଶନ କରିବା ବାଧ୍ୟତାମୂଳକ। ଏହାର ଉଦ୍ଦେଶ୍ୟ ହେଉଛି ସାଧାରଣ ଲୋକଙ୍କୁ ପ୍ରକଳ୍ପ ସମ୍ପର୍କରେ ସଠିକ୍ ତଥ୍ୟ ଦେବା ଏବଂ ସରକାରୀ ଅର୍ଥ କିପରି ବ୍ୟୟ ହେଉଛି ସେଥିରେ ସ୍ୱଚ୍ଛତା ରଖିବା। କିନ୍ତୁ ଏହି ରାସ୍ତା ନିର୍ମାଣ କାମରେ ସେହି ନିୟମ ପାଳନ ହୋଇନଥିବା ନେଇ ଅଭିଯୋଗ ଉଠିଛି। ଅଞ୍ଚଳବାସୀଙ୍କ ମତରେ, ଯଦି ପ୍ରକଳ୍ପର ସମସ୍ତ ତଥ୍ୟ ସାର୍ବଜନୀନ ଭାବେ ପ୍ରଦର୍ଶନ କରାଯାଏ, ତେବେ ଲୋକମାନେ କାମର ଅଗ୍ରଗତି ଓ ଗୁଣବତ୍ତା ଉପରେ ନଜର ରଖିପାରିବେ। ଏହା ସହ ସରକାରୀ ଅର୍ଥର ସଠିକ୍ ବ୍ୟବହାର ହେଉଛି କି ନାହିଁ, ତାହା ମଧ୍ୟ ଜାଣିପାରିବେ। ପ୍ରକଳ୍ପର ସମ୍ପୂର୍ଣ୍ଣ ବିବରଣୀ ସାର୍ବଜନୀନ କରିବା ସହ ଯଦି କୌଣସି ନିୟମ ଉଲ୍ଲଂଘନ କିମ୍ବା ଅନିୟମିତତା ହୋଇଥାଏ, ତେବେ ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ବର୍ତ୍ତମାନ ପ୍ରଶ୍ନ ଉଠୁଛି-ଯଦି ସବୁକିଛି ନିୟମ ଅନୁସାରେ ହେଉଛି, ତେବେ ପ୍ରକଳ୍ପର ସମ୍ପୂର୍ଣ୍ଣ ସୂଚନା ସାର୍ବଜନୀନ କରିବାରେ ଅସୁବିଧା କେଉଁଠି ? କିଛି ଗଡବଡ ହେଉନି ତ ?

# ଆଦର୍ଶ ବିଦ୍ୟାଳୟରେ ଅବ୍ୟବସ୍ଥା



ଖତ ଖାଉଛି ନୂତନ ଛାତ୍ରୀ ନିବାସ
ନିଜସ୍ୱ ଟ୍ରାନ୍ସଫର୍ମର ନଥିବାରୁ ବଢୁଛି ସମସ୍ୟା

**ରେଢ଼ାଖୋଲ(ଏନ୍.ଏମ୍.):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସୁବିଧା ସୁଯୋଗ ଓ ରହଣୀ ପାଇଁ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି ଆବାସିକ ଛାତ୍ରୀ ନିବାସ କୋଠା। ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣକାର୍ଯ୍ୟ ଶେଷ ହୋଇ ସ୍କୁଲକୁ ହସ୍ତାନ୍ତର ହୋଇଥିଲେ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ନଥିବାରୁ ଖାଲି ପଡ଼ିଛି ୧୦୦ ବେଡ଼ ବିଶିଷ୍ଟ ୨ ମହଲା କୋଠା। ଜାତୀୟ ରାଜପଥ ଅଥରିଟି ବିଭାଗ ଅନୁମତି ଦେଉନଥିବାରୁ ରାସ୍ତା ଅନ୍ୟ ପାର୍ଶ୍ୱରୁ ବିଦ୍ୟୁତ୍ ଆସି ସ୍କୁଲରେ ବସି ପାରୁନି ଟ୍ରାନ୍ସଫର୍ମର। ସ୍କୁଲରେ ପିଲାଙ୍କ ରହିବା ବ୍ୟବସ୍ଥା ନଥିବାରୁ ପ୍ରତ୍ୟେକ ଦିନ ଉପାନ୍ତ ଅଞ୍ଚଳରୁ ୨୦ରୁ ୨୫ କିଲୋମିଟର ଦୂରରୁ ସାଇକେଲ ଓ ଅଟୋରେ ବିପଦ ସଙ୍କୁଳ ଅବସ୍ଥାରେ ସ୍କୁଲକୁ ଯିବା ଆସିବା କରୁଛନ୍ତି ଛାତ୍ରଛାତ୍ରୀ। ଏପଟେ ଛୁଆଙ୍କ ଯିବା ଆସିବାରେ ପ୍ରତ୍ୟେକ ବର୍ଷ ଗାଡ଼ି ଭଡ଼ା ବାବଦକୁ ୬୦ରୁ ୭୦ ହଜାର ଟଙ୍କା ଖର୍ଚ୍ଚ ହେଉଛି। ବହୁ ବିଦ୍ୟାର୍ଥୀମାନେ ବେସରକାରୀ ହଷ୍ଟେଲରେ ରହି ଅତିରିକ୍ତ ବାର୍ଷିକ ଟଙ୍କା ଗଣୁଛନ୍ତି। ଅନେକ ବେସରକାରୀ ହଷ୍ଟେଲ ଚାଲିଛି ବିନା ଏନଓସି ରେ। ପ୍ରଶ୍ନ ଉଠେ କାହା ଛତ୍ରଛାୟାରେ ମାଳମାଳ ହଷ୍ଟେଲ ଖୋଲା ହୋଇଛି ? ଏପଟେ ସରକାରୀ ହଷ୍ଟେଲ ଖୋଲିବା ପାଇଁ ବିଳମ୍ବ ହେଉଥିବାରୁ ଛାତ୍ରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଓ ଗଣଶିକ୍ଷା ବିଭାଗ ଦୃଷ୍ଟି ଦେଲେ ନାକଟିଦେଉଳ ଆଦର୍ଶ ବିଦ୍ୟାଳୟ ଛାତ୍ରୀ ନିବାସରେ ବିଦ୍ୟୁତ୍ ସଂଯୋଗ ହୋଇପାରିବ ଓ ଛାତ୍ର ଛାତ୍ରୀଙ୍କ ଦୁଃଖ ଦୂର ହେବ।

# ରାଉରକେଲା ଇସ୍ପାତ କାରଖାନାର ଲାଭାର୍ଜନକୁ ସୁଦୃଢ଼ କରିଛି ଉଚ୍ଚ ସ୍ପେଶାଲ-ଷ୍ଟିଲ୍ ଉତ୍ପାଦନ

## ମୋଟ ଉତ୍ପାଦନର ୪୦%ରୁ ଉର୍ଦ୍ଧ୍ୱ, ସ୍ପେଶାଲ ଗ୍ରେଡ୍

**ରାଉରକେଲାରେ (ଏନ୍.ଏମ୍.):** ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡର ଏକ ପ୍ରମୁଖ ଶାଖା ରାଉରକେଲା ଇସ୍ପାତ କାରଖାନା। ସ୍ପେଶାଲ ଷ୍ଟିଲ୍ ଏବଂ ମୂଲ୍ୟ-ଯୁକ୍ତ ଉତ୍ପାଦ ଗୁଡ଼ିକ ଉପରେ ନିଜର ଦୃଷ୍ଟିଭଙ୍ଗୀକୁ ଆହୁରି ସୁଦୃଢ଼ କରିଛି, ଯାହା ଚଳିତ ଆର୍ଥିକ ବର୍ଷର ଜୁନ୍ ଏବଂ ପ୍ରଥମ ତ୍ରୈମାସିକ (ଏପ୍ରିଲ-ଜୁନ୍) ମଧ୍ୟରେ ଉଭୟ ଉତ୍ପାଦନ ପରିମାଣ ଏବଂ ମାର୍ଜିନକୁ ବର୍ଦ୍ଧିତ କରିଛି। ଜୁନ୍ ମାସରେ, ଆର.ଏସ.ପି. ୩ଲକ୍ଷ ୬୭ହଜାର ୮୧୮ ଟନ୍ ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ କରିଛି, ଯେଉଁଥିରୁ ସ୍ପେଶାଲ ଷ୍ଟିଲ୍ ମୋଟ ଉତ୍ପାଦନର ୪୧,୪% ଥିଲା, ଯାହା ଉଚ୍ଚ-ମୂଲ୍ୟଯୁକ୍ତ ଉତ୍ପାଦ ଆଡ଼କୁ କାରଖାନାର ନିରନ୍ତର ପରିବର୍ତ୍ତନକୁ ରେଖାଙ୍କିତ କରୁଛି। ଜୁନ୍ ମାସରେ ମୋଟ ଚାଲାଣ ୩ ଲକ୍ଷ ୪୩ ହଜାର ୨୧୮ ଟନ୍ ରହିଥିଲା, ଯେଉଁଥିରେ ସ୍ପେଶାଲ ଷ୍ଟିଲ୍ ଅଂଶ ୪୪,୪% କୁ ବୃଦ୍ଧି ପାଇଛି, ଯାହା ଉଚ୍ଚ-ମାର୍ଜିନ ପ୍ରଦାନକାରୀ ଗ୍ରେଡ୍ ଗୁଡ଼ିକ ପାଇଁ ସୁଦୃଢ଼ ବଜାର ଗ୍ରହଣୀୟତା ଏବଂ ଦକ୍ଷ ପରିବହନ ବ୍ୟବସ୍ଥାକୁ ପ୍ରତିଫଳିତ କରୁଛି। ପ୍ରଥମ ତ୍ରୈମାସିକ ପାଇଁ, ଆର.ଏସ.ପି. ୧୦ଲକ୍ଷ ୪୮ହଜାର ୦୬୩ ଟନ୍ ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ ହାସଲ କରିଛି, ଯେଉଁଥିରୁ ପ୍ରାୟ ୪୦% ସ୍ପେଶାଲ ଷ୍ଟିଲ୍ ଅନ୍ତର୍ଭୁକ୍ତ ଥିଲା, ଯେତେବେଳେ କି ଉକ୍ତ ତ୍ରୈମାସିକ ମଧ୍ୟରେ ଚାଲାଣ ମୋଟ ଉତ୍ପାଦନର ପ୍ରାୟ ୪୧% ଥିଲା, ଯାହା ଉଭୟ ମାନକ ଏବଂ ପ୍ରିମିୟମ୍ ଉତ୍ପାଦ ଗୁଡ଼ିକର ସନ୍ତୁଳିତ ଗତିଶୀଳତାକୁ ସୂଚାଉଛି। ଉନ୍ନତ ପ୍ରକ୍ରିୟା ଦକ୍ଷତା ଏବଂ ଏକ ଲକ୍ଷ୍ୟଧାର୍ଯ୍ୟ ଉତ୍ପାଦ ମିଶ୍ରଣ ଦ୍ୱାରା ପରିଚାଳିତ ହୋଇ ନ୍ୟୁ ପ୍ଲେଟ୍ ମିଲ୍ ସ୍ପେଶାଲ-ଷ୍ଟିଲ୍ ଉତ୍ପାଦନରେ ୧୪.୮%ର ଦୃଢ଼ ଅଭିବୃଦ୍ଧି ରେକର୍ଡ କରିଛି, ଯାହା ବିଶେଷଜ୍ଞ ଗ୍ରାହକମାନଙ୍କୁ ସେବା ଯୋଗାଇବା ପାଇଁ ଆର.ଏସ.ପି.ର କ୍ଷମତାକୁ ଆହୁରି ମଜବୁତ କରିଛି। ସ୍ପେଶାଲ-ଷ୍ଟିଲ୍ ଉତ୍ପାଦନ ଏବଂ ସମୟାନୁବର୍ତ୍ତୀ ଚାଲାଣ ଉପରେ ଆର.ଏସ.ପି.ର ନିରନ୍ତର ଗୁରୁତ୍ୱ ହେଉଛି ଭାଲ୍ୟୁ ଚେନ୍‌ରେ ଉର୍ଦ୍ଧ୍ୱମୁଖୀ ହୋଇ, ଉଚ୍ଚ ଶୁଦ୍ଧ ମାର୍ଜିନ ହାସଲ କରିବା। ଏକ ପ୍ରିମିୟମ୍ ଉତ୍ପାଦ ମିଶ୍ରଣ ମାଧ୍ୟମରେ ପ୍ରତି ଟନ୍ ପିଛା ଆୟରେ ସୁଧାର ଆଣି, ଗ୍ରାହକଙ୍କ ସହ ସମ୍ପର୍କ ନିବିଡ଼ କରି, ଇନଭେଣ୍ଟ୍ରି ହୋଲ୍ଡିଂ ହ୍ରାସ ମାଧ୍ୟମରେ ୱର୍କିଂ କ୍ୟାପିଟାଲ୍ ଆବଶ୍ୟକତାରେ ନିୟନ୍ତ୍ରଣ ରଖି, ଉତ୍ପାଦନ ଓ ପରିବହନ ବ୍ୟବସ୍ଥାକୁ ଅପ୍ଟିମାଇଜ୍ କରିବା ନିମନ୍ତେ ଏହା ଏକ ସୁଚିନ୍ତିତ ରଣନୀତିର ଅଂଶବିଶେଷ। ସ୍ପେଶାଲ ଷ୍ଟିଲ୍ ଏବଂ ମୂଲ୍ୟ-ଯୁକ୍ତ ଉତ୍ପାଦ ଗୁଡ଼ିକ ଉପରେ ସଘନ ଧ୍ୟାନ ଉଭୟ ଉତ୍ପାଦନ ମିଶ୍ରଣ ଏବଂ ଚାଲାଣ ପ୍ରଦର୍ଶନରେ ସ୍ପଷ୍ଟ ପରିଣାମ ଆଣିଦେଉଛି। ସେଲ୍‌ର ସାମଗ୍ରିକ ଲାଭରେ ଆର ଏସ.ପି.ର ଅବଦାନକୁ ଆହୁରି ସୁଦୃଢ଼ କରିବା ପାଇଁ ଆର.ଏସ.ପି. ଉଚ୍ଚ-ମାର୍ଜିନ ଗ୍ରେଡ୍ ଗୁଡ଼ିକୁ ଆହୁରି ବଢ଼ାଇବା ପାଇଁ ପ୍ରତିବଦ୍ଧ ରହିଛି।

## ହଳଦିଆ ବନ୍ଧର ଖୋଲା ରଙ୍ଗମଞ୍ଚ କାର୍ଯ୍ୟରେ ଅନିୟମିତତା

# ୨ କୋଟି ୭୫ ଲକ୍ଷ କାମରେ ଚତୁର୍ଦ୍ଦିଗ ଫାଟି ଆଁ



**ବାରିପଦା(ଏନ୍.ଏମ୍.):** ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ଅର୍ଥ ଅନୁଦାନ ପ୍ରଦାନ କରିଛନ୍ତି ପର୍ଯ୍ୟଟନ ସ୍ଥଳୀକୁ ବିକାଶ କରିବା ପାଇଁ। ଏଠି ପର୍ଯ୍ୟଟନ ସ୍ଥଳୀ ବିକାଶ ହେଲେ ହଜାର ହଜାର ପର୍ଯ୍ୟଟକଙ୍କ ଶୁଅ ଛୁଟିବ, ଅଞ୍ଚଳ ବିକାଶ ହେବ। କିନ୍ତୁ ତଳସ୍ତରରେ ବିଭାଗୀୟ ଅଧିକାରୀ ସହିତ ଠିକାଦାର ମଧୁ ଚନ୍ଦ୍ରିକା ପାଇଁ ଏହା ରୋକ୍ ଲାଗୁଛି। ଏଠାରେ ନିର୍ମାଣ ହେଉଥିବା କାର୍ଯ୍ୟ ପର୍ଯ୍ୟଟନ ସ୍ଥଳୀ ବିକାଶ ହେବା ପୂର୍ବରୁ କୋଟି କୋଟି ଟଙ୍କାର କାମ ଚାରି ପଟେ ଫାଟି ଆଁ କରି ସାରିଲାଣି। ଏପରି ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ସୁବର୍ଣ୍ଣରେଖା ଜଳ ସେଚନ ପ୍ରକଳ୍ପ ଖାରପୋଖରିଆ (୧) ବିଭାଗ ଦ୍ୱାରା ନିର୍ମିତ ହଳଦିଆ ବନ୍ଧ ନିକଟରେ ନିର୍ମାଣ କାର୍ଯ୍ୟ ଖୋଲା ରଙ୍ଗମଞ୍ଚ କାର୍ଯ୍ୟରେ। ଏହାର ଅଟକଳ ମୂଲ୍ୟ ୨କୋଟି୭୫ଲକ୍ଷ ଟଙ୍କା ଥିବାବେଳେ କାର୍ଯ୍ୟସ୍ଥଳୀ ନିକଟରେ ଅଟକଳ ମୂଲ୍ୟର ସାଇନ୍ ବୋର୍ଡ ମଧ୍ୟ ଲଗା ଯାଇ ନାହିଁ। ଏଠି କଣ କଣ କାର୍ଯ୍ୟ ହେବ ତାହା ମଧ୍ୟ ଠିକ୍ ଭାବରେ କାହାକୁ ଜଣା ନାହିଁ। କାର୍ଯ୍ୟଟିକୁ ତରବରିଆ ଭାବେ ଠିକାଦାର ଓ ଯନ୍ତ୍ରୀ ମଧ୍ୟରେ ସଲାସୁତୁରା ହୋଇ ଶେଷ କରିବାକୁ ଅଗ୍ରସର ହେଉଥିବା ବେଳେ ଲୋକଙ୍କ ଆଖିରେ ପଡିଯାଇଛି। ଏଠି ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ କାର୍ଯ୍ୟ ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ଏଠି ପାଦ ପଡୁ ନଥିବାବେଳେ ଠିକାଦାର ମନ ଇଛା କାର୍ଯ୍ୟ ନିମ୍ନମାନର କରିଥିବାରୁ ଏପରି ଅବସ୍ଥା ହୋଇଛି। ଠିକାଦାର ଏହି କାର୍ଯ୍ୟକୁ ବିଭିନ୍ନ ସ୍ଥାନରେ ସିମେଣ୍ଟ ଘୋଳା ଦେଇ ଓ ବହୁ ସ୍ଥାନ ଫାଟରେ ଫଟାଇ ପେଚମରା କାର୍ଯ୍ୟ ଆରମ୍ଭ କରିଛନ୍ତି ବୋଲି ଜନ ସାଧାରଣ ମଧ୍ୟରେ ଆଲୋଚନା ହେଉଛି ଯେ, ଏହି ପେଚମରା କାର୍ଯ୍ୟ ଆଗକୁ କେତେ ଦିନ ଯିବ ତାହା ସମୟ କହିବ। ଏଠି ସୁବର୍ଣ୍ଣରେଖା ଜଳ ସେଚନ ପ୍ରକଳ୍ପ ଖାରପୋଖରିଆ ବିଭାଗୀୟ ଅଧିକାରୀ, ସରକାରୀ ଯନ୍ତ୍ରୀ ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ମିଳି ଭଗତରେ ଏପରି ଅବସ୍ଥା ହୋଇଛି। ଏ ବାବଦରେ ଆମ ଜିଲ୍ଲା ପ୍ରତିନିଧି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ସୁରେଶ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି, 'ମୁଁ ଏ ବାବଦରେ ଅବଗତ ନାହିଁ କିନ୍ତୁ ତଦନ୍ତ କରି ଏହି କାର୍ଯ୍ୟ ଠିକ୍ ଭାବରେ ଆଉ ଥରେ କରାଇବି। ଏଠି କାର୍ଯ୍ୟଟି ବିନା ଆରସିସି/ ପିସିସି ହୋଇ ଏବଂ ନିମ୍ନ ମାନର ବ୍ରିକରେ ହୋଇଥିବା ହେତୁ ଏହା ଫାଟି ଯାଇଛି। ଏହି ପରି ହଳଦିଆ ବନ୍ଧ ଅଞ୍ଚଳରେ ଏହି ବିଭାଗ ଦ୍ୱାରା କୋଟି କୋଟି ଟଙ୍କାର କାମ ହେଉଥିବା ବେଳେ ସବୁଠି ମଧ୍ୟ ବହୁ ଘୋଟଲା ହୋଇଛି ବୋଲି ସୁଚନା ଅଧିକାରୀ କର୍ମୀ କହିଛନ୍ତି। ଆଗକୁ ଏହା ସୁଚନା ଅଧିକାର ବଳରେ ଖୁଲସା କରାଯିବ। ଏଥିପ୍ରତି ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ତଦନ୍ତ କରନ୍ତୁ ବୋଲି ଜନ ସାଧାରଣ ଦାବି କରିଛନ୍ତି।

# ବାଲିକଣା ଗାଁ ଦାଣ୍ଡ ପୋଖରୀର ଭ୍ରମ ସୃଷ୍ଟି କରୁଛି



**ରାଜନଗର(ଏନ୍.ଏମ୍.):** ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ବାଲିକଣା ଏକ ପ୍ରମୁଖ ଗ୍ରାମ। ଏହି ଗ୍ରାମର ଗାଁ ଦାଣ୍ଡ ଅବସ୍ଥା ନକହିଲେ ଭଲ। ଯଦିଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗାଁ ଦାଣ୍ଡକୁ କଂକ୍ରିଟ କରାଯାଇଛି। ଅଥଚ ବର୍ଷା ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଗାଁ ଦାଣ୍ଡର ଦୁଇଟି ସ୍ଥାନରେ ପୋଖରୀର ଭ୍ରମ ସୃଷ୍ଟି କରୁଛି। ବର୍ଷା ସମୟରେ ପାଣି ଜମି ଯାଇ ଆଣ୍ଠୁଏରୁ ଅଧିକ ପାଣି ଜମୁ ଥିବାରୁ ସ୍କୁଲ ଯିବାକୁ ପିଲାମାନେ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଗାଁ ରୁ ବାହାର ଜଗତକୁ ଆସିବାକୁ ହେଲେ ଶ୍ରୀଧର ସେଠି ଘର ଠାରୁ ବିଜୟ ମହାନ୍ତି ଘର ଯାଏ ପ୍ରାୟ ଶହେ ମିଟର ଓ ବୃନ୍ଦାବନ ବଳ ଘର ଠାରୁ ମହେଶ୍ୱର ସେଠି ଘର ପର୍ଯ୍ୟନ୍ତ ପ୍ରାୟ ପଚାଶ ମିଟର ଯାଏ ପାଣି ଜମି ରହି ପୋକ ଜୋକ ସୃଷ୍ଟି ହୋଇଛି। ଯାହା ଫଳରେ ଦୈନନ୍ଦିନ ଯିବା ଆସିବାରେ ପିଲାଠାରୁ ବୁଢ଼ାଯାଏ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପିଲାମାନଙ୍କର ବ୍ୟାଗ ବସ୍ତାନି ଓଦା ହୋଇଯିବାର ନଜିର ଅଛି। ଅପର ପକ୍ଷରେ ଏହି ଗ୍ରାମରେ ରାଜନଗର ପଞ୍ଚାୟତ ସମିତିର ବର୍ତ୍ତମାନ ଅଧ୍ୟକ୍ଷାଙ୍କ ଘର। ପୁଣି ଏହି ପଥ ଦେଇ ବିଧାୟକ ନିଜ ଗାଁକୁ ଯିବା ଆସିବା କରନ୍ତି। ହେଲେ ଏହି ଦାଣ୍ଡର ଦୁରାବସ୍ଥା ପ୍ରତି ଦୃଷ୍ଟି ଦେଉନଥିବା କ୍ଷୋଭର ବିଷୟ। ଏ ନେଇ ଗ୍ରାମବାସୀ ମାନେ ସ୍ଥାନୀୟ ତହସିଲଦାର ଯୀଶୁକ୍ରିଷ୍ଟ ଦାସଙ୍କ ନିକଟରେ ଅଭିଯୋଗ କରିଥିଲେ। ତହସିଲଦାର ଶ୍ରୀ ଦାସ ସରଜମିନ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏନେଇ ତହସିଲଦାର ଶ୍ରୀ ଦାସଙ୍କ ପ୍ରତିକ୍ରିୟା ଜାଣିବାକୁ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା। ତୁରନ୍ତ ଗାଁ ଦାଣ୍ଡ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।




# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ତିରିଶ ଶଯ୍ୟା ବିଶିଷ୍ଟ ନୂତନ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟିକା

**ବାରିପଦା (ଏନ୍.ଏମ୍.) :** ମୟୁରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ୩୦ ଶଯ୍ୟା ବିଶିଷ୍ଟ ନୂତନ କୋଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟିକା ସୁଶ୍ରୀ ସଂଜ୍ଞାଲୀ ମୁର୍ମୁଙ୍କ କରକମଳରେ ମଙ୍ଗଳବାର ସମ୍ପର୍ଣ୍ଣ ହୋଇଛି । ଏହି ଅତ୍ୟାଧୁନିକ ତିନି ମହଲା ବିଶିଷ୍ଟ ଭବନ ନିର୍ମାଣ ପାଇଁ ପ୍ରାୟ ୧୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହି ନୂତନ ଚିକିତ୍ସାଳୟଟି ୩୦ ଶଯ୍ୟା ବିଶିଷ୍ଟ ହେବ, ଯେଉଁଠାରେ ରୋଗୀଙ୍କ ପାଇଁ ଓପିଡି ଇନଡୋର ଏବଂ ଆଉଟଡୋର ସମେତ ସମସ୍ତ ପ୍ରକାର ଆଧୁନିକ ସ୍ୱାସ୍ଥ୍ୟ ସେବା ଗୋଟିଏ ଛାତ ତଳେ ଉପଲବ୍ଧ ହେବ । ପୂର୍ବରୁ ୧୬ଟି ଶଯ୍ୟା କାରଣରୁ ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ନୂତନ ଭବନ ଦ୍ୱାରା ଅଞ୍ଚଳବାସୀଙ୍କୁ ଉତ୍ତମ ଚିକିତ୍ସା ସୁବିଧା ମିଳିପାରିବ ବୋଲି ବିଧାୟିକା ସୂଚନା ଦେଇଛନ୍ତି । ଏଥିସହିତ, ହସ୍ପିଟାଲରେ ଡାକ୍ତରଙ୍କ ଅଭାବକୁ ଦୂର କରିବା ଏବଂ ଖାଲି ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ଜାରି ରହିଛି ବୋଲି ସେ ପ୍ରକାଶ କରିଛନ୍ତି । ଦିର୍ଘ ଦିନର ଦାବି ପୂରଣ ହେଉଥିବାରୁ ବିଧାୟିକାଙ୍କୁ ଅଞ୍ଚଳ ବାସିନ୍ଦା




ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ସୁଗୁଦା ମୁର୍ମୁ, ଜିଲ୍ଲା କାର୍ଯ୍ୟ କାରିଣୀ ଉପସଭାପତି ଦୋଳଗୋବିନ୍ଦ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଣି ଲକ୍ଷ୍ମୀ ପ୍ରିୟା ପ୍ରଧାନ ସହିତ ଠିକାଦାର ଈଶ୍ୱର ଚନ୍ଦ୍ର ମହାପାତ୍ର, ବିଭାଗୀୟ ଏସ ଡିଓ ଶ୍ୟାମସୁନ୍ଦର ହେମ୍ବ୍ରମ, ବିଜେପିର ବରିଷ୍ଠ କର୍ମୀ ପ୍ରଦୀପ ମହାପାତ୍ର, ଜହର ଶତପଥି, ସୁବ୍ରତ ବସା, ଆଦିତ୍ୟ ସ୍ୱାଇଁ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । ୧୮ ମାସ ଭିତରେ କାର୍ଯ୍ୟ ଶେଷ ହେବ ବୋଲି ଠିକାଦାର ଈଶ୍ୱର ଚନ୍ଦ୍ର ମହାପାତ୍ର କହିଛନ୍ତି ।

## ସାବଧାନ, ଲୁଟିବାର ନୂଆ ତରିକା

# ନଗ୍ନଫଟୋ ଦେଖାଇ ସାଇବର ଠକ ଲୁଟିନେଲେ ଲକ୍ଷେରୁ ଉର୍ଦ୍ଧ୍ୱ ଟଙ୍କା

**ତାଳଚେର (ଏନ୍.ଏମ୍.) :** ତାଳଚେର ପୌରପରିଷଦ ୱାର୍ଡ ନଂ-୧ ବଡ଼ଦାଣ୍ଡ ସାହିର ତ୍ରିନାଥ ବାରିକ (୪୮) ପିତା ଫଂଚୁ ବାରିକଙ୍କ ମୋବାଇଲକୁ ମେସେଜ ଆସିଲାକି ୧୮ହଜାର ଟଙ୍କା ଲୋନ କରିବାକୁ ଏବଂ ଉକ୍ତ ଟଙ୍କାକୁ ୪୫ଦିନ ଭିତରେ ପରିଶୋଧ କରିବାକୁ କୁହାଗଲା । ତେଣୁ ସେ ଉକ୍ତ ମେସେଜ ଜରିଆରେ ତାଙ୍କର ଆଧାରକାର୍ଡ଼ ଫଟୋ ପରିଚୟପତ୍ର ସହ ସମସ୍ତ ଆବଶ୍ୟକ କାଗଜପତ୍ର ଦେଇ ୧୮ହଜାର ଟଙ୍କା ଆଣିଥିଲେ । ହେଲେ ଉକ୍ତ ଟଙ୍କା ଆଣିବାର ୪ଦିନ ପରେ ତାଙ୍କ ମୋବାଇଲକୁ ମେସେଜ କରି ପ୍ରଥମେ ୨୯ହଜାର ୮ଶହ ଟଙ୍କା ମଗାଗଲା ଏବଂ ତାଙ୍କର ଗୋଟେ ଉଲଗ୍ନ ଫଟୋ ତାଙ୍କ ପାଖକୁ ପ୍ରେରିତ କରାଗଲା । ସେ ଭୟରେ ୨୯ହଜାର ୮ଶହ ଟଙ୍କା ପରିଶୋଧ କରିବା ପରେ ପୁନଶ୍ଚ ତାଙ୍କୁ ଦ୍ୱିତିୟ କିସ୍ତିରେ ୫୬ହଜାର ୮ଶହ ଟଙ୍କା ତା ଗତ ୦୬/୦୬/୨୦୨୬ରିଖରେ ୪ହଜାର ୮ଶହଟଙ୍କା ପରେ ୭୨ହଜାର ୮ଶହଟଙ୍କା ଦେବାପରେ ମଧ୍ୟ ସେ ବାରମ୍ୱାର ଟଙ୍କା ମାଗିବାରୁ ଅଣନିଶ୍ୱାସୀ ହୋଇ ଜାଣିପାରିଲେ କି ଏମାନେ ସାଇବର ଠକ । ତେଣୁ ସେ



ବାଧହୋଇ ଅନୁଗୋଳ ସାଇବର ଥାନାରେ ଘଟଣା ସଂକ୍ରାନ୍ତରେ ଏକ ଲିଖିତ ଅଭିଯୋଗ କରିଥିବା ସେ ପ୍ରକାଶ କରିଛନ୍ତି । ତେଣୁ ସାଇବର ଠକଙ୍କ ପ୍ରତି ସତର୍କତା ଅବଲମ୍ୱନ କରିବା ସହ ମୋବାଇଲକୁ ଆସୁଥିବା ମେସେଜ ଯାଂଚକରି ଓ ବୁଝିବିଚାରି ଯଦି କାର୍ଯ୍ୟକରାଯାଏ ତେବେ ଏଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିନଥାନ୍ତା । ହେଲେ ଆମ ସାଇବର ଥାନା କଣ ସକ୍ଷମ, ଠକଙ୍କୁ ଠାବ କରିପାରବ ?

# ସରଫେରା ପ୍ରଧାନ ଶିକ୍ଷକଙ୍କ କଳାକାରନାମା, ଭିଡିଓ ଭାଇରାଲ

**କଳାହାଣ୍ଡି (ଏନ୍.ଏମ୍.) :** ସରକାରୀ ଏସଏସଡି ସ୍କୁଲର ପ୍ରଧାନଙ୍କ ଶିକ୍ଷକଙ୍କ ନାଁରେ ସାଂଘାତିକ ଅଭିଯୋଗ । ମେଟ୍ରନ ଓ ୨ ବିଧବା ସିସିଏଙ୍କୁ ଯୌନ ନିର୍ଯ୍ୟାତନା ଦେଉଥିବା ସହ ଫେବର ମାଗୁଥିବା ଅଭିଯୋଗ । ଫେବର ନଦେବାରୁ ଖୁଲମଖୁଲା ଜାତିଆଣ ଆକ୍ଷେପ କରିବା ସହ



ଚାକିରୀରୁ ବାହାର କରିଦେବାର ଧମକ ଦେଇ ଫସିଗଲେ ପ୍ରଧାନ ଶିକ୍ଷକ । ସବୁ କାରନାମାର ଭିଡିଓ ଭାଇରାଲ ହେବାରେ ଲାଗିଛି । ମଦନପୁର ରାମପୁର ଥାନା ମଦନପୁର ସରକାରୀ ଏସଏସଡି ସ୍କୁଲରେ ପ୍ରଧାନଙ୍କ ଶିକ୍ଷକ ଶାନ୍ତନୁ କୁମାର ମେହେରଙ୍କ ନାଁରେ ଅଭିଯୋଗ ଆଣିଛନ୍ତି ପୀଡିତା । ଜଣେ ଏଏନଏମଙ୍କୁ ଜାତିଆଣ କଥାକହି ଶର୍ମସାର କରୁଥିବାର ଭିଡିଓ ସାମ୍ନାକୁ ଆସିଛି । କଥା ନମାନିଲେ ଦରମା କାଟିବେ ବୋଲି ପ୍ରଧାନ ଶିକ୍ଷକ ଧମକ ଦେଉଛନ୍ତି । ମେଟ୍ରନକୁ ଅନେକ ଥର ବୁଝାମଣାରେ ରୋମାନ୍ସ କରିଛି ବୋଲି ପ୍ରଧାନ ଶିକ୍ଷକ କହୁଥିବା ଭିଡିଓରେ ଶୁଣିବାକୁ ମିଳିଛି । ଏନେଇ ଡିଡବ୍ଲ୍ୟୁ ଅଫିସରେ ଲିଖିତ ଅଭିଯୋଗ ହୋଇଛି ବୋଲି ସୂଚନା ।

# ରେଡକ୍ରସ ନାମରେ ବାଧ୍ୟତା ମୂଳକ ଚାନ୍ଦା ଆଦାୟ କରିବା ଗ୍ରହଣୀୟ ନୁହେଁ

**ତାଳଚେର (ଏନ୍.ଏମ୍.) :** ଅନୁଗୁଳ ଜିଲ୍ଲାପାଳ ଅବଦୁଲ ଏମ ଅଖତାର ଚିଠି ନଂ-୩୭୩ ଫାଇଲ ନଂ- ଏକ୍ସଆଇ-୨୬/୨୬ ତା ୧୯/୦୫/୨୦୨୬ରେ ଅନୁଗୋଳ ଜିଲ୍ଲାର ରେଡ଼କ୍ରସ ସଂସ୍ଥାକୁ ନିର୍ଦ୍ଦେଶନାମା ଦେଇଛନ୍ତି ଯେ, ସମସ୍ତେ ରେଡ଼କ୍ରସ ଅର୍ଥକୁ ବୃଦ୍ଧି କରାନ୍ତୁ । ରାଜ୍ୟର ଅନୁଗୋଳ ଜିଲ୍ଲା ଚଳଚଂଳ କେନ୍ଦ୍ରସ୍ଥଳୀ ଭାବେ ପରିଚିତ । ରାଜ୍ୟର ଏହି ଜିଲ୍ଲା ଦେଇ ଜାତୀୟ ରାଜପଥ ୫୫, ୧୪୯, ୪୯ ଇତ୍ୟାଦି ଏବଂ ରାଜ୍ୟ ରାଜପଥ ୬୩, ୬୪, ୬୫ ଇତ୍ୟାଦି ରହିଛି । ଏହି ରାସ୍ତାଦେଇ ଦୈନିକ ବହୁ ଭାରଯାନ ଚଳାଚଳ କରୁଛି । ଏହି ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ଗୁଡ଼ିକରେ ଦୁର୍ଘଟଣାରେ ଶୀକାର ହୋଇ ମୃତ୍ୟୁବରଣ କରୁଥିବାବେଳେ ମୃତାହତଙ୍କ ପାଇଁ କ୍ଷତିପୂରଣ ଅର୍ଥ ପ୍ରଦାନ କରିବା ନେଇ ସ୍ଥାନୀୟବାସୀନ୍ଦା ମାନେ ଭିନ୍ନଭିନ୍ନ ସମୟରେ ଦାବି ଉପସ୍ଥାପନ କରିଥାନ୍ତି । ଅପରପକ୍ଷେ ଜିଲ୍ଲାଟି ଖଣିଖଦାନ, ଶିଳ୍ପାନୁଷ୍ଠାନ ଯୋଗୁଁ ବାୟୁ ଓ ଜଳ ପ୍ରଦ୍ୟୁଷଣ ବୃଦ୍ଧି ପାଇବାରେ ଲାଗିଛି । ଦରିଦ୍ରସୀମାରେଖା ତଳେ ରହିଥିବା ଲୋକମାନେ ଏହି ସମସ୍ୟାରେ ପ୍ରଭାବିତ ହୋଇ ରୋଗୀ ସଂଖ୍ୟା ବୃଦ୍ଧି ପାଇବା ଫଳରେ ସେହିମାନେ ରେଡ଼କ୍ରସ ଉପରେ ନିର୍ଭରଶୀଳ ହେବାଯୋଗୁଁ ଅଧିକ ଅର୍ଥର




## ଲୋକଙ୍କ ଉପରେ ଭାର ଲଦିଲେ ଜିଲ୍ଲାପାଳ

ଆବଶ୍ୟକ ରହିଛି ବୋଲି ଚିଠିରେ ଉଲ୍ଲେଖ କରାଯାଇଛି । ଅପରପକ୍ଷେ ଅନଗୁଳ ଜିଲ୍ଲା ଖଣିଜପାଣ୍ଠିରେ ପ୍ରଚୁର ଅର୍ଥ ମହଜୁଦ ହୋଇ ରହିଥିବା ବେଳେ ସେହି ଅର୍ଥକୁ କାହିଁକି ଯେ, ଦରିଦ୍ରସୀମାରେଖା ତଳେ ରହୁଥିବା ରୋଗୀମାନଙ୍କ ଚିକିତ୍ସାରେ ଖର୍ଚ୍ଚ ନକରାଯାଇ ଦାନଅର୍ଥକୁ କାହିଁକି ଗୁରୁତ୍ୱ ଦିଆଯାଉଛି । ତେବେ ଏଠାରେ ପ୍ରଶ୍ନଉଠେ ଯେ, ଯେଉଁ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ସାର୍ଟିଫିକେଟ୍ ପ୍ରଦାନ କରାଯାଏ, ସେହି ସ୍ଥାନରେ ରେଡ଼କ୍ରସ ଚାନ୍ଦା ବାଧ୍ୟତାମୂଳକ ଦେବାକୁ ପଡିଥାଏ । ତେଣୁ ଦାନାର୍ଥୀଙ୍କ ନିକଟରୁ ବାଧ୍ୟତାମୂଳକ ଭାବେ ରେଡ଼କ୍ରସ ପାଇଁ ଅର୍ଥ ଆଦାୟ କରାଯିବା ଗ୍ରହଣୀୟ ଅନୁଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି ।

# ରାଜ୍ୟ ବିଜେପି ସଭାପତିଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭା

**ନବରଙ୍ଗପୁର (ଏନ୍.ଏମ୍.) :** ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କୁ ନବରଙ୍ଗପୁର ଜିଲ୍ଲାକୁ ଗସ୍ତ ଅବସରରେ ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ନବରଙ୍ଗପୁର ଜିଲ୍ଲାର ଭାରତୀୟ ଜନତା ପାର୍ଟି ସଭାପତି କୁଞ୍ଜବିହାରୀ



ଦାଶ, ରାଜ୍ୟ ସଭାପତି ମନମୋହନ ସାମଲ, ଇସ୍ପାତ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି, ନବରଙ୍ଗପୁର ସାଂସଦ ଶ୍ରୀ ବଳଭଦ୍ର ମାଝି , ବିଧାୟକ ଝରିଗାଁ ନରସିଂହ ଭତ୍ରା, ପୂର୍ବତନ ସାଂସଦ ପର୍ଶୁରାମ ମାଝି, ନବରଙ୍ଗପୁର ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ରାଜ୍ୟ ଉପ ସଭାପତି ରମେଶ ଚନ୍ଦ୍ର ସାହୁ ରାଜ୍ୟ ସଂପାଦକ ସରୋଜ କର, ପୂର୍ବତନ ଜିଲ୍ଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ଝାଡେଶ୍ୱର ଖାଡଙ୍ଗା, ଗୋବିନ୍ଦ ଜୈନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବାସନ୍ତୀ ମାଝି, ଉପାଧ୍ୟକ୍ଷ ଲିଙ୍ଗରାଜ ଭତ୍ରା, ପୌରାଧ୍ୟକ୍ଷ କୁନୁ ନାୟକ, ତେନ୍ତୁଳିଖୁଣ୍ଟି ସମିତି ଅଧ୍ୟକ୍ଷ ନିଳେନ୍ଦ୍ରି ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅର୍ଜ୍ଜୁନ ତ୍ରିପାଠୀ, ବହୁ ଦଳୀୟ କର୍ମକର୍ତ୍ତା, ଜନପ୍ରତିନିଧି, ପଦାଧିକାରୀ ଓ ଶତାଧିକ କର୍ମୀ ଉପସ୍ଥିତ ରହିଥିଲେ ।

ସଭାରେ ସାମଲ ଦଳର ସାଙ୍ଗଠନିକ ସୁଦୃଢ଼ୀକରଣ, ସରକାରଙ୍କ ଜନହିତକର ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ବୁଥ୍ ସ୍ତରରେ ସଂଗଠନକୁ ଆହୁରି ଶକ୍ତିଶାଳୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କର୍ମୀମାନଙ୍କୁ ଏକତା, ଶୃଙ୍ଖଳା ଓ ସେବାଭାବ ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ସଭାଶେଷ ପରେପରେ ଭାରତୀୟ ଜନତା ପାର୍ଟିର ନିତି ଆଦର୍ଶ ଏବଂ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଙ୍କ ଜନହିତକର କାର୍ଯ୍ୟକ୍ରମ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗରୀବ, ବଞ୍ଚିତ ଶୋଷିତଙ୍କ ନିମନ୍ତେ ବିଭିନ୍ନ ଲୋକହିତକର ଯୋଜନା ପ୍ରତି ଅନୁପ୍ରାଣିତ ହୋଇ ଜିଲ୍ଲା ର ବିଭିନ୍ନ ମଣ୍ଡଳ ରୁ ୪୦୦ ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଭାରତୀୟ ଜନତା ପାର୍ଟି ରେ ଯୋଗ ଦେଲେ । ଯୋଗ ଦେଇଥିବା କାର୍ଯ୍ୟକର୍ତ୍ତାଙ୍କୁ ମଞ୍ଚାସିନ ଅତିଥି ଉତ୍ତରୀୟ ପ୍ରଦାନ କରି ଭାରତୀୟ ଜନତା ପାର୍ଟି ପରିବାରକୁ ସ୍ୱାଗତ କରିଥିଲେ । ଏ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଜିଲ୍ଲା ସାଧାରଣ ସମ୍ପାଦକ ଦେବଦାସ ମହାଙ୍କୁଡ, ଓ ସୁରେଶ ଆଚାର୍ଯ୍ୟ କରିଥିବା ବେଳେ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ କଂସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ସଫଳ କରିବାରେ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ ।

# ଅସହାୟ ଅଜଣା ମହିଳାଙ୍କୁ ଉଦ୍ଧାର ସୁରକ୍ଷିତ ଆଶ୍ରୟସ୍ଥଳୀକୁ ପହଞ୍ଚାଇଲା ପୁରୀ ପୁଲିସ



**ପୁରୀ (ଏନ୍.ଏମ୍.) :** ଗତ ମଙ୍ଗଳବାର ରାତି ପ୍ରାୟ ୧.୦୦ ଘଟିକା ସମୟରେ ସିଦ୍ଧ ମହାବୀର ଓଭରବ୍ରିଜ ନିକଟରେ ପ୍ରାୟ ୫୦ ବର୍ଷ ବୟସ୍କ ଜଣେ ଅଜଣା ମହିଳା ଅସହାୟ ଅବସ୍ଥାରେ ବୁଲୁଥିବା ଦେଖି ଜଣେ ସଚେତନ ନାଗରିକ ୧୧୨ ଜରୁରୀକାଳୀନ ସେବାକୁ ସୂଚନା ପ୍ରଦାନ କରିଥିଲେ । ସୂଚନା ପାଇବା ପରେ ପିସିଆର–୬ର ପୋଲିସ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର କରି ସୁରକ୍ଷିତ ଭାବେ ନିଜ ହେପାଜତକୁ ନେଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କର ସୁରକ୍ଷା ଓ ଯତ୍ନକୁ ଦୃଷ୍ଟିରେ ରଖି ପୁରୀ ମ୍ୟୁନିସିପାଲିଟି ଆଶ୍ରୟସ୍ଥଳୀରେ ତାଙ୍କୁ ହସ୍ତାନ୍ତର କରାଯାଇଛି । ପୁରୀ ପୁଲିସ ସର୍ବଦା ଜନସାଧାରଣଙ୍କ ସୁରକ୍ଷା, ସେବା ଓ ମାନବିକ ସହାୟତା ପ୍ରଦାନ ପାଇଁ ପ୍ରତିବଦ୍ଧ । ଏପରି ପରିସ୍ଥିତିରେ କୌଣସି ଅସହାୟ, ନିଖୋଜ କିମ୍ବା ସହାୟତା ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ଦେଖିଲେ ତୁରନ୍ତ ୧୧୨ ଜରୁରୀକାଳୀନ ସେବା କିମ୍ବା ନିକଟସ୍ଥ ପୋଲିସ ଥାନାକୁ ସୂଚନା ଦେବାକୁ ପୁରୀ ପୋଲିସ ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି ।

## ମେଡିକାଲ୍ କଲେଜ୍‌ରେ ଷ୍ଟାଫ୍ ନର୍ସ ନିଯୁକ୍ତିରେ ମହାଦୁର୍ନୀତିର ଖୁଲାସା ହେବ କେବେ ?

# ସରକାରୀ ନାଲିଫିତା ତଳେ ରହିଗଲାକି ଫାଇଲ

**ତାଳଚେର(ଏନ୍.ଏମ୍.) :** ତାଳଚେର ସ୍ଥିତ ପବିତ୍ର ମୋହନ ମେଡିକାଲ୍ କଲେଜ୍ ରେ ଷ୍ଟାଫ୍ ନର୍ସ ଓ ସ୍ୱାସ୍ଥ୍ୟ କର୍ମି ନିଯୁକ୍ତିରେ ମହାଦୁର୍ନିତୀର ଲୋକଙ୍କ ସାମ୍ନାକୁ ଆସିଥିଲେ ମଧ୍ୟ ଏହି ଘଟଣା ଆଜକୁ ଦୁଇମାସ ବିତି ଯାଇଥିଲେ ମଧ୍ୟ ଏଥିରେ ଯେଉଁ ଅଧିକାରୀ ଓ ଦଲାଲ ସମ୍ପୃକ୍ତ ତାଙ୍କୁ ଏଯାଏଁ ଗିରଫ କରାନଯିବା ଅଂଚଳବାସୀଙ୍କ ମନରେ ଶକ୍ତ ଆଘାତ ଦେଇଛି । ଏହି ସମ୍ପର୍କରେ କଂଗ୍ରେସ୍ ପକ୍ଷରୁ ୫ଦଫାଦାବି ନେଇ ରାଜ୍ୟପାଳ ଉଦ୍ଦେଶ୍ୟରେ ତାଳଚେର ଉପଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ସେହିଭଳି ବିଜେଡ଼ି ପକ୍ଷରୁ ମଧ୍ୟ ସମାନ ଦାବି ରଖିଥିଲେ । ସେହିଭଳି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲ୍ଲାପାଳଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି । ଦାବି ପତ୍ରରେ ଉଲ୍ଲେଖ କରାଯାଇଥିଲା ଯେ, ତାଳଚେର ପବିତ୍ର



ମୋହନ ପ୍ରଧାନ ମେଡିକାଲ୍ ଓ ହସପିଟାଲ୍ ରେ ଷ୍ଟାଫ ନର୍ସ ତଥା ଏଏନଏମ୍ ଓ ଜିଏନଏମ୍ ରେ ଚାକିରୀ କରିଥିବା ବ୍ୟକ୍ତି ବିଶେଷ ମାନେ ଜାଲ୍ ସାର୍ଟିଫିକେଟ୍ ଦେଇ ନିଯୁକ୍ତି ପାଇଛନ୍ତି । ଏମସିଏଲ୍ ଦ୍ୱାରା ଟେଣ୍ଡର ପାଇଥିବା ଠିକା ସଂସ୍ଥା କମାଣ୍ଡୋସିକ୍ୟୁରିଟି ଏଜେନ୍ସି ବିନା ଆଉଟର୍ଡା ଇଜମେଣ୍ଟରେ ଏହି ନିଯୁକ୍ତି ପ୍ରକ୍ରିୟା କରି ମାତ୍ରାଧିକ ଅର୍ଥ ନେଇ ଜାଲ୍ ସାର୍ଟିଫିକେଟ୍ ଦ୍ୱାରା ନିଯୁକ୍ତି ପ୍ରଦାନ କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ଏବଂ ସାଧାରଣ ରୋଗୀଙ୍କ ଜୀବନକୁ ମରଣଯନ୍ତାରେ ପକାଇ ଏହି ସଂସ୍ଥା କୋଟି କୋଟି ଟଙ୍କା ଆତ୍ମସାତ କରିଥିବା ଆମେ ଖବର ପାଇଛୁ ଯେ, ପିଏମପିଏମଜିଏଚ୍ ରେ କମାଣ୍ଡୋ ସିକ୍ୟୁରିଟି ଏଜେନ୍ସିରେ କାର୍ଯ୍ୟରତ ମୁଖ୍ୟ ଏହି ଜାଲ୍ ସାର୍ଟିଫିକେଟ୍ କାର୍ଯ୍ୟରେ ଲିପ୍ତ ରିହ ସାଧାରଣଙ୍କ ଠାରୁ ଲକ୍ଷାଧିକ ଅର୍ଥ କଲେକସନ୍ କରିଛନ୍ତି । ନିଟ୍ ପେପର ଲିକ୍ ଭଳି ଏଠି ଜାଲ୍ ସାର୍ଟିଫିକେଟ୍ କରି ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି । ଏହି ବଡ ଧରଣର ଜାଲ୍ ସାର୍ଟିଫିକେଟ୍ ନିଯୁକ୍ତି ରାକେଟ୍ ଉପରେ ଉପଯୁକ୍ତ ତଦନ୍ତ କରାଯାଇ ଆସନ୍ତା ୭ ଦିନ ମଧ୍ୟରେ ଦୋଷୀଙ୍କ ବିରୁଧରେ ଏତଲା ଦାୟର କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ସୂଚନା ଯୋଗ୍ୟ ଯେ, ସରକାରଙ୍କୁ ଅଧିକ ରାଜସ୍ୱ ଦେଇ ଦେଶର ସବୁଠାରୁ ଅଧିକ ପ୍ରଦୂଷଣ ଖାଇ ବିଭିନ୍ନ ମାରାତ୍ମକ ରୋଗରେ ଜର୍ଜରିତ ତାଳଚେରବାସୀଙ୍କ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ କୋଇଲା ଖଣି ସାହାଯ୍ୟରେ ରାଜ୍ୟ ସରକାର ମେଡିକାଲ୍ କଲେଜ୍ ତିଆରି କଲେ । ଏହି କଲେଜରେ ଲୋକଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଅଭିଜ୍ଞ ଡାକ୍ତର, ଷ୍ଟାଫ୍ ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି କରାଗଲା । କିନ୍ତୁ ଦୁଃଖର ବିଷୟ ଅଭିଜ୍ଞ ଡାକ୍ତର ମାନଙ୍କୁ ଏଠାରୁ ଅନ୍ୟତ୍ର ସ୍ୱାସ୍ଥ୍ୟ ସେବା କାର୍ଯ୍ୟରେ ନିୟୋଜିତ କରାଗଲା । ଏହା ତାଳଚେରବାସୀଙ୍କ ପାଇଁ ଦୁଃଖ ଓ ପରିତାପର ବିଷୟ । ୬୫୩ ଜଣ ସ୍ୱାସ୍ଥ୍ୟ କର୍ମୀ ଓ ଷ୍ଟାଫ୍ ନର୍ସ ରାଜ୍ୟ ସରକାର ଏଜେନ୍ସି ମାଧ୍ୟମରେ ଏଠାରେ ନିଯୁକ୍ତି ଦେଲେ । କିନ୍ତୁ ବର୍ତମାନ ୬୫୩ ଜଣ ସ୍ୱାସ୍ଥ୍ୟ କର୍ମିଙ୍କ ମଧ୍ୟରୁ ୯୧ ଜଣ ଷ୍ଟାଫ ନର୍ସଙ୍କ ସାର୍ଟିଫିକେଟ୍ ଯାଂଚ କରିବାରୁ ୬୦ ଜଣ ଷ୍ଟାଫ ନର୍ସ ଜାଲ୍ ପ୍ରମାଣପତ୍ର ମାଧ୍ୟମରେ ନିଯୁକ୍ତି ପାଇ ଥିବାର ପ୍ରମାଣ ମିଳିଛି । ସମସ୍ତ ୬୫୩ ଜଣ ସ୍ୱାସ୍ଥ୍ୟ କର୍ମିଙ୍କ ସାର୍ଟିଫିକେଟ୍ ଯାଂଚ ହେଲେ ଆହୁରୀ ଅଧିକ ଜାଲ୍ ସାର୍ଟିଫିକେଟ୍ ରେ ନିଯୁକ୍ତି ପାଇଥିବା ସନ୍ଦେହ କରାଯାଉଛି । କିଛି ମୁଷ୍ଟିମେୟ ନେତା ଓ କର୍ମଚାରୀ ଅର୍ଥ କାରବାର କରି ଏହି ଦୁର୍ନିତୀରେ ଲିପ୍ତ ରହି ରୋଗୀ ମାନଙ୍କ ଜୀବନ ସହିତ ଖେଳ ଖେଳିଥିବାରୁ ଏବଂ ଏଭଳି ରୋଗୀଙ୍କ ସହ ଯେଉଁ ବ୍ୟକ୍ତି ତଥା ବଡବଡିଆ ସାମିଲ୍ ଅଛନ୍ତି ତାଙ୍କ ବିରୁଧରେ ଫୌଜଦାରୀ ମାମଲା ରୁଜୁ କରାଯାଉ ।

# ସାରସକଣା ବ୍ଳକରେ ଦିବ୍ୟାଙ୍ଗ ଓ ବୃଦ୍ଧ ମାନଙ୍କୁ ଉପକରଣ ବଣ୍ଟନ



**ବାରିପଦା (ଏନ୍.ଏମ୍.) :** ସରକାର ସାମାଜିକ ସୁରକ୍ଷା ଦିଗରେ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ସରକାର ବିଭିନ୍ନ ଉପକରଣ ପ୍ରଦାନ କରୁଥିବା ଦେଖିବାକୁ ମିଳିଛି । ସେହିଭଳି ମୟୁରଭଞ୍ଜ ଜିଲ୍ଲା ସାରଷକଣା ବ୍ଲକରେ ଦିବ୍ୟାଙ୍ଗ ମାନଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାରସକଣା ନିର୍ବାଚନ ମଣ୍ଡଳୀର ବିଧାୟକ ଭାଦ୍ୱ ହାଁସଦା ଓ ସମ୍ମାନୀତ ଅତିଥି ଭାବେ ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ ଡେପୁଟି ଜେନେରାଲ ମେନେଜର ସପନ କର୍ମକାର, ବିଡ଼ିଓ ସୁମନ ରାଜା ମହାନ୍ତି ସହିତ ରାକେଶ ସିଂ ଆଲିମକର ସତ୍ୟବ୍ରତ ଗିରି ପ୍ରମୁଖ କାର୍ଯ୍ୟକ୍ରମ ଉଦଘାଟନ କରିବା ସହିତ ଦିବ୍ୟାଙ୍ଗ ଓ ବୃଦ୍ଧ ମାନଙ୍କ ଉଦ୍ଦେଶ୍ୟରେ ନିଜ ନିଜ ଅଭିଭାଷଣ ପ୍ରଦାନ କରିବା ସହ ସେମାନଙ୍କ ପାଇଁ ଥିବା ଉପକରଣ ବଣ୍ଟନ କରିଥିଲେ । ଦିବ୍ୟାଙ୍ଗ ବ୍ୟକ୍ତିମାନେ କାହା ଉପରେ ନିର୍ଭରଶୀଳ ନହୋଇ ଆର୍ଥିକ କ୍ଷେତ୍ରରେ କିଭଳି ନିଜର ଅଭିବୃଦ୍ଧି କରିପାରିବେ ସେ ନେଇ ବକ୍ତାମାନେ କହିଥିଲେ । ସୂଚନା ଅନୁସାରେ ୨୦୨୪ ମସିହାରେ ବ୍ଲକ କାର୍ଯ୍ୟାଳୟରେ ଦିବ୍ୟାଙ୍ଗ ଓ ବୃଦ୍ଧ ମାନଙ୍କ ଆବଶ୍ୟକ ଅନୁଯାଇ ବ୍ୟବହାର ପାଇଁ ସହାୟକ ଉପକରଣ ନିମନ୍ତେ ୧୪୫ ଜଣ ଦିବ୍ୟାଙ୍ଗ ଓ ୮୦ ଜଣ ବୃଦ୍ଧଙ୍କୁ ଚୟନ କରାଯାଇଥିଲା । ପୂର୍ବରୁ ଚୟନ କରାଯାଇଥିବା ୧୪୫ ଜଣ ଦିବ୍ୟାଙ୍ଗ ଓ ୮୦ ଜଣ ବୃଦ୍ଧ ସର୍ବମୋଟ ୨୨୫ ଜଣଙ୍କୁ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ ସି.ଏସ.ଆର ପାଣ୍ଠିର ସହାୟତାରେ 'ଆଲିମକ' ଦ୍ୱାରା ଉପକରଣ ବଣ୍ଟନ କରାଯାଇଥିଲା ଯଥା ଦିବ୍ୟାଙ୍ଗ ମାନଙ୍କ ପାଇଁ ବେଟ୍ରି ଚାଳିତ ଗାଡି, ହୁଇଲ ଚେୟାର, ଆଶାବାଡ଼ି, ଶ୍ରବଣ ଯନ୍ତ୍ର, ସ୍ମାର୍ଟ ଫୋନ ଭଳି ଅନ୍ୟାନ୍ୟ ଅତ୍ୟାଧୁନିକ ଉପକରଣ ଓ ବୃଦ୍ଧ ମାନଙ୍କ ନିମନ୍ତେ ଅଣ୍ଟା ବେଲ୍ଟ, ଆଣ୍ଠୁ ବେଲ୍ଟ, ବେକ ବେଲ୍ଟ, ଆଶା ବାଡ଼ି ଶ୍ରବଣ ଯନ୍ତ୍ର ୱାକର ଭଳି ଅନ୍ୟାନ୍ୟ ଉପକରଣ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଲିମକର କାର୍ଯ୍ୟକର୍ତ୍ତା ପପୁ ସାହା, ସ୍ୱୀଟସ୍ମିତା କାନୁନଗୋ ଓ ସଭା ପରିଚାଳନା କରିଥିଲେ । ଦିବ୍ୟାଙ୍ଗ ମହାସଂଘ ଜିଲ୍ଲା ସଭାପତି ଅରୁଣ କୁମାର ବେହେରା ଉପସ୍ଥିତ ରହି ଦିବ୍ୟାଙ୍ଗ ଓ ବୃଦ୍ଧ ମାନଙ୍କୁ ସହଯୋଗ କରିଥିଲେ ।

# ମହାରାଷ୍ଟ୍ର ପୋଲିସ ଧରିଲା ରେଢ଼ାଖୋଲ ଥାନାରେ ଛାଡିଦେଲା

**ରେଢ଼ାଖୋଲ (ଏନ୍.ଏମ୍.) :** ୟୁଟୁବରଙ୍କ କଳା କାରନାମା । ଓଡ଼ିଶାରୁ ମହାରାଷ୍ଟ୍ରକୁ ଲମ୍ବିଛି ତାଙ୍କ କଳାକାରନାମାର ଚେର । ସମ୍ବଲପୁର ଜିଲ୍ଲା ରେଢାଖୋଲ ଉପଖଣ୍ଡର ଜଣେ ଜଣାଶୁଣା ୟୁଟୁବର ଅଶ୍ୱିନୀ ସାହୁ (ବାପି) ଯାହାଙ୍କ ୟୁଟ୍ୟୁବରେ ବହୁ ଚ୍ୟାନେଲ ଖୋଲି ଜଣେ ପ୍ରତିଷ୍ଠିତ ୟୁଟୁବର ଭାବେ ବାପି ଓ ତାଙ୍କ ସ୍ତ୍ରୀ ବେସ ପରିଚିତ । ହେଲେ ପରଦା ପଛରେ କାହାଣୀ ଟିକେ ଅଲଗା । ବାପି ଜଣେ ୟୁଟୁବର ହେଲେ ମଧ୍ୟ ସେ ଗଞ୍ଜେଇ ଚୋରା କାରବାରରେ ଓଡ଼ିଶାରୁ ମହାରାଷ୍ଟ୍ର ପର୍ଯ୍ୟନ୍ତ ଚେର ଲମ୍ବିଥିବା ଜଣାପଡିଛି । ଏନେଇ ବାପିଙ୍କ ନାମରେ ଅଭିଯୋଗ ଆଣିଛନ୍ତି ରେଢ଼ାଖୋଲ ସାଲେସିଂ ଅଞ୍ଚଳର ଜଣେ ସିମ୍ କାର୍ଡ ବେପାରି ଅରୁଣ ମେହେରଙ୍କ ସ୍ତ୍ରୀ ନିରୁପମା ମେହେର । ସୂଚନାଯୋଗ୍ୟ ଯେ ଗତ କିଛି ମାସ ପୂର୍ବରୁ ବାହାର ରାଜ୍ୟ ମହାରାଷ୍ଟ୍ର କୁ ଗଞ୍ଜେଇ ରପ୍ତାନି କରୁଥିବା ବେଳେ ଧରାପଡିଥିଲା ଗଞ୍ଜେଇ ଗାଡି ସହ ଚାଳକ । ଏହି ଚୋରାଚାଲାଣ ପଛରେ ମୁଖ୍ୟ ଆସାମୀ ୟୁଟୁବର ବାପିଙ୍କ ହାତ ଥିବା କୌଣସି ସୁତ୍ରରୁ ମହାରାଷ୍ଟ୍ର ପୋଲିସ ଜାଣିବାକୁ ପାଇଥିଲା । ଘଟଣା ପରେ ଫେରାର ରହିଥିଲେ ୟୁଟୁବର । ସେହି ଟ୍ରକ ଚାଳକ ଠାରୁ ୧୦୫ କେଜି ଗଞ୍ଜେଇ ଘଟଣା ସ୍ଥଳରୁ ଜବତ ହୋଇଥିବା ଜଣାପଡ଼ିଥିବା ବେଳେ ବ୍ୟବହୃତ ସିମ୍ କାର୍ଡ, ମୋବାଇଲ ସହ ଏମ ଏଚ୧୪ବିଏଲ୍ ୪୪୪୫ ନଂ ବିଶିଷ୍ଟ ଏକ ଟ୍ରକ କୁ ମଧ୍ୟ ଜବତ କରିଥିଲା ମହାରାଷ୍ଟ୍ର ପୋଲିସ । ଘଟଣାର ତଦନ୍ତ ପରେ ଟ୍ରକ୍ ଚାଳକ ଚୋରାଚାଲାଣରେ ବ୍ୟବହୃତ ମୋବାଇଲ ନମ୍ବର ଟି ଗଞ୍ଜେଇ ମାଫିଆ ଅଭିଯୁକ୍ତ ଅଶ୍ୱିନୀ ସାହୁ ଓରଫ୍ ବାପି ଦେଇଥିବା ନମ୍ବର ବୋଲି କହିଥିଲା । ପରେ ସିମ୍ କାହାର ଓ ବାପିକୁ ଧରିବାକୁ ମହାରାଷ୍ଟ୍ର ପୋଲିସ ଓଡିଶାର ରେଢ଼ାଖୋଲ ଅଞ୍ଚଳରେ ପହଞ୍ଚି ଥିଲା । ପରେ ବାପିକୁ ନପାଇ ସିମ୍ କାର୍ଡ ବିକିଥିବା ଦୋକାନୀ ଅରୁଣ ମେହେରକୁ ପଚରା ଉଚୁରା କରିବା ବାହାନାରେ ଉଠାଇ ନେଲା ପୋଲିସ । ମହାରାଷ୍ଟ୍ର ପୋଲିସ ଗିରଫ କରି ମିଛ କେସରେ ଫସାଇ କୋର୍ଟ ଚାଲାଣ କରିଥିବା ବେଳେ ସେ ହାଜତରେ ଥିବା କହିଛନ୍ତି ସ୍ତ୍ରୀ ନିରୁପମା । ଅନ୍ୟପଟେ ମୁଖ୍ୟ ଆସାମୀ ଅଶ୍ୱିନୀ ସାହୁ (ବାପି )ଙ୍କୁ ଧରିବା ପାଇଁ ରେଢ଼ାଖୋଲ ଥାନା ଅଞ୍ଚଳରେ ମହାରାଷ୍ଟ୍ର ପୋଲିସ ଦୀର୍ଘଦିନ ଡେରା



ପକାଇ ଜାଲ ବିଛାଇ ଗତ ୭ତାରିଖ ସକାଳୁ ଗିରଫ କରି ରେଢ଼ାଖୋଲ ଥାନାରେ ପାଖାପାଖି ଦୀର୍ଘ ସମୟ ଅଟକ ରଖି ପଚାର ଉଚୁରା କରୁଥିଲା । ଅନ୍ୟପଟେ ପୋଲିସ ଭିତରୁ ତାଲା ମାରି କାହାକୁ ଭିତରକୁ ଛାଡୁ ନଥିବା ବେଳେ କିଛି ଅଜଣା ବ୍ୟକ୍ତିଙ୍କୁ ଅହରହ ବାହାର ଭିତର କରୁଥିବା ସହ ମହାରାଷ୍ଟ୍ର ପୋଲିସ ମଧ୍ୟ ଭିତରୁ ବାହାର ହେବା ଓ ଅରୁଣଙ୍କ ସ୍ତ୍ରୀକୁ ଥାନାକୁ ଡାକିବା ସହ ବାରମ୍ବାର କଥାବାର୍ତ୍ତା ହେବା ସହ ପୋଲିସ ଓ ଅଭିଯୁକ୍ତ ମଧ୍ୟରେ ଭିତିରିଆ ମୁଲଚାଲ୍ ହେବା ପରେ ତାଙ୍କୁ ଏତେ ସମୟ ଅଟକ ରଖି କାହିକି ଛାଡାଗଲା ବୋଲି ପୋଲିସ ଉପରେ ସନ୍ଦେହ ପ୍ରକାଶ କରିଛନ୍ତି ଅରୁଣଙ୍କ ସ୍ତ୍ରୀ ନିରୁପମା ମେହେର । ଗଞ୍ଜେଇ ମାମଲାରେ ହାଇକୋର୍ଟ ଫେରାର ରହିଥିବା ମୁଖ୍ୟ ଅଭିଯୁକ୍ତ ଅଶ୍ୱିନୀ ସାହୁଙ୍କୁ କେସ ନମ୍ବର ୧୧୬/୨୬ ଗତ ମାସ ୧୭/୦୬/୨୬ ମାନ୍ୟବର ଅଦାଲତ ଆଗୁଆ ଜାମିନ ମଞ୍ଜୁର କରିଛନ୍ତି । ପୂର୍ବରୁ ଅନେକ ଅପରାଧିକ ମାମଲା ରହିଥିବା ବେଳେ ଗିରଫ ହେବା ସୁନିଶ୍ଚିତ ହୋଇସାରିଥିଲା । ଦୀର୍ଘ ସମୟ ରେଢ଼ାଖୋଲ ପୋଲିସ ଷ୍ଟେସନରେ ରୁଦ୍ଧ ଦ୍ୱାର ଭିତରେ ରଖା ଯାଇଥିଲା । କାହିଁକିନା ଅଶ୍ୱିନୀ ସାହୁଙ୍କୁ ମାନ୍ୟବର ଅଦାଲତ ଜାମିନ ୧୭/୦୬/୨୬ ରେ ପ୍ରଦାନ କରିଥିବା ବେଳେ ମାମଲା ଥାନାରେ ୨୨/୦୬/୨୬ରେ ମହାରାଷ୍ଟ୍ର ବରୋଦା ଥାନାରେ ସରେଣ୍ଡର ହେବା କଥା, ନହେବାରୁ କୋର୍ଟ ଆଦେଶ ଅନୁସାରେ ଓଡ଼ିଶାରେ ଖୋଜି ଗିରଫ କରିକି ନେବା ବଦଳରେ ମହାରାଷ୍ଟ୍ର ପୋଲିସ ଭିତିରି ମୋଟା ଅଙ୍କର ଟଙ୍କା ଡ଼ିଲ ହୋଇଥିବା ଅନୁମାନ କରାଯାଉଛି । ପାଖ ଜିଲ୍ଲାର ଅନେକ ଲୋକ ଓ ଓକିଲ ନେବା ପାଇଁ ଥାନା ସମ୍ମୁଖରେ ଜମା ହୋଇଥିଲେ । ଅଟକ ରଖିଥିବା ଅଭିଯୁକ୍ତ ଅଶ୍ୱିନୀ ସାହୁ ଓରଫ୍ ବାପି ପ୍ରତିକ୍ରିୟାରେ ସଫାଇ ଦେଇଛନ୍ତି ମୋର ନାମରେ କୌଣସି ମାମଲା ନାହିଁ । ଗାଡ଼ି ଦୁର୍ଘଟଣା ପାଇଁ ପୋଲିସ ଦୀର୍ଘ ସମୟ ଧରି ଅଟକ ରଖିଥିଲେ ପଚରା ଉଚରା ପରେ ଛାଡି ଦେଇଛି । ଅନ୍ୟପଟେ ଅରୁଣଙ୍କ ସ୍ତ୍ରୀ ନିରୁପମା ପୋଲିସର ଏଭଳି ତଦନ୍ତ ଉପରେ ସନ୍ଦେହ ପ୍ରକାଶ କରି ଏହାର ସଠିକ୍ ତଦନ୍ତ କରି ସ୍ୱାମୀ ଅରୁଣଙ୍କୁ ନ୍ୟାୟ ପାଇଁ ଅନୁରୋଧ କରିଛନ୍ତି ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଗଭୀର ସମୁଦ୍ର ମାଛଧରା ମିଶନ ମତ୍ସ୍ୟଜୀବୀଙ୍କ ...

ସୃଷ୍ଟି କରୁଛି । ତେଣୁ ଆମକୁ କୋପରେଟିଭ ସେକ୍ଟର (ସମବାୟ କ୍ଷେତ୍ର)କୁ ଅଧିକ ମହତ୍ୱ ଦେବାକୁ ହେବ, ଗ୍ରାମୀଣ ରାସ୍ତାଘାଟ ଓ ଭିତ୍ତିଭୂମି ଭଲ କରିବାକୁ ହେବ ଏବଂ ମତ୍ସ୍ୟ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ପାଇଁ ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ହେବ । ରାଜ୍ୟର ପ୍ରାୟ ୧ କୋଟି ପରିବାରଙ୍କ କଲ୍ୟାଣ ତଥା ମତ୍ସ୍ୟପାଳନ କ୍ଷେତ୍ରକୁ ଏକ ନୂଆ ରୂପ ଦେବା ପାଇଁ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବଦ୍ଧପରିକର । ଭାରତୀୟ ପତାକାଧାରୀ ଜାହାଜଗୁଡ଼ିକୁ ଗଭୀର ସମୁଦ୍ରରେ ମତ୍ସ୍ୟ ସଂଗ୍ରହ ପାଇଁ ଅନୁମତି ପତ୍ର ପ୍ରଦାନ କରିବାର ଏହି ଐତିହାସିକ ଜାତୀୟ ଶୁଭାରମ୍ଭ ମତ୍ସ୍ୟଜୀବୀମାନଙ୍କୁ ଆଧୁନିକ ଓ ସଶକ୍ତ କରିବ । ମତ୍ସ୍ୟଜୀବୀ ଓ ଜାହାଜ ମାଲିକମାନଙ୍କ ସୁବିଧା ପାଇଁ କେନ୍ଦ୍ର ସରକାର 'ରେଜିଷ୍ଟ୍ରେସନ ଆଣ୍ଡ ଲାଇସେନ୍ସିଂ ଅଫ ଫିସିଂ କ୍ରାଫ୍ଟ' ଡିଜିଟାଲ୍ ପ୍ଲାଟଫର୍ମକୁ ଅପଗ୍ରେଡ୍ କରିଛନ୍ତି, ଯାହାଦ୍ୱାରା ବର୍ତ୍ତମାନ କୌଣସି ଅଯଥା କାଗଜପତ୍ରର ଚିନ୍ତା ନଥାଇ, ସ୍ୱଳ୍ପ ଫିସ୍ ଦେଇ ସମ୍ପୂର୍ଣ୍ଣ ଅନଲାଇନରେ ଏଲଓଏ ପାଇପାରିବେ । ଏହା ପ୍ରଧାନମନ୍ତ୍ରୀଙ୍କ 'ଡିଜିଟାଲ୍ ଇଣ୍ଡିଆ' ଏବଂ 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍'ର ଏକ ଶ୍ରେଷ୍ଠ ନିଦର୍ଶନ ବୋଲି କହିଛନ୍ତି ଶ୍ରୀ ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଓଡ଼ିଶାର ସମସ୍ତ ମତ୍ସ୍ୟଜୀବୀ ଭାଇଭଉଣୀଙ୍କୁ ରାଜ୍ୟର ମତ୍ସ୍ୟପାଳନ ଶିଳ୍ପକୁ ଆଗକୁ ନେବା ପାଇଁ ଅଣ୍ଟାଭିଡିବାକୁ ଆହ୍ୱାନ ଦେଇଛନ୍ତି ।

## ୪୧ ଦେଶର ତେଲ, ୭୪ ଦିନର ...

ଉପସାଗରୀୟ ଦେଶ ଉପରେ ନିର୍ଭର କରୁଥିଲା । ଏବେ ରୁଷ, ଆମେରିକା, ବ୍ରାଜିଲ, ନାଇଜେରିଆ, କାଜାଖସ୍ତାନ, ଆଲଜେରିଆ, ଅଙ୍ଗୋଲା ସମେତ ୪୧ଟି ଦେଶରୁ ଭାରତ ଦ୍ୱାରା ତେଲ କ୍ରୟ କରାଯାଉଛି । ଯଦି ପୁଣି ଯୁଦ୍ଧ ହୁଏ ସଙ୍କଟ ଦେଖାଦିଏ ତାହେଲେ ଏହି ସମୟରେ ଯୋଗାଣ ବନ୍ଦ ହେବାର ଆଶଙ୍କାକୁ କମିପାରେ ।ହର୍ମୁଜ୍ ଦେଇ ତେଲ ନଆସିଲେ କିଭଳି ଭାରତରେ ତେଲ ପହଞ୍ଚିବ; ଦେଖିବାକୁ ଗଲେ ସାଉଦି ଆରବର ପୂର୍ବ-ପଶ୍ଚିମ ପାଇପଲାଇନ୍ ସିଧାସଳଖ ୟାନବୁ ବନ୍ଦରକୁ ଅଶୋଧିତ ତୈଳ ପରିବହନ କରେ । ସଂଯୁକ୍ତ ଆରବ ଏମିରେଟ୍ସର ଆବୁଧାବି ଅଶୋଧିତ ତୈଳ ପାଇପଲାଇନ୍ ସିଧାସଳଖ ହରମୁଜ୍ ପ୍ରଣାଳୀ ବାହାରେ ଅବସ୍ଥିତ ଫୁଜୈରାହ ବନ୍ଦରକୁ ତୈଳ ପରିବହନ କରେ । ଏହି ମାଧ୍ୟମରେ ତୈଳ ହର୍ମୁଜ୍ ବାହାରର ବନ୍ଦରକୁ ପହଞ୍ଚୁଛି । ଏହା ଭାରତର ଶକ୍ତି ସୁରକ୍ଷାକୁ ଅଧିକ ମଜବୁତ କରିଛି । ଏଲପିଜି ସିଲିଣ୍ଡର ସଂକଟ ସମ୍ପର୍କରେ ବର୍ତ୍ତମାନ ପରିସ୍ଥିତିକୁ ଅନୁଧ୍ୟାନ କଲେ ଲାଗୁଛି କି ଏବେପର୍ଯ୍ୟନ୍ତ ସେପରି ଆଶଙ୍କା ନାହିଁ । ଭାରତ ଆମେରିକା, କାନାଡା, ନରୱେ, ରୁଷ ଓ ଆଲଜେରିଆରୁ ଏଲପିଜି ଆମଦାନୀ ବଢ଼ାଇଛି । ଏଥିସହିତ ଘରୋଇ ଏଲପିଜି ଉତ୍ପାଦନ ବୃଦ୍ଧି କରିବାକୁ ମଧ୍ୟ ରିଫାଇନାରୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ଯାହା ଦ୍ୱାରା ଗ୍ୟାସ୍ ସିଲିଣ୍ଡର ଯୋଗାଣ ପ୍ରଭାବିତ ନହୁଏ । ଏଥିସହିତ ସରକାରୀ ସୂଚନା ଅନୁଯାୟୀ, ଭାରତ ପାଖରେ ପ୍ରାୟ ୭୪ ଦିନର ତୈଳ ବ୍ୟାକଅପ୍ ରହିଛି । ଏହା ସହିତ ଷ୍ଟ୍ରାଟେଜି ପେଟ୍ରୋଲିୟମ ରିଜର୍ଭ ମଧ୍ୟ ଉପଲବ୍ଧ ଥିବାରୁ ଅସ୍ଥାୟୀ ସଙ୍କଟକୁ ସାମ୍ନା କରିବା ସମ୍ଭବ । ରିଫାଇନାରୀଗୁଡ଼ିକ ମଧ୍ୟ ସାଧାରଣ କ୍ଷମତା ଠାରୁ ଅଧିକ କ୍ଷମତାରେ କାର୍ଯ୍ୟ କରୁଛନ୍ତି ।ତେଣୁ ଜନସାଧାରଙ୍କୁ ଏ ନେଇ ଭୟଭୀତ ନହେବାକୁ ସୂଚନା ଦିଆଯାଇଛି । ବର୍ତ୍ତମାନ ପାଇଁ ଭୟଭୀତ ହେବାର କାରଣ ନାହିଁ । ତଥାପି ଯଦି ଦୀର୍ଘ ସମୟ ଧରି ଯୁଦ୍ଧ ଚାଲିଥାଏ, ତେବେ ବିଶ୍ୱ ବଜାରରେ ଅଶୋଧିତ ତୈଳର ଦର ବଢ଼ିପାରେ । ଏହାର ପ୍ରଭାବରେ ପେଟ୍ରୋଲ, ଡିଜେଲ, ଏଲପିଜି ଓ ପରିବହନ ଖର୍ଚ୍ଚ ବୃଦ୍ଧି ହେବାର ସମ୍ଭାବନା ରହିଛି । କିନ୍ତୁ ଭାରତର ବର୍ତ୍ତମାନର ରଣନୀତି ତୁରନ୍ତ ଯୋଗାଣ ସଙ୍କଟର ଆଶଙ୍କାକୁ ଅନେକ କମାଇ ଦେଇଛି ।

## କର୍ଣ୍ଣାଟକ ପରିବହନ ମନ୍ତ୍ରୀଙ୍କୁ ବସ୍‌ରୁ ...

୪୦ ଟଙ୍କା ଦେଇ ରିକ୍ସାରୁ ଓହ୍ଲାଇ ପଡ଼ିଥିଲେ । ମାସ୍କ ପିନ୍ଧି ମନ୍ତ୍ରୀ ଜୟମାହାଲ, ଟିଭି ଟାୱାର, ଆରଟି ନଗର, ସିବିଆଇ ରୋଡ, ହେବଲ, ମାନ୍ୟତା ଟେକ୍ ପାର୍କ, ନାଗଭାରା, ହେନୁର, ହେନୁର ବନ୍ଦେ, ବୀରଥୀ ବନ୍ଦେ ଏବଂ ଗେଡଡାଲାହାଲି ସନ୍ଧ୍ୟା ୭ଟା ୧୦ରୁ ରାତି ୯ଟା ୧୦ ମଧ୍ୟରେ ଯାତ୍ରା କରିଥିଲେ । ଯଦି ତାଙ୍କ ଭଳି ସମସ୍ତରାଜ୍ୟର ମନ୍ତ୍ରୀମାନେ ଏହି ଭଳି ଷ୍ଟିଙ୍ଗ ଅପରେସନ କରନ୍ତି ତେବେ ଶାସନ ବ୍ୟବସ୍ଥାରେ ନିଶ୍ଚୟ ସୁଧାର ଆସିବ ବୋଲି ବୁଦ୍ଧିଜୀବୀବମାନେ କହିଛନ୍ତୀ ।

## ଓଡ଼ିଶା ସୂଚନା ସେବା ଅଧିକାରୀମାନଙ୍କ ...

ପାଲିୱାଲ ଗୌର, କାର୍ଯ୍ୟନିର୍ବାହୀ ଶିକ୍ଷା କେନ୍ଦ୍ର(ସିଇଇ)ର ମୁଖ୍ୟ ପ୍ରଫେସର ଡକ୍ଟର ସୁନେତ୍ରା ସେନ ନାରାୟଣ ଏବଂ ରେଜିଷ୍ଟ୍ରାର ଏଲ୍. ମଧୁ ନାଗ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମଗ୍ର ପ୍ରଶିକ୍ଷଣ ଅବଧିରେ ଅଂଶଗ୍ରହଣକାରୀମାନଙ୍କ ସହ ଆଲୋଚନା ଓ ମତବିନିମୟ କରିଥିଲେ । ଆଇଆଇଏମସି କାର୍ଯ୍ୟନିର୍ବାହୀ ଶିକ୍ଷା କେନ୍ଦ୍ରର ପ୍ରଶିକ୍ଷଣ ସହଯୋଗୀ ମନପାହ କୋନ୍ୟାକ ବିଭିନ୍ନ ଅଧିବେଶନର ସମନ୍ୱୟ ଓ ସଞ୍ଚାଳନ କରିଥିଲେ । ଅଂଶଗ୍ରହଣକାରୀ ଓଡ଼ିଶା ସୂଚନା ସେବା ଅଧିକାରୀମାନେ କହିଥିଲେ ଯେ, ଏହି ପ୍ରଶିକ୍ଷଣ ସେମାନଙ୍କର ଗଣମାଧ୍ୟମ ପରିଚାଳନା ଓ କୌଶଳଗତ ଯୋଗାଯୋଗ କ୍ଷମତାକୁ ଆହୁରି ସୁଦୃଢ଼ କରିବା ସହିତ 'ବିକଶିତ ଓଡ଼ିଶା-୨୦୩୬' ଏବଂ 'ବିକଶିତ ଭାରତ-୨୦୪୭' ଗଠନ ଦିଗରେ ରାଜ୍ୟର ଲକ୍ଷ୍ୟ ପୂରଣ ଦିଗରେ ସହାୟକ ହେବ । ଏହି ପ୍ରଶିକ୍ଷଣ ସୁଯୋଗ ପାଇଁ ସେମାନେ ଓଡ଼ିଶା ସରକାର ତଥା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି । ଆଇଆଇଏମସିରେ ପ୍ରଦାନ କରାଯାଇଥିବା ପ୍ରାୟୋଗିକ ପ୍ରଶିକ୍ଷଣ ସେମାନଙ୍କୁ ଅଧିକ ଦକ୍ଷତା ଓ ବୃତ୍ତିଗତତାର ସହ ଜନସେବା ପ୍ରଦାନ କରିବାରେ ସହାୟତା କରିବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଅଂଶଗ୍ରହଣକାରୀମାନେ ମୁଖ୍ୟଅତିଥି, ବିଶିଷ୍ଟ ଅତିଥି ଏବଂ ଅଧ୍ୟାପକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅତିଥିମାନେ ଅଧିକାରୀମାନଙ୍କ ଭବିଷ୍ୟତ କାର୍ଯ୍ୟ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟର ଯୋଗାଯୋଗ, ଗଣମାଧ୍ୟମ ପରିଚାଳନା ଏବଂ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା କ୍ଷମତାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଆଗାମୀ ଦିନରେ ଅଧିକ ସଂଖ୍ୟକ ଓଡ଼ିଶା ସୂଚନା ସେବା (ଓଆଇଏସ) ଅଧିକାରୀଙ୍କୁ ନୂଆଦିଲ୍ଲୀସ୍ଥିତ ଆଇଆଇଏମସି ଏବଂ ଅନ୍ୟାନ୍ୟ ସଂସ୍ଥାକୁ ଏପରି ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ପ୍ରେରଣ କରାଯିବ ।

## ଏନଡିଏ ପାଇ ହାସଲ କଲେ ...

(ଏସଏସବି)ର କଠିନ ୫ ଦିନର ପ୍ରକ୍ରିୟାକୁ ସଫଳତାପୂର୍ବର ପୂରଣ କରିଥିଲେ । ତାଙ୍କ ସାମ୍ନାରେ ମେଡିକାଲ ଫିଟନେସର ଚ୍ୟାଲେଞ୍ଜ ମଧ୍ୟ ସାମ୍ନାକୁ ଆସିଥିଲା,ଯାହାକୁ ସେ ୪୦ ଦିନର କଡ଼ା ପରିଶ୍ରମରେ ଅତିକ୍ରମ କରିଥିଲେ । ଏହା ପରେ ଏନଡିଏ ଓ ପରେ ଇଣ୍ଡିଆନ ମିଲିଟାରୀ ଏକାଡେମୀ (ଆଇଏମଏ)ରେ ୪ ବର୍ଷର କଠିନ ପ୍ରଶିକ୍ଷଣ ଆରମ୍ଭ ହେଲା , ଯେଉଁଠି ପ୍ରତିଦିନ ଅନୁଶାସନ, ଯନ୍ତ୍ରଣା ଓ ସମର୍ପଣର ପରୀକ୍ଷା ଥିଲା । ୧୪ ଜୁନ ୨୦୨୬ ମସିହାର ଦିନ ତାଙ୍କ ଜୀବନର ସବୁଠୁ ସ୍ମରଣୀର ଦିନ ପାଲଟି ଗଲା , ଯେବେ ସେ ଲେଫ୍‌ଟେନାଣ୍ଟ ହୋଇ ପାସ୍ ଆଉଟ୍ ହେଲେ । ମାତା ପିତା ତାଙ୍କର କାନ୍ଧରେ ଷ୍ଟାର ଲଗାଇ ଦେଲେ ଏବଂ ଆଖିରୁ ବୋହି ଆସୁଥିଲା ଖୁସି ଓ ଆତ୍ମସନ୍ତୋଷର ଲୁହ, କାରଣ ଏହା ତାଙ୍କ ବାପାଙ୍କ ସ୍ୱପ୍ନ ଥିଲା । ବାପା ଗର୍ବରେ କହିଥିଲେ, ସେ ନିଜ ଝିଅକୁ ଦେଶରୁ ସମର୍ପି ଦେଲେ । ଘରକୁ ଯେତେବେଳେ ଫେରୁଥିଲେ ପୂରା ସୋନିପତ ଅଞ୍ଚଳ ତାଙ୍କୁ ସ୍ୱାଗତ କରିଥିଲା ।

## ୩ ମାସରେ ୧୩ ଜଣଙ୍କୁ ...

ଦେବା ସହ ଗୁରୁତର ଅପରାଧ ବିରୋଧରେ କଡ଼ା ବାର୍ତ୍ତା ଦେଇଛି । ତେବେ ଭାରତୀୟ ଆଇନ ଅନୁସାରେ ଫାଶୀ ଦଣ୍ଡ ତୁରନ୍ତ କାର୍ଯ୍ୟକାରୀ ହୁଏ ନାହିଁ । ଏହା ବିରୋଧରେ ଦୋଷୀମାନେ ଉଚ୍ଚ ନ୍ୟାୟାଳୟରେ ଅପିଲ କରିପାରିବେ ଏବଂ ଉଚ୍ଚ ନ୍ୟାୟାଳୟର ମଞ୍ଜୁରି ପରେ ହିଁ ଏହି ଦଣ୍ଡ କାର୍ଯ୍ୟକାରୀ ହୋଇପାରିବ । ଉଲ୍ଲେଖଯୋଗ୍ୟ ଯେ ଜଜ୍ ରବି କୁମାର ଦିୱାକର ପୂର୍ବରୁ ବାରାଣସୀର ଜ୍ଞାନବାପୀ ମାମଲାରେ ସର୍ଭେ ନିର୍ଦ୍ଦେଶ ଦେଇ ଜାତୀୟ ସ୍ତରରେ ଚର୍ଚ୍ଚାରେ ଆସିଥିଲେ । ତାଙ୍କ ସମ୍ପ୍ରତିର ରାୟଗୁଡ଼ିକ ପୁଣିଥରେ ନ୍ୟାୟ ବ୍ୟବସ୍ଥା ଓ ସମାଜରେ ଆଲୋଚନାର ବିଷୟ ପାଲଟିଛି ।

### ଚୌଦ୍ୱାର ରାଜନୀତି

## କ୍ଷମା ମାଗି ଦଳରେ ମିଶିଲେ ଇସ୍ତଫା ଦେଇଥିବା କାଉନସିଲର



**ଚୌଦ୍ୱାର(ଏନ୍.ଏମ୍.) :** ବିଜେଡି ସହ ବେଇମାନ କରି ଦଳରୁ ପ୍ରତ୍ୟାଖାତ ହୋଇଥିବା ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ଏବେ ସମସ୍ୟା ଆହୁରି ବଢ଼ିଯାଇଛି । ଚୌଦ୍ୱାର ପୌରପାଳିକାର ୧୨ ନମ୍ବର ୱାର୍ଡ଼ କାଉନସିଲର ସୁବ୍ରତ ସାମଲ ପୂର୍ବତନ ବିଧାୟକ ଶ୍ରୀ ବିଶ୍ୱାଳଙ୍କ କଥାରେ ପଡ଼ି ବିଜେଡିରୁ ଇସ୍ତଫା ଦେଇଦେଇଥିଲେ । କିନ୍ତୁ ବିଜେଡି ଦଳ ଓ ଶଙ୍ଖ ଚିହ୍ନରୁ ବିଜୟ ଲାଭ କରିଥିବା ଶ୍ରୀ ସାମଲ ଦଳରୁ ଇସ୍ତଫା ଦେବାର କେଇ ଘଣ୍ଟା ନପୁରୁଣୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ନିର୍ବାଚନ କମିଶନରଙ୍କୁ ଚିଠି ଦେବା ପରେ ଏବେ ଶ୍ରୀ ସାମଲ ହଡ଼ରଘଣାରେ ପଡ଼ିଯାଇଛନ୍ତି । ନିଜର କାଉନସିଲର ପଦ ହାତଛଡ଼ା ହୋଇଯିବା ଆଶଙ୍କାରେ ସେ ଆଜି ବିଜେଡି ସୁପ୍ରିମୋଙ୍କ ନିକଟରେ ଶରଣ ପଶିବା ସହ ନିଜର ଭୁଲ ଦର୍ଶାଇ କ୍ଷମା ମାଗିଛନ୍ତି ।ଏଥି ସହିତ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଲିଖିତ ଭାବେ ଗୁହାରି କରିଛନ୍ତି କି ସେ ଦଳରୁ ଇସ୍ତଫା ଦେଇ ଭୁଲ କରିଛନ୍ତି; ସେ ଇସ୍ତଫାପତ୍ରକୁ ପ୍ରତ୍ୟାହାର କରିବା ସହ ବିଜେଡି ଦଳରେ ରହି କାମ କରିବେ ବୋଲି କହିଛନ୍ତି । ଏଥି ସହିତ ତାଙ୍କୁ ଦଳରେ ରଖି କାମ କରିବାର ସୁଯୋଗ ଦେବାକୁ ଶ୍ରୀ ପଟ୍ଟନାୟକଙ୍କୁ ନିବେଦନ କରିଛନ୍ତି । ଏହି ଘଟଣା ପରେ ଏବେ ଚୌଦ୍ୱାର ପୌରାଞ୍ଚଳରେ ପୂର୍ବତନ ବିଧାୟକ ଶ୍ରୀ ବିଶ୍ୱାଳଙ୍କ ଠାରୁ ଅନ୍ୟ କାଉନସିଲରମାନେ ମଧ୍ୟ ଦୂରେଇବାକୁ ଲାଗିଲେଣି ।

# ଡ୍ରିମ୍ସ କଲେଜରେ ଛାତ୍ରଙ୍କ ମୃତ୍ୟୁ ଘଟଣା : ଦୁର୍ଘଟଣା ନା ଯୋଜନାବଦ୍ଧ ହତ୍ୟା ?

### ୪ ମାସ ପରେ ଭି ମିଳିଲାନି ପୋଷ୍ଟମର୍ଟମ ରିପୋର୍ଟ !



**କଟକ (ଏନ୍.ଏମ୍.):** ଟାଙ୍ଗୀସ୍ଥିତ ପ୍ରତିଷ୍ଠିତ ଡ୍ରିମ୍ସ କଲେଜ ନାଁରେ ଏକ ସାଙ୍ଘାତିକ ଅଭିଯୋଗ ଆସିଛି । କଲେଜ ପରିସରରେ ଜଣେ ଛାତ୍ରଙ୍କୁ ପିଟି ପିଟି ମାରିଦେବା ସହ ଏହି ସନ୍ଦେହଜନକ ମୃତ୍ୟୁକୁ ଦୁର୍ଘଟଣାର ରୂପ ଦିଆଯାଉଥିବା ନେଇ ଅଭିଯୋଗ ହୋଇଛି । ଏପରିକି ପୋଲିସ ଓ କଲେଜ କର୍ତ୍ତୃପକ୍ଷ ମିଳିତ ଭାବେ ଘଟଣାର ପ୍ରକୃତ ସତ୍ୟକୁ ଲୁଚାଇବାକୁ ଉଦ୍ୟମ କରୁଥିବା ନେଇ ମୃତ ଛାତ୍ରଙ୍କ ପରିବାର ପକ୍ଷରୁ ଅଭିଯୋଗ ଉଠିଛି । ଯାଜପୁର ଜିଲ୍ଲା ବରୀ ଅଞ୍ଚଳର ସୌମ୍ୟ ରଞ୍ଜନ ସେନାପତିଙ୍କ ମୃତ୍ୟୁକୁ ନେଇ ବଢୁଛି ବିବାଦ । ସୌମ୍ୟଙ୍କ ମୃତ୍ୟୁ ପରେ କଲେଜ କର୍ତ୍ତୃପକ୍ଷଙ୍କ ଭୂମିକା ଉପରେ ଗୁରୁତର ପ୍ରଶ୍ନ ଉଠାଇଛନ୍ତି ପରିବାର ଲୋକେ । ଏହା କେବଳ ଦୁର୍ଘଟଣା ନୁହେଁ ବୋଲି ସନ୍ଦେହ ପ୍ରକାଶ କରି ସଠିକ୍ ତଦନ୍ତ ଏବଂ ନ୍ୟାୟ ଦାବି କରିଛନ୍ତି । ସୌମ୍ୟ ରଞ୍ଜନ ସେନାପତି, ଟାଙ୍ଗୀସ୍ଥିତ ଡ୍ରିମ୍ସ ସାଇନ୍ସ କଲେଜର +୨ ଦ୍ୱିତୀୟ ବର୍ଷର ଛାତ୍ର । ପରିବାରର ଅଭିଯୋଗ ଅନୁଯାୟୀ, ଫେବୃଆରୀ ୨୪ ତାରିଖ ରାତି ପ୍ରାୟ ୨ଟା ୪୦ ମିନିଟ୍ ସମୟରେ ସୌମ୍ୟଙ୍କ ସାଙ୍ଗମାନଙ୍କଠାରୁ ଫୋନ୍ ଆସିଥିଲା ଯେ ତାଙ୍କର ଦୁର୍ଘଟଣା ଘଟିଛି ଏବଂ ତାଙ୍କୁ ପଦ୍ମିନୀ କେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଖବର ପାଇବା ପରେ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ । ପରବର୍ତ୍ତୀ ଦିନ ଅର୍ଥାତ୍ ଫେବୃଆରୀ ୨୫ ତାରିଖରେ କଲେଜ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ସୌମ୍ୟଙ୍କୁ ଭୁବନେଶ୍ୱରର ସମ୍ ଅଲ୍ଟିମେଟ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଚାରି ଦିନ ଧରି ଚିକିତ୍ସା ପରେ ମାର୍ଚ୍ଚ ୧ ତାରିଖରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମାର୍ଚ୍ଚ ୨ ତାରିଖରେ କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପୋଷ୍ଟମର୍ଟମ ରିପୋର୍ଟ ପରିବାରକୁ ମିଳିନଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ । ଏହାସହ ପରିବାରର ଅନ୍ୟ ଏକ ଅଭିଯୋଗ, ପୋଲିସ ଏକ ସିସିଟିଭି ଫୁଟେଜ୍ ଦେଖାଇ ସେଥିରେ ଥିବା ବ୍ୟକ୍ତି ସୌମ୍ୟ ବୋଲି ମାନିନେବାକୁ ଚାପ ପକାଉଥିଲେ । କିନ୍ତୁ ସେହି ଫୁଟେଜରେ ଥିବା ବ୍ୟକ୍ତି ତାଙ୍କ ପୁଅ ନୁହେଁ ବୋଲି ପରିବାର ଦାବି କରିଛି । ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଉ ଏବଂ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯାଉ ବୋଲି ପରିବାର ଲୋକେ ଦାବି କରିଛନ୍ତି । ପରିବାରର କହିବା ଅନୁଯାୟୀ, କଲେଜ ପକ୍ଷରୁ କ୍ଷତିପୂରଣର ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କେବଳ ଆଡମିଶନ୍ ଫି' ଫେରସ୍ତ କରାଯାଇଛି । କଲେଜ କର୍ତ୍ତୃପକ୍ଷ, ଏବେ କେବଳ ଆଡମିଶନ ଫି ଫେରସ୍ତ କରି ଖସିଯିବା ପାଇଁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି ।

ତେବେ ଯାଜପୁର ବରୀ ସାହସପୁର ଅଂଚଳର ଚିତ୍ତରଞ୍ଜନ ସେନାପତି ଓ ଋଷିପ୍ରିୟ ସେନାପତିଙ୍କ ପୁଅ ସୌମ୍ୟାଙ୍କ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ଲୋକେ ଦାବି କରିଛନ୍ତି । ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ନ୍ୟାୟ ପାଇଁ ପରିବାର ଲୋକେ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ଓ କଲେଜ ପରିସରରେ ବେଆଇନ ନିଶା କାରବାର ଚାଲୁଥିବା ଏବଂ ଏହାକୁ ନେଇ ସୌମ୍ୟ ବିରୋଧ କରିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଛନ୍ତି । ଏହି ଜଘନ୍ୟ କାଣ୍ଡରେ କଲେଜ ମାଲିକଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ସମାଜ ସେବି ସନ୍ତୋଷ ନାୟକ ମୃତ ପରିବାରକୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ସହିତ ଉପଯୁକ୍ତ ନ୍ୟାୟ ଦେବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି । ତେବେ ସୌମ୍ୟଙ୍କ ମୃତ୍ୟୁ ଦୁର୍ଘଟଣା ନା ଏହା ପଛରେ ରହିଛି ଅନ୍ୟ କୌଣସି ରହସ୍ୟ ? ପରିବାର ଓ ସମାଜସେବୀଙ୍କ ଗୁରୁତର ଅଭିଯୋଗ ପରେ ସମସ୍ତଙ୍କ ନଜର ଏବେ ତଦନ୍ତ ଉପରେ । ସତ୍ୟ କେବେ ସାମ୍ନାକୁ ଆସିବ ଏବଂ ସୌମ୍ୟଙ୍କ ପରିବାରକୁ କେବେ ନ୍ୟାୟ ମିଳିବ, ତାହାକୁ ନେଇ ଅପେକ୍ଷା ।

## ପୂର୍ବତନ ସରପଞ୍ଚ ଅଜୟ ଦାସଙ୍କ ମୃତ୍ୟୁରେ : ରାଜ୍ୟ ପୂର୍ବତନ ସରପଞ୍ଚ ମହାସଂଘର ଶୋକ



**ଭୁବନେଶ୍ୱର(ଏନ୍.ଏମ୍.):** କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ, ପୋସ୍ତଲ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଜୟ ଦାସଙ୍କ ବିୟୋଗରେ ରାଜ୍ୟ ପୂର୍ବତନ ସରପଞ୍ଚ ମହାସଂଘ ପକ୍ଷରୁ ଶୋକ ପ୍ରକାଶ ପାଇଛି । ସେ ଜୁଲାଇ ୭ତାରିଖ ୫ଘଟିକା ସମୟରେ ରହମ୍ମା ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା । ସେ ୧୯୮୪ ମସିହାରୁ ୧୯୮୯ ଏବଂ ୧୯୯୨ ରୁ ୧୯୯୭ ପର୍ଯ୍ୟନ୍ତ ଦୁଇ ଦୁଇ ଥର ସରପଞ୍ଚ ଭାବରେ ନିର୍ବାଚିତ ହୋଇଥିଲେ । ପୋସ୍ତଲ ପଞ୍ଚାୟତରେ ବହୁତ ଜନହିତକର କାର୍ଯ୍ୟ କରି ସେ ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗ ଖବର ପାଇଁ ରାଜ୍ୟ ପଞ୍ଚାୟତ ପରିଷଦର ଆବାହକ ତଥା ପୂର୍ବତନ ସରପଞ୍ଚ ମହାସଂଘର ସଭାପତି ଦିଗମ୍ବର ଜେନା ଗଭୀର ଦୁଃଖ ପ୍ରକାଶ କରି କହିଛନ୍ତି । ଅଜୟବାବୁ ସଂଗଠନର ଜଣେ ଦୃଢ କାର୍ଯ୍ୟକର୍ତ୍ତା ଭାବରେ ପୂର୍ବତନ ସରପଞ୍ଚମାନଙ୍କ ବିଭିନ୍ନ ଦାବି ନେଇ ବହୁବାର ସଂଘ କାର୍ଯ୍ୟକ୍ରମରେ ଯୋଗଦେଇ ହକ୍ ଦାବି ନିମନ୍ତେ ସରକାରଙ୍କ ସହିତ ଲଢେଇ କରିଥିଲେ । ମହାସଂଘ ପକ୍ଷରୁ ଏଭଳି ଜଣେ ନିଷ୍ଠାପର ସଂଗଠକଙ୍କୁ ହରାଇଲା ବୋଲି ସଂଘ ଦୁଃଖପ୍ରକାଶ କରିବା ସହିତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

## ସଫା ହେଉନି ସୁବର୍ଣ୍ଣରେଖା କେନାଲ ପାର୍ଶ୍ୱ ଡ୍ରେନ୍, ପାଣିରେ ବୁଡ଼ିଛି ଏକର ଏକର ଚାଷଜମି

**ବାଙ୍ଗିରିପୋଷ (ଏନ୍.ଏମ୍.):** ବାଙ୍ଗିରିପୋଷି ଥାନା କଳାବାଡ଼ିଆ ପଞ୍ଚାୟତ ଜଗନ୍ନାଥଖୁଣ୍ଟା ଦେଇ ସୁବର୍ଣ୍ଣରେଖା ମୁଖ୍ୟ କେନାଲ ଯାଇଛି । ବର୍ଷା ବେଳେ ବଳକା ପାଣି ନିଷ୍କାସନ ପାଇଁ ଜମିର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ହୋଇଛି । ତେବେ ବର୍ଷ ବର୍ଷ ଧରି ଏହି ଡ୍ରେନ ସଫା ହେଉ ନଥିବାରୁ ସ୍ଥାନୀୟ ଚାଷୀଙ୍କ ଏକର ଏକର ଜମି ଜଳମଗ୍ନ ହୋଇ ରହୁଛି । ଫଳରେ ଚାଷ ହୋଇପାରୁ ନାହିଁ । ସୂଚନା ମୁତାବକ, ଜଳ ନିଷ୍କାସନ ପାଇଁ ନିର୍ମିତ ଡ୍ରେନ୍ ଅନାବନା ଲତାରେ ପୋତି ଯାଇଛି । ଏହାକୁ ସଫା କରିବାକୁ ପ୍ରତିବର୍ଷ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି । ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି । ଯଦି ଜଳମଗ୍ନ ପାଇଁ ଚଳିତ ବର୍ଷ ଚାଷ ହୋଇ ନପାରେ, ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚାଷୀ ଧାନଚାନ୍ଦ ହୋତା, ଲେମ୍ବୁ ପାତ୍ର, ମନୋଜ ମିଶ୍ର, ମାମା ମିଶ୍ର, ତପନ କୁମାର ଷଡ଼ଙ୍ଗୀ, ଅମିତ ମିଶ୍ର, ହରେନ କୁମାର ଷଡ଼ଙ୍ଗୀ, ବିନୋଦ କୁମାର ପାଣି ପ୍ରକାଶ କରିଛନ୍ତି । ତେବେ ସୁବର୍ଣ୍ଣରେଖା ଅଧୀକ୍ଷଣ ଯନ୍ତ୍ରୀ ସୁରେଶ କୁମାର ବେହେରା କହିଛନ୍ତି, ଏସଡିଓଙ୍କୁ ପଠାଇ ଘଟଣାର ତଦନ୍ତ କରାଯାଇ ସମାଧାନ କରାଯିବ ।



# କଙ୍ଗାରୁ କୋର୍ଟ ନେଇ ଡାଳିମ୍ବ ମଡ଼ା ଗାଁ ବଦନାମ

### ଯୁବକଙ୍କ ହତ୍ୟା ଘଟଣା ପରେ ମୁହଁ ଖୋଲିଲେ | ଏସପିଙ୍କୁ ଭେଟିଲେ ବାଛନ୍ଦ ପରିବାର



**ନୟାଗଡ(ଏନ୍.ଏମ୍.):** ସୂଚନା ଅନୁଯାୟୀ ନୟାଗଡ଼ ପାଇଁ କଙ୍ଗାରୁ କୋର୍ଟ ତାଲିକାରେ ବଦନାମ ଗାଁ ସାଜିଛି ଡାଳିମ୍ବମଡ଼ା । ବହୁ ଦିନ ପରେ ଏମିତି ଏକ ରୋଚକ ଘଟଣା ଦେଖିବାକୁ ମିଳୁଛି ଯାହାକି କଙ୍ଗାରୁ କୋର୍ଟକୁ ନେଇ । ଦୁଇ ଦିନ ତଳେ ଏକ ଯୁବକଙ୍କୁ ହତ୍ୟା କରି ନଦୀରେ ଭସାଇ ଦିଆ ଯାଇଥିଲା । ଏହି ହତ୍ୟା ଘଟଣା ପରେ ଯେଉଁ ଗ୍ରାମ ବାସୀ କଙ୍ଗାରୁକୋର୍ଟ ତଥା ସାମାଜିକ ବାଛନ୍ଦ ହୋଇ ମୁହଁ ଖୋଲୁ ନଥିଲେ ଏବେ ମୁହଁ ଖୋଲି ଏହାର ବିହିତ କାର୍ଯ୍ୟାନୁଷ୍ଠାନ ପାଇଁଏସପି ଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି । ନୟାଗଡ ଜିଲ୍ଲାର ବହୁ ଗାଁ ରେ କିଛି ଖଳ ପ୍ରକୃତିର ଲୋକଙ୍କ ଦ୍ୱାରା ଯେଉଁ ମାନେ କି ଗ୍ରାମ କମିଟିର ପଦବୀରେ ଅଛନ୍ତି । ସେମାନଙ୍କ ଦ୍ୱାରା ଲୋକଙ୍କୁ ସାମଜିକ ବାଛନ୍ଦ କରି ଲୋକଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦିଆ ଯାଉଛି । ହେଲେ ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ନିରବଦ୍ରଷ୍ଟା ସାଜିଛନ୍ତି । ଅଭିଯୋଗ ପାଇଲେ ମଧ୍ୟ କାର୍ଯ୍ୟାନୁଷ୍ଠାନରେ ସୁଫଳ ମିଳୁନାହିଁ । ଭବିଷ୍ୟତରେ ଏ କଙ୍ଗାରୁ କୋର୍ଟକୁ ନେଇ କିଛି ଅସୁବିଧା ହେବା ପୂର୍ବରୁଏହାର ସମାଧାନ ନିମନ୍ତେ ଗାଁ ରେ ବାଛନ୍ଦ ଥିବା ପରିବାର ନୟାଗଡ଼ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଅବଗତ କରିଛନ୍ତି । ନୟାଗଡ଼ ଜିଲ୍ଲାରୁ ସମ୍ପୂର୍ଣ୍ଣ ଭାବରେ କଙ୍ଗାରୁ କୋର୍ଟ ବନ୍ଦ କରିବା ଏବଂ ଯେଉଁମାନେ ଏଭଳି ଘଟଣାରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବା ପାଇଁ ଜନମତ ସୃଷ୍ଟି ହୋଇଛି ।ନୟାଗଡ ଜିଲ୍ଲା ଏହି କଙ୍ଗାରୁ କୋର୍ଟ କାରଣରୁ ସବୁବେଳେ ବଦନାମ୍ ହେଉଛି । ଏହି ବ୍ୟବସ୍ଥାର ତୁରନ୍ତ ସୁଧାର ଆଣିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ବିଏସଏନଏଲ ପକ୍ଷରୁ ଟେଲିକମ ଆଡ଼ଭାଇଜରୀ କମିଟି ବୈଠକ




**କେନ୍ଦ୍ରାପଡା (ଏନ୍.ଏମ୍.) :** ରାଷ୍ଟ୍ରାୟତ୍ତ ଟେଲିକମ ସଂସ୍ଥା ବିଏସଏନଏଲ ପକ୍ଷରୁ ଟେଲିକମ୍ ଆଡଭାଇଜରୀ କମିଟି (ଟିଏସି) ବୈଠକରେ ଟିଏସି ସଦସ୍ୟା ରାଜଲକ୍ଷ୍ମୀ ଦାସ ଯୋଗଦେଇ ମହାକାଳପଡ଼ା, ମାର୍ଶାଘାଇ ସମେତ କେନ୍ଦ୍ରାପଡ଼ା ଜିଲ୍ଲାର ବିଏସଏନଏଲ ଗ୍ରାହକମାନଙ୍କ ବିଭିନ୍ନ ସମସ୍ୟାକୁ ଗୁରୁତ୍ୱର ସହ ଉପସ୍ଥାପନ କରିଥିଲେ । ବୈଠକରେ ସେ ମହାକାଳପଡ଼ା, ମାର୍ଶାଘାଇ ଏବଂ ଆଖପାଖ ଅଞ୍ଚଳରେ ଦୁର୍ବଳ ନେଟୱର୍କ, ବାରମ୍ବାର କଲ୍ ଡ୍ରପ୍, ନିମ୍ନମାନର ଭଏସ୍ କ୍ୱାଲିଟି, ଧୀର ୪ଜି ଇଣ୍ଟରନେଟ୍ ସେବା, ଭାରତ ଫାଇବର ସଂଯୋଗ ଓ ମରାମତିରେ ବିଳମ୍ବ ଏବଂ ବିଦ୍ୟୁତ ବିଚ୍ଛିନ୍ନ ସମୟରେ ବିଏସଏନଏଲ ଟାୱାରରେ ପର୍ଯ୍ୟାପ୍ତ ବ୍ୟାଟେରୀ ବ୍ୟାକଅପ୍ କିମ୍ବା ଡିଜି ସେଟ୍ ବ୍ୟବସ୍ଥା ନଥିବାରୁ ସେବା ବ୍ୟାହତ ହେଉଥିବା ପ୍ରସଙ୍ଗ ଉଠାଇଥିଲେ । ଏହାସହ ସେ କେନ୍ଦ୍ରାପଡ଼ା ବିଏସଏନଏଲ କାର୍ଯ୍ୟାଳୟ ଭବନର ମରାମତି ଓ ରକ୍ଷଣାବେକ୍ଷଣ, ପରିଷ୍କାର, ପରିଚ୍ଛନ୍ନତା, ଗ୍ରାହକଙ୍କ ପାଇଁ ବସିବାର ସୁବିଧା, ଆବଶ୍ୟକ ସୂଚନା ଫଳକ ବ୍ୟବସ୍ଥା ଏବଂ କାର୍ଯ୍ୟାଳୟ ସମୟରେ ପର୍ଯ୍ୟାପ୍ତ କର୍ମଚାରୀ ଉପସ୍ଥିତି ସୁନିଶ୍ଚିତ କରିବା ପାଇଁ ଦାବି ଜଣାଇଥିଲେ । ମହାକାଳପଡ଼ା ଏକ ବାତ୍ୟା ପ୍ରବଣ ଉପକୂଳ ଅଞ୍ଚଳ ହୋଇଥିବାରୁ ବିପର୍ଯ୍ୟୟ ସମୟରେ ନିରବଚ୍ଛିନ୍ନ ଯୋଗାଯୋଗ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ସମସ୍ତ ଟାୱାରରେ ପର୍ଯ୍ୟାପ୍ତ ବ୍ୟାଟେରୀ ବ୍ୟାକଅପ୍, ଡିଜି ସେଟ୍ ଏବଂ ଜରୁରୀକାଳୀନ ସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ସେ ଅନୁରୋଧ କରିଥିଲେ । ଶ୍ରୀମତୀ ଦାସ କହିଥିଲେ ଟିଏସି ସଦସ୍ୟ ଭାବେ ଆମର ଦାୟିତ୍ୱ ହେଉଛି ଲୋକଙ୍କ ସମସ୍ୟାକୁ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚାଇ ସେଗୁଡ଼ିକର ବ୍ୟବହାରିକ ସମାଧାନ ପାଇଁ ପ୍ରୟାସ କରିବା । ଏହି ବୈଠକ କେବଳ ଆଲୋଚନାରେ ସୀମିତ ନରହି ଏହାର ବାସ୍ତବ କାର୍ଯ୍ୟାନ୍ୱୟନ ହେଉ ଏବଂ ବିଏସଏନଏଲ ଗ୍ରାହକମାନେ ଉନ୍ନତ ଓ ନିର୍ଭରଯୋଗ୍ୟ ସେବା ପାଆନ୍ତୁ । ଶେଷରେ ସେ ଅନୁରୋଧ କରିଥିଲେ ଯେ, ଏହିପରି ବୈଠକ ନିୟମିତ ଭାବେ ଆୟୋଜନ କରାଯାଉ ଯାହାଦ୍ୱାରା ଲୋକଙ୍କ ସମସ୍ୟାର ନିୟମିତ ସମୀକ୍ଷା, ଅଗ୍ରଗତିର ମୂଲ୍ୟାଙ୍କନ ଏବଂ ସମୟୋପଯୋଗୀ ସମାଧାନ ସୁନିଶ୍ଚିତ ହୋଇପାରିବ ।ଏହି ଅବସରରେ ରାଜଲକ୍ଷ୍ମୀ ଦାସ, କେନ୍ଦ୍ରାପଡ଼ା ଲୋକସଭା ସାଂସଦ ବୈଜୟନ୍ତ 'ଜୟ' ପଣ୍ଡାଙ୍କୁ ଟେଲିକମ୍ ଆଡଭାଇଜରୀ କମିଟି (ଟିଏସି)ର ସଦସ୍ୟ ଭାବେ ସେବା କରିବାର ସୁଯୋଗ ଦେଇଥିବାରୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ ।




# ୭ ବର୍ଷରେ ଯାହା ହୋଇନଥିଲା ତାହା ହେଲା

## ଶ୍ରେୟସ ଆୟରଙ୍କ ନେତୃତ୍ୱ ଟିମ୍ ଇଣ୍ଡିଆକୁ ବୁଡ଼ାଇଦେଲା !



**ନୂଆଦିଲ୍ଲୀ(ଏଜେନ୍ସି) :** ଇଂଲଣ୍ଡ ବିପକ୍ଷରେ ଟି-ଟ୍ୱେଣ୍ଟି ସିରିଜ ହାରିଛି ଭାରତ। ଆୟର୍ଲାଣ୍ଡ ବିପକ୍ଷରେ ୨-୦ରେ ହ୍ୱାଇଟ୍ୱାସ୍ ହେବା ପରେ ଘରୋଇ ଇଂଲଣ୍ଡଠୁ ସିରିଜ୍ ହାରିଛି ଟିମ୍ ଇଣ୍ଡିଆ। ଆଉ ଗୋଟିଏ ମ୍ୟାଚ୍ କେବଳ ସମ୍ମାନ ପାଇଁ ଖେଳିବ। ଏବେ ଗୋଟିଏ କଥା ଚର୍ଚ୍ଚା ହେଉଛି ଅଧିନାୟକ ଶ୍ରେୟସ ଆୟରଙ୍କୁ ଜିତିବା କ'ଣ ଜଣାନାହିଁ ଯେ ? ସେଥିପାଇଁ ସେ ଟିମ୍ ଇଣ୍ଡିଆକୁ ପରାଜୟର ସମ୍ମୁଖୀନ ହେବାକୁ ପଡିଛି। ପ୍ରତ୍ୟେକ ମ୍ୟାଚ୍ ପରେ ଏକ ନୂଆ ଲଜ୍ଜାଜନକ ରେକର୍ଡ ଯୋଡି ହେଉଛି । ବର୍ତ୍ତମାନ ପରିସ୍ଥିତି ଏପରି ଯେ, ଭାରତୀୟ କ୍ରିକେଟରେ ୭ ବର୍ଷ ଧରି ଯାହା ହୋଇନଥିଲା, ତାହା ଦେଖିବାକୁ ମିଳିଥିଲା। ବ୍ରିଷ୍ଟଲରେ ଇଂଲଣ୍ଡ ବିପକ୍ଷରେ ଆଉ ଏକ ପରାଜୟ ପରେ ଏହା ଘଟିଛି। ଟିମ୍ ଇଣ୍ଡିଆ କେବଳ ଚତୁର୍ଥ ଟି-୨୦କୁ ୯ ୱିକେଟରେ ହାରିନାହିଁ ବରଂ ସିରିଜ ମଧ ହାରିଛି । ଏହା ସହିତ, ଗତ ୭ ବର୍ଷ ମଧରେ ଏହା ଦ୍ୱିତୀୟ ଥର ଯେ ଟିମ୍ ଇଣ୍ଡିଆ ଲଗାତାର ଦୁଇଟି ଟି-୨୦ ସିରିଜ ହାରିଛି। ଇଂଲଣ୍ଡ ପୂର୍ବରୁ, ଟିମ୍ ଇଣ୍ଡିଆ ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ଆୟର୍ଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଟି-୨୦ ସିରିଜ ମଧ ହାରିଥିଲା। ଇଂଲଣ୍ଡ ବିପକ୍ଷରେ ଅତି କମରେ ଦୁଇଟି ମ୍ୟାଚ୍ ବିଶିଷ୍ଟ ଦ୍ୱିପାକ୍ଷିକ ଟି-୨୦ ସିରିଜ୍ କେବେ ହାରିନାହିଁ ଭାରତ। ୨୦୧୯ ପରଠାରୁ ଭାରତ ଇଂଲଣ୍ଡ ବିପକ୍ଷରେ କୌଣସି ଫର୍ମାଟରେ ଦ୍ୱିପାକ୍ଷିକ ସିରିଜ୍ ହାରିନାହିଁ। କିନ୍ତୁ ଚଳିତ ବର୍ଷ ଇଂଲଣ୍ଡ ବିପକ୍ଷରେ ଭାରତ ଟି-ଟ୍ୱେଣ୍ଟି ସିରିଜ୍ ହାରିଛି। ଅଧିନାୟକ ଶ୍ରେୟସ ଆୟର ୭ ବର୍ଷର ପୁରୁଣା ଇତିହାସକୁ ଦୋହରାଇଲେ- ଶେଷ ଥର ପାଇଁ ଟିମ୍ ଇଣ୍ଡିଆ ୨୦୧୯ରେ ଲଗାତାର ଟି-୨୦ ସିରିଜ୍ ହାରିଥିଲା। ବିରାଟ କୋହଲିଙ୍କ ଅଧିନାୟକତ୍ୱରେ, ସେମାନେ ପ୍ରଥମେ ଘରୋଇ ପରିବେଶରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟି-୨୦ ସିରିଜ୍ ହାରିଥିଲେ ଏବଂ ତା'ପରେ ଘରୋଇ ପରିବେଶରେ ଅଷ୍ଟ୍ରେଲିଆ ବିପକ୍ଷରେ ହାରିଥିଲେ। ଆୟରଙ୍କ ଅଧିନାୟକତ୍ୱରେ, ଏହି ୭ବର୍ଷ ପୁରୁଣା ରେକର୍ଡର ସମକକ୍ଷ ହୋଇଛି। ଶ୍ରେୟସ ଆୟର ପ୍ରଥମ ଭାରତୀୟ ଅଧିନାୟକ ଯାହାଙ୍କ ପାଖରେ ଏହି ଖରାପ ରେକର୍ଡ ଅଛି। ତଥାପି, ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ଆହୁରି ଅନେକ ସଫଳତା ମିଳିଛି। ଟିମ୍ ଇଣ୍ଡିଆ ୧୨ ବର୍ଷ ପରେ ଇଂଲଣ୍ଡ ବିପକ୍ଷରେ ଏକ ଟି-୨୦ ସିରିଜ୍ ହାରିଛି। ଏହି ରେକର୍ଡ ଭାଙ୍ଗିଯାଇଛି ଏବଂ ଶ୍ରେୟସ ଆୟର ମଧ ପ୍ରଥମ ଭାରତୀୟ ଅଧିନାୟକ ଭାବରେ ଲଗାତାର ୫ଟି ଟି-୨୦ ମ୍ୟାଚ୍ ହରାଇଛନ୍ତି। ପୂର୍ବରୁ, ଏହି ରେକର୍ଡ ଏମ୍ ଏସ୍ ଧୋନିଙ୍କ ନାମରେ ଥିଲା, ଯିଏ ୨୦୦୯ ରୁ ୨୦୧୪-୧୫ ମଧରେ ଲଗାତାର ୪ଟି ଟି-୨୦ ମ୍ୟାଚ୍ ହାରିଥିଲେ। ସୂର୍ଯ୍ୟକୁମାର ୨ ବର୍ଷ ଏବଂ ଆୟର ମାତ୍ର ୨ ସପ୍ତାହ- ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ଶ୍ରେୟସ ଆୟରଙ୍କୁ ଟିମ୍ ଇଣ୍ଡିଆର ଟି-୨୦ ଅଧିନାୟକ ନିଯୁକ୍ତ କରାଯାଇଛି। ସୂର୍ଯ୍ୟକୁମାର ଯାଦବ ଅଧିନାୟକ ଭାବରେ ବ୍ୟାକ୍ ଟୁ ବ୍ୟାକ୍ ୫ଟି ପରାଜୟ ସହିବାକୁ ଦୁଇ ବର୍ଷ ସମୟ ନେଇଥିଲେ। କିନ୍ତୁ ଶ୍ରେୟସ ଆୟର ଅଧିନାୟକ ହେବାର ମାତ୍ର ଦୁଇ ସପ୍ତାହ ମଧରେ ସମାନ ସଂଖ୍ୟକ ପରାଜୟ ସହିଛନ୍ତି। ଚତୁର୍ଥ ଟି-ଟ୍ୱେଣ୍ଟି ମ୍ୟାଚ୍ କଥା କହିବାକୁ ଗଲେ, ଭାରତକୁ ଇଂଲଣ୍ଡ ୯ ୱିକେଟରେ ହରାଇ ୩-୦ରେ ଆଗୁଆ ସିରିଜ୍ କବଜା କରିଛି। ଏହି ମ୍ୟାଚରେ ଭାରତ ପ୍ରଥମ ବ୍ୟାଟିଂ କରି ୭ ୱିକେଟ୍ ହରାଇ ୧୫୮ ରନ୍ କରିଥିଲା। ଇଂଲଣ୍ଡ ଗୋଟିଏ ୱିକେଟ୍ ହରାଇ ଟାର୍ଗେଟ୍ ହାସଲ କରି ନେଇଥିଲା। ହ୍ୟାରି ବ୍ରୁକ୍, ଫିଲିପ୍ ସଲ୍ଟ ଧମାକା ଦେଖିବାକୁ ମିଳିଥିଲା। ଦୁହେଁ ଯଥାକ୍ରମେ ୭୯ ଏବଂ ୫୯ର ଇନିଂସ ଖେଳିଥିଲେ। ଭାରତ ପକ୍ଷରୁ ଅଧିନାୟକ ଶ୍ରେୟସ ଆୟର ଅପରାଜିତ ୮୦ ରନ୍ କରିଥିଲେ। ଅନ୍ୟ ସମସ୍ତ ବ୍ୟାଟର ବିଫଳ ହୋଇଥିଲେ।

# ଡାଇମଣ୍ଡ ଲିଗ୍‌ରେ ପଦାର୍ପଣ କରିବେ ସର୍ବେଶ



**ନୂଆଦିଲ୍ଲୀ (ଏଜେନ୍ସି) :** ସଦ୍ୟ ନୂଆ ଜାତୀୟ କୀର୍ତ୍ତିମାନର ଅଧିକାରୀ ହୋଇଥିବା ଭାରତୀୟ ହାଇ ଜମ୍ପର୍ ସର୍ବେଶ କୁଶାରେ ଡାଇମଣ୍ଡ ଲିଗ୍ରେ ପଦାର୍ପଣ କରିବେ। ମୋନାକୋରେ ଆୟୋଜିତ ହେବାକୁ ଥିବା ଡାଇମଣ୍ଡ ଲିଗ୍ରେ ବିଶ୍ୱର ଏଲିଟ୍ ହାଇ ଜମ୍ପର୍ଙ୍କ ସହ ପ୍ରତିଦ୍ୱିଦ୍ୱିତା କରିବେ। ୩୧ ବର୍ଷୀୟ କୁଶାରେଙ୍କ ସହ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ତଥା ୩ ଥରର ବିଶ୍ୱବିଜେତା କତରର ମୁତାଜ ଇସା ବାର୍ସିମ ସହ ଟ୍ରଫି ଲଢ଼େଇକୁ ଓହ୍ଲାଇବେ। ପ୍ରଥମ ଭାରତୀୟ ପୁରୁଷ ହାଇଜମ୍ପର୍ ୧୦ ଜଣିଆ ଏହି ପ୍ରତିଯୋଗିତାରେ ବାର୍ସିମଙ୍କ ବାଦ୍ ୨୦୨୫ ବିଶ୍ୱ କାଂସ୍ୟ ବିଜେତା ଚେକ୍ ଗଣରାଜ୍ୟର ଜାନ୍ ଷ୍ଟିଫେଲା, ବିଶ୍ୱ ଇନଡ୍ରର ବିଜେତା ୟୁକ୍ରେନ୍ର ଓଲେ ଡୋରୋସ୍ଚୁକ୍, ୨୦୨୩ ବିଶ୍ୱରେ ?ପ୍ୟ ବିଜେତା ଆମେରିକାର ଜୁଭନ୍ ହାରିସନ୍ ରହିଛନ୍ତି। ଗତ ମାସରେ ଭୁବନେଶ୍ୱରରେ ଆୟୋଜତି ଜାତୀୟ ଅନ୍ତଃରାଜ୍ୟ ପ୍ରତିଯୋଗିତାରେ ୨.୩୧ ମିଟର ଡେଇଁ ସ୍ୱର୍ଣ୍ଣ ଜିତିଥିବା କୁଶାରେ ଚଳିତ ଋତୁରେ ଶ୍ରେଷ୍ଠ ମାର୍କରେ ଗ୍ରେଟ୍ ବ୍ରିଟେନ୍ର ଜାକ୍ କିମିନିଙ୍କ ସହ ଯୁଗ୍ମ ଦ୍ୱିତୀୟରେ ରହିଛନ୍ତି। ଉଭୟଙ୍କଠୁ ଆଗରେ ଡୋରୋସ୍ଚୁକ୍ ରହିଛନ୍ତି। ଜୁନ୍ ୨୭ରେ ତେଜସ୍ୱିନ ଶଙ୍କର (୨.୨୯ ମିଟର)ଙ୍କ ନାମରେ ୮ ବର୍ଷ ତଳର କୀର୍ତ୍ତିମାନ ଭାଙ୍ଗିଥିଲେ। ସଂପ୍ରତି ସେ ଏସୀୟ ଲଙ୍ଗ ଜମ୍ପର୍ଙ୍କ ମଧରେ ୧ ନଂ ସ୍ଥାନରେ ରହିଛନ୍ତି। ସେ ମଧ ପ୍ରଥମ ଭାରତୀୟ ପୁରୁଷ ହାଇଜମ୍ପର୍ ଭାବେ ଗତ ବର୍ଷ ଟୋକିଓରେ ଆୟୋଜିତ ବିଶ୍ୱ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଥିଲେ।

# ଜିମ୍ବାୱେ ଶୃଙ୍ଖଳାରୁ ସାମସନ୍ ବାଦ୍



### ପ୍ରଭସିମରନ୍, ଯଶ ଓ ଅଶୋକଙ୍କୁ ପ୍ରଥମ ଡାକରା
### ଅକ୍ଷରଙ୍କ ସ୍ଥାନରେ ହର୍ଷ, ୱାସିଂଟନଙ୍କ ବଦଳରେ ରିଙ୍କୁ

**ମୁମ୍ବାଇ(ଏଜେନ୍ସି) :** ଚଳିତ ଜୁଲାଇ ଶେଷ ସପ୍ତାହରେ ଖେଳାଯିବାକୁ ଥିବା ଜିମ୍ବାୱେ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳା ପାଇଁ ଘୋଷିତ ଭାରତୀୟ ଦଳରୁ ୱିକେଟ୍ ରକ୍ଷକ ବ୍ୟାଟର୍ ସଞ୍ଜୁ ସାମସନ ବାଦ୍ ପଡ଼ିଛନ୍ତି। ଆୟର୍ଲାଣ୍ଡ ବିପକ୍ଷ ଦୁଇଟି ଏବଂ ଇଂଲଣ୍ଡ ବିପକ୍ଷ ଗୋଟିଏ ଟ୍ୱେଣ୍ଟି-୨୦ରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରି ସଞ୍ଜୁ ଯଥାକ୍ରମେ ୫,୦ ଓ ୧ ରନ୍ କରିବା ପରେ ଚୟନକର୍ତ୍ତାଙ୍କ ଭରସା ତାଙ୍କ ଉପରୁ ଉଠି ଯାଇଛି। ସାମସନଙ୍କ ସ୍ଥାନରେ ଆଇପିଏଲ୍ ଦଳ ପଞ୍ଜାବ କିଙ୍ଗ୍ସର ୱିକେଟ୍ ରକ୍ଷକ ପ୍ରଭସିମରନ୍ ସିଂହ ପ୍ରଥମ ଥର ଲାଗି ଭାରତୀୟ ଟ୍ୱେଣ୍ଟି-୨୦ ଦଳରେ ସୁଯୋଗ ପାଇଛନ୍ତି। ଆଇପିଏଲ୍ -୨୦୨୬ରେ ସେ୧୬୮.୮୭ ଷ୍ଟ୍ରାଇକ୍ ରେଟ୍ ରେ ୫୧୦ ରନ୍ କରିଥିଲେ। ସେହିଭଳି ଅଲରାଉଣ୍ଡ ଅକ୍ଷର ପଟେଲଙ୍କ ସ୍ଥାନ ଯୁବ ସ୍ପିନ୍ ଅଲରାଉଣ୍ଡର୍ ହର୍ଷ ଦୁବେ ନେଇଥିଲା ବେଳେ ୱାସିଂଟନ୍ ସୁନ୍ଦରଙ୍କ ସ୍ଥାନରେ ରିଙ୍କୁ ସିଂହ ଭାରତୀୟ ଦଳକୁ ଫେରିଛନ୍ତି। ପେସ୍ ଆକ୍ରମଣରେ ଯୁବ ଖେଳାଳିଙ୍କ ଉପରେ ଭରସା କରିଛନ୍ତି ଚୟନକର୍ତ୍ତା। ଇଂଲଣ୍ଡ ବିପକ୍ଷ ଶୃଙ୍ଖଳା ଖେଳୁଥିବା ପ୍ରିନ୍ସ ଯାଦବଙ୍କ ସହ ଦୀର୍ଘ ବ୍ୟବଧାନ ପରେ ଆହତ ଜର୍ଜରିତ ଦ୍ରୁତ ବୋଲର ମୟଙ୍କ ଯାଦବ ଦଳକୁ ଫେରିଛନ୍ତି। ସେହିପରି ଯଶ ଠାକୁର ଓ ଆଶୋକ ଶର୍ମା ପ୍ରଥମ ଥର ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଶ୍ରେୟସ ଆୟର ଦଳର ଅଧିନାୟକ ହୋଇଥିବା ବେଳେ ତିଳକ ବର୍ମାଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ନିଜ ସ୍ଥାନ ବଜାୟ ରଖିଛନ୍ତି। ଏହି ଅବସରରେ ବିସିସିଆଇ ଇଂଲଣ୍ଡ ବିପକ୍ଷ ଦିନିକିଆ ଦଳରୁ ଆହତ ଯୋଗୁଁ ନୀତୀଶ କୁମାର ରେଡ୍ଡୀଙ୍କୁ ବାଦ୍ ଦେଇ ଶିବମ୍ ଦୁବେଙ୍କୁ ସାମିଲ କରିଥିବା ଘୋଷଣା କରିଛି।

**ଭାରତୀୟ ଦଳ**

ଶ୍ରେୟସ ଆୟର (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ତିଳକ ବର୍ମା (ଉପଅଧିନାୟକ), ଈଶାନ କିଶନ (ୱିକେଟକିପର), ଶିବମ ଦୁବେ, ସୂର୍ଯ୍ୟାଂଶ ଶେଡଗେ, ରିଙ୍କୁ ସିଂହ, ହର୍ଷ ଦୁବେ, ବରୁଣ ଚକ୍ରବର୍ତ୍ତୀ, ପ୍ରିନ୍ସ ଯାଦବ, ଯଶ ଠାକୁର, ଆଶୋକ ଶର୍ମା, ମୟଙ୍କ ଯାଦବ ଏବଂ ପ୍ରଭସିମ୍ରନ ସିଂହ (ୱିକେଟକିପର)।

# ପର୍ତ୍ତୁଗାଲକୁ ହରାଇ କ୍ୱାର୍ଟରଫାଇନାଲରେ ସ୍ପେନ୍



ପର୍ତ୍ତୁଗାଲ୍ ୧-୦ ଗୋଲ୍‌ରେ ପରାସ୍ତ

**ଡାଲାସ୍(ଏଜେନ୍ସି) :** ଚଳିତ ଫିଫା ଫୁଟ୍ ବଲ ବିଶ୍ୱକପ୍ ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି ସ୍ପେନ୍ । ସୋମବାର ରାତିରେ ଖେଳାଯାଇଥିବା ପ୍ରିକ୍ୱାର୍ଟରଫାଇନାଲ ମ୍ୟାଚ୍ ରେ ପର୍ତ୍ତୁଗାଲ୍ କୁ ୧-୦ ଗୋଲ୍ ରେ ସ୍ପେନ୍ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟ ସରିବାକୁ କେଇ ମିନିଟ ବାକିଥିବା ବେଳେ ସ୍ପେନ୍ ର ମିକେଲ ମେରିନୋ ଗୋଲ୍ ଦେଇ ଦଳକୁ ଶେଷ ୮ଟି ଦଳଙ୍କ ମଧରେ ସ୍ଥାନ ଦେଇଛନ୍ତି। ୨୦୧୦ ପରେ ସ୍ପେନ୍ ବିଶ୍ୱକପ୍ ର କ୍ୱାର୍ଟରଫାଇନାଲରେ ପହଞ୍ଚିଛି। ଅନ୍ୟପକ୍ଷରେ ତାଙ୍କର ଅନ୍ତିମ ବିଶ୍ୱକପ୍ ଖେଳୁଥିବା ପର୍ତ୍ତୁଗାଲର ତାରକା ଷ୍ଟ୍ରାଇକର କ୍ରିଷ୍ଟିଆନୋ ରୋନାଲ୍ ଡୋ ନିରାଶାର ସହ ବିଦାୟ ନେଇଛନ୍ତି।

୨୦୧୦ରେ ବିଶ୍ୱକପ୍ ଚମ୍ପିଆନ୍ ହୋଇଥିବା ସ୍ପେନ୍ ଆରମ୍ଭରୁ ମ୍ୟାଚ୍ କୁ ନିୟନ୍ତ୍ରଣରେ ରଖିବାର ପ୍ରୟାସ କରିଥିଲା। ୮ ମିନିଟରେ ସ୍ପେନ୍ ର ଗୋଲ୍ ଦେବାର ପ୍ରଥମ ସୁଯୋଗ ମିଳିଥିଲା। ଡାନି ଓଲ୍ ମୋ ଦେଇଥିବା ଚମତ୍କାର ପାସ୍ ରୁ ମିକେଲ ଓୟାରଜାବାଲ ମାରିଥିବା ସଟ୍ ଗୋଲ୍ ପୋଷ୍ଟର ସାମାନ୍ୟ ବାହାରେ ଚାଲି ଯାଇଥିଲା। ୧୨ ମିନିଟରେ ବ୍ରୁନୋ ଫର୍ଣ୍ଣାଣ୍ଡେଜ୍ ଙ୍କ ପାସ୍ ରୁ ପର୍ତ୍ତୁଗାଲର ତାରକା ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ ଡୋ ସଟ୍ ମାରିଥିଲେ ହେଁ ସ୍ପେନ୍ ଗୋଲ୍ ରକ୍ଷକ ଉନାଇ ସାଇମନ୍ ଏହାକୁ ରୋକି ଦେଇଥିଲେ। ୧୬ ମିନିଟରେ ପର୍ତ୍ତୁଗାଲ୍ ଗୋଲ୍ ରକ୍ଷକ ଡିଏଗୋ କୋଷ୍ଟା ଦୁଇ ଥର ଗୋଲ୍ ବଞ୍ଚାଇଥିଲେ। ଲାମିନ୍ ୟାମାଲଙ୍କ ସଟ୍ କୁ ରୋକି ଦେଇଥିଲେ। ଆଲେକ୍ସ ବାଏନା ବଲ୍ ପାଇ ସଟ୍ ମାରିଥିଲେ ହେଁ ଏହାକୁ ମଧ କୋଷ୍ଟା ରୋକିଥିଲେ। ୩୦ ମିନିଟରେ ସ୍ପେନ୍ ପୁଣି ଏକ ସୁଯୋଗ ଛାଡ଼ିଥିଲେ। ପେଡ୍ରିଙ୍କ ପାସ୍ ରୁ ଡାନି ଓଲ୍ ମୋ ମାରିଥିବା ସଟ୍ କୁ ଡିଏଗୋ କୋଷ୍ଟା ରୋକି ଦେଇଥିଲେ। ୩୭ ମିନିଟରେ ସ୍ପେନ୍ ର ଗୋଲ୍ ରକ୍ଷକ ଉନାଇ ସାଇମନ ଦୁଇ ଥର ଗୋଲ୍ ବଞ୍ଚାଇଥିଲେ। ପର୍ତ୍ତୁଗାଲର ଜାଓ ଫେଲିକ୍ସଙ୍କ ସଟ୍ କୁ ସାଇମନ୍ ରୋକିବା ପରେ ରୋନାଲ୍ ଡୋଙ୍କ ସଟ୍ କୁ ମଧ ରୋକିଥିଲେ। ୪୧ ମିନିଟରେ କର୍ଣ୍ଣର କିକ୍ ରୁ ବଲ୍ ପାଇ ପେଡ୍ରୋ ପୋରୋ ହେଡ୍ କରିଥିଲେ ହେଁ ବଲ୍ ବାର୍‌ରେ ବାଜିଥିଲା। ଏହିପରି ପ୍ରଥମାର୍ଦ୍ଧ ଗୋଲ୍ ଶୂନ୍ୟ ରହିଥିଲା। ୪୯ ମିନିଟରେ ନ୍ୟୁନୋ ଗୋମ୍ ସଙ୍କ ପାସ୍ ରୁ ପର୍ତ୍ତୁଗାଲର ବ୍ରୁନୋ ଫର୍ଣ୍ଣାଣ୍ଡେଜ୍ ଦୁର୍ବଳ ସଟ୍ ମାରିଥିଲେ; ଯାହାକୁ ଉନାଇ ସାଇମନ୍ ସହଜରେ ଧରି ନେଇଥିଲେ। ୫୯ ମିନିଟରେ ରୋନାଲ୍ ଡୋ ପୁଣି ଏକ ସୁଯୋଗ ଛାଡ଼ିଥିଲେ। ମ୍ୟାଚ୍ ର ଶେଷ ୨୦ ମିନିଟରେ ଉଭୟ ଦଳ ବିଜୟସୁଚକ ଗୋଲ୍ ପାଇଁ ପ୍ରୟାସ କରିଥିଲେ। ୭୬ ମିନିଟରେ ପର୍ତ୍ତୁଗାଲର ବ୍ରୁନୋ ଫର୍ଣ୍ଣାଣ୍ଡେଜ୍ ଗୋଲ୍ ସମ୍ମୁଖରେ ବଲ୍ ପାଇ ଦିଶାହୀନ ସଟ୍ ମାରିଥିଲେ। ୭୯ ମିନିଟରେ ବଦଳ ଖେଳାଳି ଫେରାନ୍ ଟରେସ୍ ମଧ ବଲ୍ କୁ ଗୋଲ୍ ପୋଷ୍ଟ ବାହାରକୁ ମାରିଥିଲେ। ପରେ ମିକେଲ ଓୟାରଜାବାଲଙ୍କ ପାସ୍ ରୁ ଡାନି ଓଲ୍ ମୋ ଗୋଲ୍ ପୋଷ୍ଟକୁ ସଟ୍ ମାରିଥିଲେ ହେଁ ରୁବେନ୍ ଡିଆସ୍ ଡାଇଭ୍ ମାରି ବ୍ଲକ୍ କରିଥିଲେ। ମ୍ୟାଚ୍ ଅତିରିକ୍ତ ସମୟ ଆଡ଼କୁ ଯାଉଥିବା ବେଳେ ଅତିରିକ୍ତ ସମୟରେ ଗୋଲ୍ ଦେଇ ସ୍ପେନ୍ ଆଗୁଆ ହୋଇ ଯାଇଥିଲା। ୯୦+୧ ମିନିଟରେ ଫେରାନ୍ ଟରେସ୍ ଙ୍କ ପାସ୍ ରୁ ମିକେଲ୍ ମିରୋନା ଗୋଲ୍ ଦେଇ ସ୍ପେନ୍ କୁ ବିଜୟୀ କରିଥିଲେ।

# ଦୟନୀୟ ପ୍ରଦର୍ଶନର ସମୀକ୍ଷା କରିବ ବିସିସିଆଇ : ବଦଳିବ ଗମ୍ଭୀରଙ୍କ ପ୍ରଶିକ୍ଷଣ ଦଳ !

**ମୁମ୍ବାଇ(ଏଜେନ୍ସି) :** ନୈରାଶ୍ୟଜନକ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତ ପରେ ଭାରତର ପ୍ରଶିକ୍ଷକ ଦଳରେ କେତେକ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଜାତୀୟ ସ୍ତରର ଗଣମାଧମରେ ପ୍ରକାଶିତ ଖବର ଅନୁସାରେ ଭାରତୀୟ ପ୍ରଶିକ୍ଷକ ଦଳର ଜଣେ ପ୍ରମୁଖ ସଦସ୍ୟ ନିଜ ପଦ ଛାଡ଼ିପାରନ୍ତି। ତେବେ ସେ ନିଜର ଅସନ୍ତୋଷ ଯୋଗୁଁ କିମ୍ବା ଅନ୍ୟ ଏକ ଦାୟିତ୍ୱ ଗ୍ରହଣ କରିବାକୁ ପଦ ଛାଡ଼ିବେ ତାହା ସ୍ପଷ୍ଟ ହୋଇନାହିଁ। ସେ ବିସିସିଆଇ ସହ ୨+୧ ବର୍ଷିଆ ଚୁକ୍ତି କରିଥିଲେ, ଅର୍ଥାତ୍ ୨ ବର୍ଷ ପରେ ସେ ଚାହିଁଲେ ଆଉ ୧ ବର୍ଷ ବଢାଇପାରିବେ। କିନ୍ତୁ ସେ ଏକ ଆଇପିଏଲ୍ ଦଳର ପ୍ରଶିକ୍ଷକ ଦାୟିତ୍ୱ ପାଇଁ ଆଲୋଚନା ଚଳାଇଥିବାରୁ ଭାରତୀୟ ଦଳ ସହିତ ନିଜର ଚୁକ୍ତି ବଢାଇବାକୁ ଚାହୁଁ ନାହାନ୍ତି। କେବଳ ସେ ନୁହେଁ, ଆଉ ଜଣେ ସହାୟକ କର୍ମଚାରୀ ମଧ ପଦ ଛାଡ଼ିବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ଗସ୍ତ ସାରି ଭାରତ ଫେରିବା ପରେ ଦଳୀୟ ପ୍ରଦର୍ଶନର ସମୀକ୍ଷା କରିବାକୁ ବିସିସିଆଇ ସଂକେତ ଦେଇଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି ଯେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳାରେ ଭାରତୀୟ ଦଳର ପ୍ରଦର୍ଶନ ଉପରେ ନଜର ରଖାଯାଇଛି। ଜୁଲାଇ ୧୯ରେ ଗସ୍ତ ସମାପ୍ତି କରି ଦଳ ଫେରିବା ପରେ ଏହି ଖରାପ ପ୍ରଦର୍ଶନର ସମୀକ୍ଷା କରାଯିବ। ଦଳର କେତେକ ପ୍ରମୁଖ ସଦସ୍ୟଙ୍କୁ ନେଇ ସମୀକ୍ଷା କରାଯିବ। ତେବେ ସେ ସ୍ପଷ୍ଟ କରିଛନ୍ତି ଯେ ଏହା କେବଳ ଏକ ମୋଟାମୋଟି ସମୀକ୍ଷା ହେବ ଓ ତରବରିଆ ଭାବେ କୌଣସି କଠୋର ପଦକ୍ଷେପ ନିଆଯିବ ନାହିଁ। ଅନ୍ତର୍ଜାତୀୟ କ୍ରିକେଟ୍ରେ ଏପରି ଘଟିଥାଏ ଏବଂ ଏହା ଏକ ସ୍ୱାଭାବିକ କଥା। ଆମେ ଏହାକୁ ଏକ ଖରାପ ସମୟଭାବେ ଦେଖୁଛୁ। ତେବେ ଦିନିକିଆ ଶୃଙ୍ଖଳାରେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶାବାଦୀ ଅଛନ୍ତି। ଆୟର୍ଲାଣ୍ଡ ଠାରୁ ଭାରତ ୦-୨ରେ ଶୃଙ୍ଖଳା ହାରିଥିବାବେଳେ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ଏପର୍ଯ୍ୟନ୍ତ ୦-୩ରେ ପଛୁଆ ଅଛି। ଏପରିକି ଏହି ଶୃଙ୍ଖଳାରେ ଭାରତର ଉଭୟ ବ୍ୟାଟିଂ ଓ ବୋଲିଂ ବିଭାଗ ପ୍ରଭାବହୀନ ପ୍ରଦର୍ଶନ କରିଛି।

# ଭାରତୀୟ ବାଳିକା ୫ଏସ୍ ହକି ଶିବିରରେ ଓଡ଼ିଶାରୁ ୪



**ଭୁବନେଶ୍ୱର (ଏନ୍.ଏମ୍.) :** ଓମାନରେ ହେବାକୁ ଥିବା ବାଳିକା ୫ଏସ୍ ହକି ଏସୀୟ ପ୍ରତିଯୋଗିତାକୁ ନଜରରେ ରଖି ଭୋପାଳସ୍ଥିତ ମଧ୍ୟପ୍ରଦେଶ ରାଜ୍ୟ ସୁଟିଂ ଏକାଡେମୀଠାରେ ଚଳିତ ମାସ ୪ରୁ ଆରମ୍ଭ ହୋଇଛି ଭାରତୀୟ ଦଳର ପ୍ରଶିକ୍ଷଣ ଶିବିର। ୧୮ ତାରିଖ ପର୍ଯ୍ୟନ୍ତ ଭାରତ ପୂର୍ବତନ ଅଧିନାୟିକା ରାଣୀଙ୍କ ତତ୍ତ୍ୱାବଧାନରେ ୧୫ ଜଣ ଖେଳାଳିଙ୍କୁ ନେଇ ଏହି ଶିବିର ଚାଲିବ। ଏହି ୧୫ ଜଣିଆ ଦଳରେ ଓଡ଼ିଶାରୁ ୪ ଜଣ ରହିଛନ୍ତି। ସେମାନେ ହେଲେ ରୁବିନା ବକ୍ସଲା, କିରଣ ଏକ୍କା, ସ୍ୱିଟି କୁଜୁର ଓ ପ୍ରିୟଙ୍କା ମିଞ୍ଜ। ଏହି ୪ ଜଣ ୧୮ ବର୍ଷରୁ କମ୍ ଏସୀୟ କପ୍ କାଂସ୍ୟବିଜେତା ଭାରତୀୟ ଦଳର ସଦସ୍ୟ ରହିଥିଲେ।

**ବାଳିକା ଦଳ :** ରଶ୍ମିନ କେର, ରୁବିନା ବକ୍ସଲା, ନାନ୍ସି ସରୋହା, ପୁଷ୍ପା ମାଞ୍ଝି, ଖଲି କୁମାରୀ କିରଣ ଏକ୍କା, ସ୍ୱିଟି କୁଜୁର, ସ୍ନେହା ଦାବ୍‌ଡ଼େ, ନେସିନ୍ ନାଜ, ଶ୍ରୁତି କୁମାରୀ, ନିଲମ ଟପ୍ପୋ, ପ୍ରିୟଙ୍କା ମିଞ୍ଜ, ଦିୟା, ସନ୍ଦୀପା କୁମାରୀ, ମହକ ପରିହାର ରହିଛନ୍ତି।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ